RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-212 ♦WEDNESDAY ♦28 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୧୨ ♦ବୁଧବାର ♦୨୮ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




କଳିଙ୍ଗ ଲାନ୍ସର୍ସ ଚାମ୍ପିଅନ୍

▶ପୃଷ୍ଠା ୧୨ ଦେଖନ୍ତୁ...

## ଆଜିଠାରୁ ସଂସଦର ବଜେଟ ଅଧିବେଶନ

■ ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ଆସନ୍ତାକାଲି ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ଆସନ୍ତା ଫେବ୍ରୁଆରୀ ପହିଲାରେ ସରକାର ୨୦୨୬-୨୭ ବର୍ଷ ଲାଗି ବଜେଟ ଉପସ୍ଥାପନ କରିବେ । ସଂସଦର ଉଭୟ ଗୃହର ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣରୁ ବଜେଟ ଅଧିବେଶନ ଆରମ୍ଭ ହେବ ।

ଏହି ଅଧିବେଶନ କିପରି ସୁରୁଖୁରରେ ଚାଲିପାରିବ, ତା ଉପରେ ଆଲୋଚନା ପାଇଁ ସରକାର ଆଜି ସର୍ବଦଳୀୟ ବୈଠକ ଡାକିଥିଲେ । ବୈଠକରେ ବିଭିନ୍ନ ଦଳର ୨୮ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ୟୁପିଏ ଅମଳର ମନରେଗା (ଜି-ରାମ-ଜି), ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର), ଭାରତର ବୈଦେଶିକ ନୀତି ଏବଂ ୟୁଜିସି ବିବାଦ ଉପରେ ସ୍ୱତନ୍ତ୍ର ଆଲୋଚନା କରିବାକୁ ବିରୋଧୀ ଦଳର ପ୍ରତିନିଧି ଦାବି କରିଥିଲେ । ମାତ୍ର ଏଥିପାଇଁ ସରକାର ରାଜି ହୋଇନଥିଲେ । ସରକାର ସ୍ପଷ୍ଟ କରିଦେଇଥିଲେ ଯେ ବଜେଟ ଅଧିବେଶନରେ କେବଳ ବଜେଟ ସଂକ୍ରାନ୍ତ ପ୍ରସଙ୍ଗ ଉପରେ ହିଁ ଆଲୋଚନା ହେବ । ବିରୋଧୀ ଦଳ ସେମାନଙ୍କର ପ୍ରସଙ୍ଗ ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ▶ପୃଷ୍ଠା-୭



**ବିରୋଧୀଙ୍କ ଜିରାମ୍‌ଜି, ଏସ୍‌ଆଇଆର୍ ଆଲୋଚନା ଦାବିକୁ ସରକାରଙ୍କ ପ୍ରତ୍ୟାଖ୍ୟାନ**

## ଆଉ ଫିଲ୍ମ ପାଇଁ ଗୀତ ଗାଇବେନି ଅରିଜିତ୍

■ ମୁମ୍ବଇ, ୨୭।୧ (ଏଜେନ୍ସି): ଆଉ କୌଣସି ଫିଲ୍ମ ପାଇଁ ଗୀତ ଗାଇବେନି ବଲିଉଡ୍‌ର ସୁପ୍ରସିଦ୍ଧ ଗାୟକ ଅରିଜିତ ସିଂହ । ସାମାଜିକ ଗଣମାଧ୍ୟମରେ ସେ ଏହି ଘୋଷଣା କରି ନିଜର ଲକ୍ଷ ଲକ୍ଷ ପ୍ରଶଂସକଙ୍କୁ ସ୍ତବ୍ଧ କରିଛନ୍ତି । ଅରିଜିତ ନିଜର ପ୍ରଶଂସକମାନଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି ଯେ 'ସମସ୍ତଙ୍କୁ ନବ ବର୍ଷର ଶୁଭେଚ୍ଛା । ଏତେ ବର୍ଷ ହେଲା ଭଲ ପାଇବା ଦେଉଥିବାରୁ ଅଶେଷ ଅଶେଷ ଧନ୍ୟବାଦ । ଏବେ ଆଉ ପ୍ରଚ୍ଛଦପଟ ଗାୟକ ଭାବେ କୌଣସି ଗୀତ ଗାଇବି ନାହିଁ ବୋଲି ଖୁସିର ସହ ଜଣାଇବାକୁ ଚାହୁଁଛି । ଏହି ଯାତ୍ରାକୁ ଏଠାରେ ଶେଷ କରୁଛି । ଏହି ଯାତ୍ରା ବହୁତ ଭଲ ଥିଲା । ଭଗବାନ ବହୁତ ଦୟା କରିଛନ୍ତି ।' ହଠାତ ଅରିଜିତଙ୍କ ଏହି ଘୋଷଣାକୁ ନେଇ ସାରା ଦେଶର ସଂଗୀତପ୍ରେମୀଙ୍କ ମଧ୍ୟରେ ନିରାଶା ସୃଷ୍ଟି କରିଛି । ଏପରିକି ତାଙ୍କ କିଛି ପ୍ରଶଂସକ 'ଆକାଉଣ୍ଟ ହ୍ୟାକ ହୋଇଯାଇଛି କହିଦିଅ' ବୋଲି ଅରିଜିତଙ୍କୁ ଅନୁରୋଧ କରିଛନ୍ତି । ତେବେ ଅରିଜିତ ସ୍ପଷ୍ଟ କରିଛନ୍ତି ଯେ ସେ ସଙ୍ଗୀତ ବନ୍ଦ କରିବେ ନାହିଁ । ଆଗକୁ ଛୋଟ ମୋଟ କଳାକାର ଭାବେ ଶିଖିବା ଜାରି ରଖିବେ । କିଛି ପଡ଼ି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବେ । ଏଥିରୁ କିଛି ଚଳିତ ବର୍ଷ ମୁକ୍ତିଲାଭ କରିପାରେ । ଭଲ ସଙ୍ଗୀତର ପ୍ରଶଂସକ ହୋଇଥିବାରୁ ନିଜ କାମ ଜାରି ରଖିବି ବୋଲି କହିଛନ୍ତି ।



# ଭାରତ-ଇୟୁ ଐତିହାସିକ ବାଣିଜ୍ୟ ଚୁକ୍ତି

## ବଜାର ପାଇବ ଭାରତୀୟ ଉତ୍ପାଦ; ଶସ୍ତା ହେବ ୟୁରୋପୀୟ ସାମଗ୍ରୀ

**୨୭ ୟୁରୋପୀୟ ରାଷ୍ଟ୍ର ସହ ଚୁକ୍ତିନାମା ୨୦୨୭ ମସିହାରୁ ଲାଗୁ**

**୯୪୨୫ ଭାରତୀୟ ସାମଗ୍ରୀ ଉପରୁ ଟିକସ କମାଇବ ୟୁରୋପ**

**ଭାରତରେ କାର୍ ଟିକସ ୧୦%, ମଦ ୨୦%କୁ ଖସିବ**

**ଚୁକ୍ତିକୁ 'ମଦର ଅଫ୍ ଅଲ୍ ଟ୍ରେଡ୍ ଡିଲ' କହିଲେ ପ୍ରଧାନମନ୍ତ୍ରୀ ମୋଦୀ**



■ ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ଦୀର୍ଘ ଦୁଇ ଦଶନ୍ଧିର ଆଲୋଚନା ପରେ ଭାରତ ଓ ୟୁରୋପୀୟ ରାଷ୍ଟ୍ର ସଂଘ(ଇୟୁ) ମଧ୍ୟରେ ସ୍ୱାକ୍ଷରିତ ହୋଇଛି ଐତିହାସିକ ବାଣିଜ୍ୟ ଚୁକ୍ତି । ବିଶ୍ୱର ସର୍ବବୃହତ୍ ବଜାର ଭାରତ ଓ ଦ୍ୱିତୀୟ ସର୍ବବୃହତ୍ ବଜାର ୟୁରୋପ ମଧ୍ୟରେ ଏହି ଚୁକ୍ତିକୁ 'ମଦର ଅଫ୍ ଅଲ୍ ଟ୍ରେଡ୍ ଡ଼ିଲ' ବୋଲି କୁହାଯାଉଛି । ଜାନୁଆରୀ ୨୭ ତାରିଖରେ ଭାରତ ୨୭ଟି ୟୁରେପୀୟ ଦେଶକୁ ନେଇ ଗଠିତ ଇୟୁ ସହ ମୁକ୍ତ ବାଣିଜ୍ୟ ଚୁକ୍ତି କରିଛି । ଏହି ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ଅନୁଯାୟୀ, ଅନେକ ପ୍ରମୁଖ କ୍ଷେତ୍ରରେ ଆମଦାନୀ ଶୁଳ୍କ ହ୍ରାସ ପାଇବ । ୟୁରୋପୀୟ ଦେଶରୁ ଆମଦାନୀ ହେଉଥିବା ମଦ, ଖାଦ୍ୟ ସାମଗ୍ରୀ, ରାସାୟନିକ ପଦାର୍ଥ, ଯନ୍ତ୍ରପାତି, ଔଷଧ, ମହାକାଶ ଏବଂ ଅଟୋମୋବାଇଲ୍ ଯନ୍ତ୍ରାଂଶରୁ ଶୁଳ୍କ ହ୍ରାସ ହେବ ଏବଂ ଭାରତରେ ଏହା କମ୍ ମୂଲ୍ୟରେ ଉପଲବ୍ଧ ହେବ । ଅନ୍ୟପକ୍ଷରେ ଭାରତୀୟ ଉତ୍ପାଦ ପାଇଁ ୟୁରୋପରେ ଅଧିକ ବଜାର ସୃଷ୍ଟି ହେବ । ଦେଶରୁ ୟୁରୋପୀୟ ରାଷ୍ଟ୍ର ସମୂହକୁ ରପ୍ତାନୀ ହେଉଥିବା ପ୍ରାୟ ୯୯% (୯୪୨୫ ସାମଗ୍ରୀ) ଉପରୁ ୟୁରୋପୀୟ ସମୁଦାୟ ଟିକସ ହ୍ରାସ କରିବ କିମ୍ବା ସମ୍ପୂର୍ଣ୍ଣ ବିଲୋପ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଭାରତ ଇତିହାସର ସବୁଠାରୁ ବଡ଼ ବାଣିଜ୍ୟ ଚୁକ୍ତି ବୋଲି ବର୍ଣ୍ଣନା କରିଛନ୍ତି । ୟୁରୋପୀୟ ରାଷ୍ଟ୍ର ସମୂହ ସହ ହୋଇଥିବା ଚୁକ୍ତି ୨୦୨୭ରୁ ଲାଗୁହେବ ବୋଲି ମୋଦୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପସ୍ଥିତିରେ ୟୁରୋପୀୟ କମିସନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର ଲେଏନ୍ ଏବଂ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ଉପରେ ଆଲୋଚନା ଶେଷ କରି ଘୋଷଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଏହି ଚୁକ୍ତି ଅନୁଯାୟୀ, ଭାରତକୁ ଆସୁଥିବା ବିଦେଶୀ ମଦ ଓ ବିୟର (ୟୁରୋପୀୟ ରାଷ୍ଟ୍ର ପ୍ରସ୍ତୁତ) ଶୁଳ୍କ ହ୍ରାସ ହେବ । ବର୍ତ୍ତମାନ ୧୫୦ % ଆମଦାନୀ ଶୁଳ୍କ ୨୦% ପର୍ଯ୍ୟନ୍ତ ହ୍ରାସ ପାଇପାରେ ବୋଲି ଆକଳନ କରାଯାଉଛି । ସେହିପରି ଅଲିଭ୍ ତେଲ, ମାର୍ଜାରିନ୍ ଏବଂ ଅନ୍ୟାନ୍ୟ ଭେଜିଟେବଲ ଅଏଲ ଉପରେ ଶୁଳ୍କ ହ୍ରାସ କିମ୍ବା ବନ୍ଦ ହେବ । ଏହାଛଡା ଇୟୁ ଖାଇବା ତେଲ ଉପରେ ଶୁଳ୍କ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ହଟାଇବ । ଚୁକ୍ତି ପରେ ଭାରତକୁ ଇୟୁଠାରୁ ୫୦୦ ନିୟୁତ ୟୁରୋ ସହାୟତା ମିଳିବ । ଇୟୁ ଭାରତରେ ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ କରିବାରେ ସାହାଯ୍ୟ କରିବ । ଏସବୁବାଦ୍ ଭାରତ ଏବଂ ଇୟୁ ମଧ୍ୟ ସୁରକ୍ଷା ଏବଂ ପ୍ରତିରକ୍ଷା ଉପରେ ▶ପୃଷ୍ଠା-୭

# ସାରା ଦେଶରେ ୟୁଜିସି ନିଆଁ




**ନୂଆ ନିୟମକୁ ବିରୋଧ କରି ବିଭିନ୍ନ ସ୍ଥାନରେ ବିକ୍ଷୋଭ**

**ସୁପ୍ରିମକୋର୍ଟରେ ପହଞ୍ଚିଲା ମାମଲା**

**କୌଣସି ଭେଦଭାବ ହେବ ନାହିଁ: ସରକାର**

■ ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ସାରା ଦେଶରେ ସାଧାରଣ ବର୍ଗର ଛାତ୍ରଛାତ୍ରୀ ଏବଂ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନୂଆ ନିୟମକୁ ବିରୋଧ କରି ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀସ୍ଥିତ ୟୁଜିସି ମୁଖ୍ୟାଳୟ ବାହାରେ ସୁରକ୍ଷା ବୃଦ୍ଧି କରାଯାଇଛି । ବିକ୍ଷୋଭକାରୀଙ୍କୁ କ୍ୟାମ୍ପସ ଭିତରକୁ ନ ଛାଡ଼ିବା ପାଇଁ ବ୍ୟାରିକେଡ ଲଗାଯାଇଛି । ଉତ୍ତର ପ୍ରଦେଶର ଲକ୍ଷ୍ନୌ, ରାଏବରେଲି, ବାରାଣସୀ, ମିରଟ, ପ୍ରୟାଗରାଜ ଓ ସୀତାପୁରରେ ଛାତ୍ରଛାତ୍ରୀ, ଯୁବକ ଓ ବିଭିନ୍ନ ସଂଗଠନ ବିକ୍ଷୋଭରେ ସାମିଲ ହୋଇଛନ୍ତି । ନୂଆ ନିୟମ ଯୋଗୁଁ ସାଧାରଣ ବର୍ଗର ଛାତ୍ରଛାତ୍ରୀ ସର୍ବାଧିକ କ୍ଷତିଗ୍ରସ୍ତ ହେବେ ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏହି ନିୟମର ଅପବ୍ୟବହାରର ଅଧିକ ସମ୍ଭାବନା ରହିଥିବାରୁ ସେମାନଙ୍କ ପାଇଁ ଜୀବନ କଷ୍ଟକର ହୋଇପଡ଼ିବ । ତେବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଫେଇ ଦେବାକୁ ଯାଇ କହିଛନ୍ତି ଯେ କାହା ସହ ଅତ୍ୟାଚାର କିମ୍ବା ଭେଦଭାବ ହେବ ନାହିଁ । ଏହି ଆଇନର ଅପବ୍ୟବହାର କରିପାରିବା ଲାଗି ଅଧିକାର ଦିଆଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ସୂଚନା ଅନୁଯାୟୀ, ଜାନୁଆରୀ ୧୩ରେ ୟୁଜିସି ନୂଆ ନିୟମର ବିଜ୍ଞପ୍ତି ଜାରି କରିଥିଲା । ଏହାର ନାମ 'ଉଚ୍ଚ ଶିକ୍ଷା ପ୍ରତିଷ୍ଠାନରେ ସମାନତା ପ୍ରୋତ୍ସାହନ ନିୟମାବଳୀ, ୨୦୨୬' ରହିଛି । ଏହା ଅଧୀନରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ଜାତିଭିତ୍ତିକ ଭେଦଭାବକୁ ରୋକିବା ପାଇଁ ସ୍ୱତନ୍ତ୍ର କମିଟି, ହେଲ୍‌ପଲାଇନ ନମ୍ବର ଓ ମନିଟରିଂ ଟିମ୍ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଟିମ୍ ଏସ୍‌ସି, ଏସ୍‌ଟି ଓ ଓବିସି ଛାତ୍ରଛାତ୍ରୀଙ୍କ ଅଭିଯୋଗକୁ ବିଶେଷ ଭାବରେ ତଦାରଖ କରିବ । ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ନିରପେକ୍ଷତା ଓ ଉତ୍ତରଦାୟିତ୍ୱ ଆଣିବା ▶ପୃଷ୍ଠା-୭

## ଆଜି ଓଡ଼ିଶା ବନ୍ଦ

■ ଭୁବନେଶ୍ୱର, ୨୭।୧ (ସମିସ): ରାଜ୍ୟରେ ଧାନ ମଣ୍ଡି ଓ ଧାନ ବିକ୍ରିରେ ଅବ୍ୟବସ୍ଥା, ଟୋକନ ଯାତନା, ମଣ୍ଡିରେ କଟନିଛଟନି, ୧୫୦ କ୍ୱିଣ୍ଟାଲ ବିକ୍ରି ପରେ ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ଦିଆ ନ ଯିବା, ପ୍ରଦୂଷଣ ନାମରେ ସାଧାରଣ ଲୋକଙ୍କଠାରୁ ହଜାର ହଜାର ଟଙ୍କାର ଜୋରିମାନା ଆଦାୟ, ସ୍ମାର୍ଟ ମିଟର ବ୍ୟବସ୍ଥା ସହ ଚାଷୀ ନେତାମାନଙ୍କ ଉପରେ ଗୁଣ୍ଡାଙ୍କ ଦ୍ୱାରା ଉପମୁଖ୍ୟମନ୍ତ୍ରୀଙ୍କ ଆକ୍ରମଣର ପ୍ରତିବାଦରେ ବୁଧବାର ନବ ନିର୍ମାଣ କୃଷକ ସଂଗଠନ ଦେଇଛି ଓଡ଼ିଶା ବନ୍ଦ ଡକରା । ସକାଳ ୬ଟାରୁ ୨ଟା ପର୍ଯ୍ୟନ୍ତ ଓଡ଼ିଶା ବନ୍ଦର ଡାକରା ଦିଆଯାଇଥିବା ବେଳେ ଏହି ବନ୍ଦକୁ ରାଜ୍ୟ କଂଗ୍ରେସ, ସିପିଆଇ ଓ ସିପିଆଇ(ଏମ୍)ଙ୍କ ସମେତ ଅନେକ ସଂଗଠନ ସମର୍ଥନ ଜଣାଇଛନ୍ତି । ଏହାସହିତ ଚାଷୀଙ୍କ ସମସ୍ୟା ଯୋଗୁଁ ସଂଗଠନ ରାଜରାସ୍ତାକୁ ଓହ୍ଲାଇଥିବାରୁ ବିଜେଡି ସଂଗଠନକୁ ସାଧୁବାଦ ଜଣାଇଛି ।

**ନବ ନିର୍ମାଣ କୃଷକ ସଂଗଠନର ଡାକରାକୁ କଂଗ୍ରେସ ଓ ବାମ ଦଳଙ୍କ ସମର୍ଥନ, ବିଜେଡିର ସାଧୁବାଦ**

'ଓଡ଼ିଶା ବନ୍ଦ' ଡାକରାକୁ ସଫଳ କରିବା ପାଇଁ ନବନିର୍ମାଣ ଯୁବ ଛାତ୍ର ସଂଗଠନ କଟକ ▶ପୃଷ୍ଠା-୭

## ରାଜଧାନୀରେ ବୋମା ବିସ୍ଫୋରଣ

### ମା', ସାଙ୍ଗ, ବାନ୍ଧବୀ ସହ ଜେଲ ଫେରନ୍ତା ଯୁବକ ଗୁରୁତର

■ ଭୁବନେଶ୍ୱର, ୨୭।୧ (ସମିସ): ଏୟାରଫିଲ୍ଡ ଥାନା ସୁନ୍ଦରପଦା ଆଜାଦ୍ ନଗର ଅଞ୍ଚଳରେ ବୋମା ଭିଡିଲା ବେଳେ ଘଟିଛି ବିସ୍ଫୋରଣ । ବୋମା ଭିଡୁଥିବା ଯୁବକ, ତାଙ୍କ ମା ଓ ୨ ସାଙ୍ଗଙ୍କ ସମେତ ମୋଟ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କୁ ଚିକିତ୍ସା ପାଇଁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ପରେ ସେମାନଙ୍କୁ ଏକ ଘରୋଇ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ପୁଲିସ ତଦନ୍ତ ଆରମ୍ଭ କରିଛନ୍ତି । ଆହତଙ୍କ ମଧ୍ୟରେ ସେହେନୱାଜ୍ ମଲ୍ଲିକ, ତାଙ୍କ ମା', ବାନ୍ଧବୀ ଓ ବନ୍ଧୁ ଅମୀୟ ରଞ୍ଜନ ମଲ୍ଲିକ ଥିବା ସୂଚନା ମିଳିଛି ।

ମିଳିଥିବା ସୂଚନା ମୁତାବକ, ସେହେନୱାଜ୍ ଆଜାଦ୍ ନଗର ଅଞ୍ଚଳରେ ରେହେନୁମା ମଞ୍ଜିଲ୍ ନାମକ ଏକ ୫ ମହଲା ବିଶିଷ୍ଟ ଘରେ ରହୁଥିଲେ । ତଳ ମହଲାଗୁଡ଼ିକୁ ଭଡ଼ାରେ ଦେଇଥିବା ବେଳେ ସବୁଠୁ ଉପର ମହଲା ଓ ଛାତକୁ ସେମାନେ ବ୍ୟବହାର କରୁଥିଲେ । ମଙ୍ଗଳବାର ସନ୍ଧ୍ୟାରେ ରେହେନୁମା ମଞ୍ଜିଲ୍‌ରୁ ଅଚାନକ ବହୁ ଜୋରରେ ଶବ୍ଦ ହୋଇଥିଲା । ଏତେ ଜୋରରେ ଶବ୍ଦ ଶୁଣି କୋଠାରେ ରହୁଥିବା ଅନ୍ୟ ଅନ୍ତେବାସୀ, ସ୍ଥାନୀୟ ଲୋକେ ଘରୁ ବାହାରି ଆସିଥିଲେ । ଏହାର କିଛି ସମୟ ପରେ ଆହତମାନେ ରକ୍ତାକ୍ତ ଅବସ୍ଥାରେ ଜଣ ଜଣ କରି ବାହାରକୁ ବାହାରିଥିଲେ । ସେହେନୱାଜ୍ ଏବଂ ଅମୀୟଙ୍କ ହାତ ଫାଟି ଯାଇଥିବା ବେଳେ ତାଙ୍କ ମା ଓ ବାନ୍ଧବୀ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି ।

ତେବେ ବୋମା ବିସ୍ଫୋରଣ ଘଟଣାକୁ ଲୁଚାଇବାକୁ ଆହତଙ୍କ ପକ୍ଷରୁ ପୁଲିସ ଏବଂ ଅଗ୍ନିଶମ ବିଭାଗକୁ ପ୍ରଥମେ ଗ୍ୟାସ୍ ସିଲିଣ୍ଡର ଫାଟିଲା ବୋଲି ▶ପୃଷ୍ଠା-୭



**ଅଭିଯୁକ୍ତର ନାମରେ ରହିଛି ବହୁ ଅପରାଧିକ ମାମଲା**

**କର୍ପୋରେଟରଙ୍କୁ କରିଥିଲେ ଖଣ୍ଡାରେ ଆକ୍ରମଣ**

**ସ୍କର୍ପିଓ ଗାଡ଼ି ଉପରକୁ କରିଥିଲେ ବୋମାମାଡ଼**

### ଦେବଗଡ଼ରେ ଶିଶୁକନ୍ୟାକୁ ଦୁଷ୍କର୍ମ

## ଲୋକେ ଆତଙ୍କିତ, ବିଚଳିତ: ନବୀନ

■ ଭୁବନେଶ୍ୱର, ୨୭।୧ (ସମିସ): ଦେବଗଡ଼ରେ ଜନୈକ ଶିଶୁକନ୍ୟା ଦୁଷ୍କର୍ମର ଶିକାର ହେବାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଦେଶ ୭୭ତମ ଗଣତନ୍ତ୍ର ଦିବସ ପାଳନ କରୁଥିବା ବେଳେ ଦେବଗଡ଼ରେ ୫ ବର୍ଷର ଶିଶୁକନ୍ୟା ଦୁଷ୍କର୍ମର ଶିକାର ହେବା ଅତ୍ୟନ୍ତ ଦୁଃଖଦ ଓ ସ୍ୱର୍ଶକାତର ବିଷୟ ବୋଲି ସେ କହିଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରି ନବୀନ କହିଛନ୍ତି, ପ୍ରତିଦିନ ରାଜ୍ୟରେ ବଢୁଥିବା ଦୁଷ୍କର୍ମ ପରି ବୀଭତ୍ସ ଘଟଣା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସାଧାରଣ ଜନତାଙ୍କୁ ଆତଙ୍କିତ ଏବଂ ବିଚଳିତ କରୁଛି । ସାଧାରଣତନ୍ତ୍ର ଦିବସରେ ସମୃଦ୍ଧ, ବିକଶିତ ଓଡ଼ିଶା ଗଠନ ନେଇ ସରକାର ବଡ଼ ଭାଷଣ ▶ପୃଷ୍ଠା-୭



**ଅତ୍ୟନ୍ତ ଦୁଃଖଦ ଓ ସ୍ୱର୍ଶକାତର ବିଷୟ**

**କଠୋର କାର୍ଯ୍ୟାନୁଷ୍ଠାନ ଦାବି**






**ନାମକୁ ମାତ୍ର 'ସ୍ୱୟଂଶାସିତ'**

## ମାନ୍ୟତା ହରାଇଲେଣି ୨୯ରୁ ୨୭

■ ଭୁବନେଶ୍ୱର, ୨୭ ।୧ (ସମିସ): ସ୍ୱୟଂଶାସିତ କଲେଜ ଦାବି କରୁଥିବା ରାଜ୍ୟର ଦୁଇ ଡ଼ଜନରୁ ଊର୍ଦ୍ଧ୍ୱ କଲେଜ ମାନ୍ୟତା ହରାଇ ସାରିଲେଣି । ତଥାପି ନିଜକୁ ସ୍ୱୟଂଶାସିତ ବୋଲି ଏହି କଲେଜଗୁଡ଼ିକ ଦାବି କରୁଛନ୍ତି । ବିଡ଼ମ୍ବନା ହେଉଛି କେବଳ ୨ଟି କଲେଜକୁ ଛାଡ଼ି ୨୯ରୁ ୨୭ଟି କଲେଜ ଏବେ କେବଳ ସ୍ୱଘୋଷିତ 'ସ୍ୱୟଂଶାସିତ' ହୋଇ ରହିଛନ୍ତି । ବୈଧ ମାନ୍ୟତା ପ୍ରମାଣପତ୍ର ଅବଧି ଶେଷ ହୋଇ ଯାଇଥିବାରୁ ବସ୍ତୁତଃ ଏହି କଲେଜଗୁଡ଼ିକୁ ସ୍ୱୟଂଶାସିତ କୁହାଯାଇ ପାରିବ ନାହିଁ । ଯାହାକୁ ନେଇ ଛାତ୍ର ଓ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । କିଛି ଶିକ୍ଷାବିତ୍ ଏହି ଭୟଙ୍କର ଶୈକ୍ଷିକ ଠକେଇ ବିରୋଧରେ ଅଦାଲତ ଯିବାକୁ ସଜବାଜ ହୋଇଛନ୍ତି ।

ସୂଚନା ଅନୁସାରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ମୋଟ୍ ୨୯ ସ୍ୱୟଂଶାସିତ ରହିଛି । ତନ୍ମଧ୍ୟରୁ ୨୭ ଟି ଅର୍ଥାତ ୯୩% ମହାବିଦ୍ୟାଳୟର ମାନ୍ୟତା ସରି ଯାଇଛି । ଏପରିକି ସବୁଠୁ ପ୍ରତିଷ୍ଠିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) କଲେଜ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଦକ୍ଷିଣ ଓଡ଼ିଶା ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମୋଟ୍ ୨୭ ଟି କଲେଜର ମାନ୍ୟତା ଅବଧି ଶେଷ ହୋଇଥିବା ଜଣାପଡ଼ିଛି ।

**୬ ପ୍ରମୁଖ ବିଶ୍ୱବିଦ୍ୟାଳୟ ଓ ବିଜେବି କଲେଜର ନାହିଁ ସ୍ୱୟଂଶାସିତ ମାନ୍ୟତା**

**ପରୀକ୍ଷା ଓ ପରିଚାଳନାର ବୈଧତାକୁ ନେଇ ଅଭିଭାବକ ମହଲରେ ପ୍ରଶ୍ନ**

**ଅଧ୍ୟକ୍ଷ ଓ ପରୀକ୍ଷା ନିୟନ୍ତ୍ରକଙ୍କୁ ନେଇ ଉଚ୍ଚଶିକ୍ଷା ବିଭାଗର ଜରୁରୀ ବୈଠକ**

ସ୍ୱୟଂଶାସିତ ମାନ୍ୟତା ସରିଯାଇଥିବା ରାଜ୍ୟର ୩୬ଟି ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାନୁଷ୍ଠାନର ତାଲିକା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଜାରି କରିବା ପରେ ଉଚ୍ଚଶିକ୍ଷା ବିଭାଗର ଚେତା ପଶିଛି ।୨୯ଟି ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରୁ ୨୭ ଟିର ମାନ୍ୟତା ନବୀକରଣ କରିବାକୁ ବିଭାଗ ଜରୁରୀ ବୈଠକ ମଧ୍ୟ ଡ଼ାକିଛନ୍ତି । କିଛି ମହାବିଦ୍ୟାଳୟ ମାନ୍ୟତା ନବୀକରଣ ପାଇଁ ଆବେଦନ କରିଥିବାବେଳେ ଅନେକ ଦୀର୍ଘ ବର୍ଷ ଧରି ଆବେଦନ କରୁ ନାହାନ୍ତି । ମାନ୍ୟତା ନ ଥିବା ସତ୍ତ୍ୱେ ସ୍ୱୟଂଶାସିତ ଭାବେ ପରୀକ୍ଷା ପରିଚାଳନା କରୁଥିବାରୁ ଏହି ପରୀକ୍ଷାର ବୈଧତା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ୟୁଜିସି କିଛି କଠୋର ନିଷ୍ପତ୍ତି ନେଲେ ରାଜ୍ୟର ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରତି କଳା ବାଦଲ ଛାଇଯିବାର ଆଶଙ୍କା ରହିଛି । ଏଣୁ ଏହା ପୂର୍ବରୁ ମାନ୍ୟତା ନବୀକରଣ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱାରୋପ କରିଛି । ମାନ୍ୟତା ନ ଥିବା ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ପରୀକ୍ଷା ନିୟନ୍ତ୍ରକଙ୍କ ସହ ବୈଠକ କରିଛି । ବିଭାଗୀୟ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟତା ନବୀକରଣ ପାଇଁ ଆବେଦନ କରି ନ ଥିବା ମହାବିଦ୍ୟାଳୟଗୁଡ଼ିକୁ ତାଗିଦ ▶ପୃଷ୍ଠା-୭







# ସାଧାରଣତନ୍ତ୍ର ଦିବସରେ ଭାରତର ଶକ୍ତି ପ୍ରଦର୍ଶନ

ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ଦେଶବାସୀ ବହୁ ଉତ୍ସାହର ସହ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିଛନ୍ତି। ଏହି ଅବସରରେ ଦିଲ୍ଲୀର କର୍ତ୍ତବ୍ୟ ପଥରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପତାକା ଉତ୍ତୋଳନ କରିଛନ୍ତି। ଏହି ଅବସରରେ ଗ୍ରୁପ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଳାଙ୍କୁ ଅଶୋକ ଚକ୍ରରେ ସମ୍ମାନିତ କରିଥିଲେ। ପ୍ରଥମ ଥର ପାଇଁ ସାଧାରଣତନ୍ତ୍ର ଦିବସରେ ଦୁଇ ମୁଖ୍ୟ ଅତିଥି ହୋଇଛନ୍ତି। ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ କମିଶନର ଅଧ୍ୟକ୍ଷା ଉର୍ସୁଲା ଭାନ ଡେରେ ଲେୟନ ଭାରତର ନିମନ୍ତ୍ରଣ ରକ୍ଷା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦୁଇ ମୁଖ୍ୟ ଅତିଥିଙ୍କ ସହ ରାଷ୍ଟ୍ରପତି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରପତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏଠାରେ ରାଷ୍ଟ୍ରପତିଙ୍କୁ ୨୧ ତୋପ ସଲାମୀ ଦିଆଯାଇଥିଲା। ପରେଡ୍‌ରେ ରାଷ୍ଟ୍ରପତି ଅଭିବାଦନ ଗ୍ରହଣ କରିଥିଲେ। ଏହି ପରେଡରେ ଭାରତର ଶକ୍ତି ଏବଂ ସାମର୍ଥ୍ୟ ପ୍ରଦର୍ଶନ କରାଯାଇଥିଲା। ଭାରତର ବିକାଶ ଯାତ୍ରା, ସାଂସ୍କୃତିକ ବିବିଧତା, ସ୍ୱର୍ଣ୍ଣିମ ଇତିହାସ ଏବଂ ସାମରିକ ଶକ୍ତି ସାରା ବିଶ୍ୱ ଦେଖିଥିଲା। ପ୍ରାୟ ୯୦ ମିନିଟ୍ ଧରି ଚାଲିଥିବା ପରେଡ୍‌ରେ ତିନି ସେନା ନିଜ ଶକ୍ତି ପ୍ରଦର୍ଶନ କରିଥିଲା। ରାଫେଲ୍, ଜାଗୁଆର, ମିଗ-୨୯, ସୁଖୋଇ, ସି-୧୩୦ ଓ ସି-୨୯୫ ବିମାନ ଗର୍ଜନ କରିଥିଲା। ଏହି ବିମାନ ସିନ୍ଦୁର, ବଜ୍ରାଙ୍ଗ, ଅର୍ଜନ ଏବଂ ପ୍ରହାର ଗଠନ କରିଥିଲେ। ପ୍ରଥମ ଥର ପାଇଁ ହାଇପରସୋନିକ୍ କ୍ଷେପଣାସ୍ତ୍ରର ଝଲକ ଦେଖିବାକୁ ମିଳିଥିଲା। ପାକିସ୍ତାନ ସୀମାରେ ନିୟୋଜିତ ବାକ୍ଟ୍ରିୟାନ୍ ଓଟମାନଙ୍କୁ ମଧ୍ୟ ପରେଡ୍‌ରେ ସାମିଲ କରାଯାଇଥିଲା। ପ୍ରଥମ ଥର ପାଇଁ ଦୁଇଟି କୁଜ ବିଶିଷ୍ଟ ଓଟ ଏବଂ ଶାଗୁଣା ପରେଡରେ ସାମିଲ ହୋଇଥିଲେ।

ଏହି ପରେଡରେ ୧୭ ରାଜ୍ୟରୁ ତିରିଶ ପ୍ରଜ୍ଞାପନ ମେଢ଼ ଅଂଶଗ୍ରହଣ କରିଥିଲା। ଭୈରବ ବାଟାଲିଅନ୍ ପ୍ରଥମ ଥର ପାଇଁ ସାହସିକତା ପ୍ରଦର୍ଶନ କରିଥିଲା। ମହିଳା ଅଗ୍ନିବୀରମାନେ ବାୟୁସେନା ମାର୍ଚ୍ଚିଂ ବ୍ୟାଣ୍ଡରେ ଅଂଶଗ୍ରହଣ କରିଥିଲେ। ସିନିୟର ୱିଙ୍ଗ ଗାର୍ଲ୍ସର କମାଣ୍ଡର ସିନିୟର ଅଣ୍ଡର ଅଫିସର ମାନସୀ ବିଶ୍ୱକର୍ମା ୧୪୮ ଜଣ ବାଳିକା କ୍ୟାଡେଟଙ୍କ ଏକ ଏନସିସି କଣ୍ଟିଜେଣ୍ଟର ନେତୃତ୍ୱ ନେଇଥିଲେ। ମହିଳା ଯବାନ ଚଳନ୍ତା ବାଇକରେ ୧୮ ଫୁଟର ଉଚ୍ଚ ସିଡ଼ି ଚଢ଼ି କଳାକୌଶଳ ପ୍ରଦର୍ଶନ କରିଥିଲେ।







## ମହାକାଳେଶ୍ୱର ମନ୍ଦିରରେ ଭିଆଇପି ବ୍ୟବସ୍ଥା ଚାଲିବ

ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ବାବା ମହାକାଳଙ୍କ ମନ୍ଦିରରେ ଥିବା ଭିଆଇପି ଦର୍ଶନ ପ୍ରଥାକୁ ସୁପ୍ରିମ୍‌କୋର୍ଟ କାଏମ ରଖିଛନ୍ତି। ଏହା ବିରୋଧରେ ଦାଏର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ମଧ୍ୟପ୍ରଦେଶ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ଏହି ଆବେଦନ କରାଯାଇଥିଲା। ଏହା କୋର୍ଟଙ୍କ କାର୍ଯ୍ୟ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ମହାକାଳେଶ୍ୱର ମନ୍ଦିରର ଗର୍ଭଗୃହରେ ସାଧାରଣ ଓ ଭିଆଇପି ଭକ୍ତଙ୍କ ମଧ୍ୟରେ ଭେଦଭାବ ନ କରି ଦର୍ଶନ ପାଇଁ ସମସ୍ତ ଭକ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରିବାକୁ ଆବେଦନକାରୀ ଦର୍ପଣ ଅବସ୍ଥି ଦାବି କରିଥିଲେ।

## ଅଭିନେତା ବିଜୟଙ୍କୁ ଝଟ୍‌କା

ଚେନ୍ନଇ, ୨୭।୧ (ଏଜେନ୍ସି):ଦକ୍ଷିଣ ଭାରତୀୟ ସୁପରଷ୍ଟାର ବିଜୟ ଥଲପତିଙ୍କୁ ବଡ଼ ଝଟ୍‌କା ଲାଗିଛି। ତାଙ୍କର ଶେଷ ତଥା ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଜନ ନାୟଗନ'ର ମୁକ୍ତିଲାଭ ନେଇ ଏବେ ବି ସଂଶୟ ଜାରି ରହିଛି। ଏହି ଚଳଚ୍ଚିତ୍ରକୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଟ୍ (ସିବିଏଫ୍‌ସି)କୁ ଚଳଚ୍ଚିତ୍ରକୁ ୟୁଏ ସାର୍ଟିଫିକେଟ୍ ପ୍ରଦାନ ପାଇଁ ଏକକ ଖଣ୍ଡପୀଠ ଦେଇଥିବା ନିର୍ଦ୍ଦେଶକୁ ଆଜି ମାଡ୍ରାସ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ମୁଖ୍ୟ ବିଚାରପତି ମନୀନ୍ଦ୍ର ମୋହନ ଶ୍ରୀବାସ୍ତବ ଏବଂ ବିଚାରପତି ଜି. ଅରୁଲ ମୁରୁଗାନଙ୍କ ଡିଭିଜନ ବେଞ୍ଚ ମାମଲାକୁ ପୁଣି ଥରେ ଏକକ ବିଚାରପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ସେନ୍ସର ବୋର୍ଡକୁ ପକ୍ଷ ଉପସ୍ଥାପନ କରିବା ପାଇଁ ପୂର୍ଣ୍ଣ ସୁଯୋଗ ଦିଆଯିବା ଉଚିତ ଥିଲା ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ ଯେ ନିର୍ଦ୍ଦେଶକ ଏଚ୍. ବିନୋଦଙ୍କ ଏହି ଚଳଚ୍ଚିତ୍ର ଜାନୁଆରୀ ୯ରେ ମୁକ୍ତିଲାଭ କରିବାକୁ ଥିଲା। ମାତ୍ର ସିବିଏଫସି , ଶେଷ ମୁହୂର୍ତ୍ତରେ ଏହି ପ୍ରକ୍ରିୟାକୁ ବନ୍ଦ କରିଦେଇଥିଲା। ଗତ ୯ ତାରିଖରେ ଏକକ ବିଚାରପତି ପି.ଟି. ଆଶା ପ୍ରଯୋଜକ କେଭିଏନ ପ୍ରଡକ୍ସନ୍ସ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନ ଉପରେ ସିବିଏଫସିକୁ ପ୍ରମାଣପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଦୁଃସ୍ୱପ୍ନ ପାଲଟିଲା ମନାଲି

ମନାଲି, ୨୭।୧ (ଏଜେନ୍ସି): ବରଫ ଆଚ୍ଛାଦିତ ଧଳା ପାହାଡ଼ ଦେଖିବାକୁ ବହୁ ଆଶା ନେଇ ଯାଇଥିବା ଯାତ୍ରୀଙ୍କ ପାଇଁ ହିମାଚଳ ପ୍ରଦେଶର ମନାଲୀ ଦୁଃସ୍ୱପ୍ନ ପାଲଟି ଯାଇଛି। ପର୍ଯ୍ୟଟକଙ୍କ ସହିତ ଗାଡ଼ି ମୋଟର ସଂଖ୍ୟା ବଢୁଥିବାରୁ ମନାଲିରେ ପ୍ରବେଶ କରିବା କଷ୍ଟସାଧ୍ୟ ହୋଇଯାଇଛି। ସଦ୍ୟ ତୁଷାରପାତ ମଧ୍ୟରେ ହିମାଚଳ ହିମ ଆଚ୍ଛାଦିତ ହୋଇଥିବାବେଳେ ପର୍ଯ୍ୟଟକ ୨୪ ଘଣ୍ଟା ହେଲା ରାସ୍ତାରେ ଫସି ରହିଛନ୍ତି। ସେମାନେ ନା ଆଗକୁ ଯାଇ ପାରୁଛନ୍ତି




ନା ପଛକୁ। ଦିଲ୍ଲୀ, ଗୁରୁଗ୍ରାମ, ଚଣ୍ଡିଗଡ଼ରୁ ଯାଇଥିବା ଅନେକ ଲୋକ ଗାଡ଼ି ଭିତରେ ଫସି ରହି ଟ୍ରାଫିକ ଫାଙ୍କା ହେବାକୁ ଅପେକ୍ଷା କରିଛନ୍ତି। ଜାତୀୟ ରାଜପଥ ଜାମ ଥିବାବେଳେ ହୋଟେଲଗୁଡ଼ିକ ବି ଫାଙ୍କା ନାହିଁ। ପ୍ରବଳ ତୁଷାରପାତ ମନାଲୀର ଜୀବନଯାତ୍ରାକୁ ଠପ୍ କରିଦେଇଛି। ଫଳରେ ଶହ ଶହ ପର୍ଯ୍ୟଟକ ଭୀଷଣ ଶୀତରେ ଥରୁଛନ୍ତି।

## ଯନ୍ତ୍ରଣାଦାୟକ ଦଣ୍ଡ ନ ଦେଲେ ଏସିଡ ଆକ୍ରମଣ ବନ୍ଦ ହେବନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୭।୧ (ଏଜେନ୍ସି): ଏସିଡ ଆକ୍ରମଣ ମାମଲାରେ ଦୋଷୀଙ୍କୁ କଡ଼ା ଦଣ୍ଡ ଦେବା ଉଚିତ। ଅଭିଯୁକ୍ତଙ୍କୁ ଯନ୍ତ୍ରଣାଦାୟକ ଦଣ୍ଡ ନ ଦେବା ପର୍ଯ୍ୟନ୍ତ ଏଭଳି ଅପରାଧ ବନ୍ଦ ହେବନାହିଁ। ଏଭଳି ମାମଲାରେ ସୁଧାରବାଦୀ ଦଣ୍ଡ ସିଦ୍ଧାନ୍ତର କୌଣସି ସ୍ଥାନ ନାହିଁ। ଏସିଡ ଆକ୍ରମଣ ମାମଲାର ଟ୍ରାଏଲରେ ବିଳମ୍ବ ହେବା ଯୋଗୁଁ ନ୍ୟାୟ ବ୍ୟବସ୍ଥାର ଉପହାସ ହେଉଛି। ଏହି ସବୁ ମାମଲାରେ ଯୌତୁକ ହତ୍ୟା ଭଳି ଅଭିଯୁକ୍ତଙ୍କୁ ନିଜଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ ପଡ଼ିପାରେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ତେଣୁ ଏସିଡ ଆକ୍ରମଣକୁ ନେଇ କଠୋର ଆଇନ ଆଣିବାକୁ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଆର ମହାଦେବନ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ କେନ୍ଦ୍ର ସରକାର ଆଇନ ବଦଳାଇବା ଉପରେ ବିଚାର କରନ୍ତୁ। ଏହାକୁ ନେଇ ସୁପ୍ରିମକୋର୍ଟ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ମାମଲାର ରିପୋର୍ଟ ମାଗିଛନ୍ତି। ଏଭଳି ମାମଲା, କୋର୍ଟରେ ମାମଲାର ସ୍ଥିତି ଏବଂ ପୀଡ଼ିତାଙ୍କ ପୁନର୍ବାସ ସମ୍ବନ୍ଧିତ ସୂଚନା ସାମିଲ ରହିଛି। ସିଜେଆଇ କହିଥିଲେ ଯେ ଦୋଷୀଙ୍କ ସମ୍ପତ୍ତି ଜବତ କରି କ୍ଷତିପୂରଣ ଆଦାୟ ଉପରେ କାହିଁକି ବିଚାର କରାଯାଉ? ପୀଡ଼ିତଙ୍କୁ ଦିବ୍ୟାଙ୍ଗ ଶ୍ରେଣୀରେ ରଖି ସରକାରୀ ଯୋଜନାର ଲାଭ କାହିଁକି ନ ଦିଆଯିବ ବୋଲି ପ୍ରଶ୍ନ କରିଛନ୍ତି।

# ବଢୁଛି ସରକାର-ଶଙ୍କରାଚାର୍ଯ୍ୟ ବିବାଦ

■ ପ୍ରମାଣ ମାଗି ପ୍ରଶାସନ ମର୍ଯ୍ୟାଦା ଭାଙ୍ଗିଛି: ଉମା ଭାରତୀ
■ ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ଏହା କହିଦିଅନ୍ତୁ: ଶଙ୍କରାଚାର୍ଯ୍ୟ
■ ଅବିମୁକ୍ତେଶ୍ୱରାନନ୍ଦଙ୍କ ସମର୍ଥନରେ ଫଳାହାରୀ ବାବା
■ ରକ୍ତରେ ଲେଖିଲେ ଚିଠି
■ ମୁଖ୍ୟମନ୍ତ୍ରୀଙ୍କ ସମର୍ଥନରେ ଅଧିକାରୀଙ୍କ ଇସ୍ତଫା



ପ୍ରୟାଗରାଜ, ୨୭।୧ (ଏଜେନ୍ସି): ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ଏବଂ ମାଘ ମେଳା ପ୍ରଶାସନ ମଧ୍ୟରେ ଚାଲିଥିବା ବିବାଦ ସରକାରଙ୍କ ପାଇଁ ସମସ୍ୟା ପାଲଟି ଯାଇଛି। ଏହାକୁ ନେଇ ସରକାରରେ ଫାଟ ସୃଷ୍ଟି ହୋଇଛି। ଗୋଟିଏ ଗୋଷ୍ଠୀ ଶଙ୍କରାଚାର୍ଯ୍ୟଙ୍କ ସମର୍ଥନରେ ବାହାରିଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ପ୍ରଶାସନକୁ ସମର୍ଥନ କରୁଛି। ଏହାକୁ ନେଇ ଅଡୁଆ ଖିଅ ବଢ଼ିବାରେ ଲାଗିଛି। ଶଙ୍କରାଚାର୍ଯ୍ୟଙ୍କ ସମର୍ଥନରେ ଜଣେ ସରକାରୀ ଅଧିକାରୀ ଇସ୍ତଫା ଦେଇଥିବାବେଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମର୍ଥନ କରି ଅନ୍ୟ ଜଣେ ଅଧିକାରୀ ପଦ ଛାଡ଼ିଛନ୍ତି। ଏହି ବିବାଦର ଫାଇଦା ଉଠାଇ ଶଙ୍କରାଚାର୍ଯ୍ୟଙ୍କ ମୁହଁରେ ନିଜର ପ୍ରଶଂସା ଶୁଣି ଉପ-ମୁଖ୍ୟମନ୍ତ୍ରୀ କେଶବ ମୌର୍ଯ୍ୟ ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁଛନ୍ତି। ମାତ୍ର ଯୋଗୀଙ୍କ ପ୍ରଶାସନ ନିଇଁବାକୁ ନା ଧରୁନାହାନ୍ତି। ଏବେ ବିଜେପିର ଫାୟାର ବ୍ରାଣ୍ଡ ନେତ୍ରୀ ଉମା ଭାରତୀ ଶଙ୍କରାଚାର୍ଯ୍ୟଙ୍କ ସମର୍ଥନରେ ବାହାରିଛନ୍ତି। ସେ କହିଛନ୍ତି ଯେ ଶଙ୍କରାଚାର୍ଯ୍ୟଙ୍କୁ ପ୍ରମାଣ ମାଗି ପ୍ରଶାସନ ମର୍ଯ୍ୟାଦା ଭାଙ୍ଗିଛି। ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ମଧ୍ୟ ଏହାର ଜବାବ ଦେଇଛନ୍ତି। ଏହି କଥା ଯୋଗୀଙ୍କୁ ଜଣାଇଦେବାକୁ ଉମାଙ୍କୁ କହିଛନ୍ତି।

ଏହା ମଧ୍ୟରେ ଶ୍ରୀକୃଷ୍ଣ ଜନ୍ମଭୂମି ମନ୍ଦିର ମାମଲାର ମୁଖ୍ୟ ଆବେଦନକାରୀ ଦିନେଶ ଫଳାହାରୀ ବାବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ରକ୍ତରେ ଚିଠି ଲେଖିଛନ୍ତି। ସେ ଦାବି କରିଛନ୍ତି ଯେ ଗଙ୍ଗାରେ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ସମ୍ମାନଜନକ ସ୍ନାନ ପାଇଁ ବ୍ୟବସ୍ଥା କରାଯାଉ। ଅଧିକାରୀମାନଙ୍କୁ କ୍ଷମା ମାଗିବାକୁ ନିର୍ଦ୍ଦେଶ ଦିଆଯାଉ। ସୂଚନା ଅନୁଯାୟୀ, ମାଘ ମେଳା ପ୍ରଶାସନ ଏବଂ ଶଙ୍କରାଚାର୍ଯ୍ୟଙ୍କ ମଧ୍ୟରେ ୧୦ ଦିନ ଧରି ଚାଲିଥିବା ବିବାଦ ଅମଲାତନ୍ତ୍ର ପର୍ଯ୍ୟନ୍ତ ପହଞ୍ଚିଛି। ଅଯୋଧ୍ୟାର ଜିଏସଟି ଡେପୁଟି କମିଶନର ପ୍ରଶାନ୍ତ କୁମାର ସିଂହ ଯୋଗୀଙ୍କ ସମର୍ଥନରେ ଇସ୍ତଫା ଦେଇଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଶଙ୍କରାଚାର୍ଯ୍ୟ ବ୍ୟବହାର କରିଥିବା ଅପମାନଜନକ ଭାଷାରେ ସେ ଆଘାତ ପାଇଛନ୍ତି। ଆଉ ଏହି ଅପମାନ ସେ ସହ୍ୟ କରିପାରିବେ ନାହିଁ। ଅନ୍ୟପଟେ ଅଯୋଧ୍ୟା କ୍ୟାଣ୍ଟନମେଣ୍ଟ ଧାମର ପରମହଂସ ମହାରାଜ କହିଛନ୍ତି ଯେ ଅବିମୁକ୍ତେଶ୍ୱରାନନ୍ଦ ଏବଂ ସତୁଆ ବାବା ମାଘ ମେଳାକୁ ବଦନାମ କରିଛନ୍ତି। ଉଭୟଙ୍କୁ ମାଘ ମେଳାରେ ପ୍ରବେଶ କରିବାରୁ ନିଷେଧ କରାଯିବା ଉଚିତ। ଶଙ୍କରାଚାର୍ଯ୍ୟଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ (ଏନଏସଏ) ଅନୁଯାୟୀ ମାମଲା ରୁଜୁ କରାଯିବା ଉଚିତ।

ଏହା ପୂର୍ବରୁ ବରେଲିର ସିଟି ମାଜିଷ୍ଟ୍ରେଟ୍ ଅଲଙ୍କାର ଅଗ୍ନିହୋତ୍ରୀ ଅବିମୁକ୍ତେଶ୍ୱରାନନ୍ଦଙ୍କ ସମର୍ଥନରେ ଇସ୍ତଫା ଦେଇଛନ୍ତି। ଆଜିର ଲଢ଼େଇ ହିନ୍ଦୁ ଏବଂ ମୁସଲମାନ କିମ୍ବା ବ୍ରିଟିଶ ଏବଂ ଭାରତୀୟଙ୍କ ମଧ୍ୟରେ ନୁହେଁ, ବରଂ ନକଲି ଏବଂ ପ୍ରକୃତ ହିନ୍ଦୁଙ୍କ ମଧ୍ୟରେ ବୋଲି ସେ କହିଛନ୍ତି। ଅନ୍ୟପଟେ ଦ୍ୱାରକା ଶାରଦା ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ କହିଛନ୍ତି ଯେ ଅବିମୁକ୍ତେଶ୍ୱରାନନ୍ଦଙ୍କ ସମର୍ଥନରେ ତିନି ଜଣ ଶଙ୍କରାଚାର୍ଯ୍ୟ ଅଛନ୍ତି। ତାଙ୍କ ପ୍ରମାଣପତ୍ର ଦାବି କରିବାକୁ ପ୍ରଶାସନ କିଏ? ଏହାର କୌଣସି ଅଧିକାର ନାହିଁ। ପ୍ରଶାସନ ନିରୀହ ବ୍ରାହ୍ମଣମାନଙ୍କୁ ଯେଉଁ ନିର୍ମମତା ସହିତ ଆକ୍ରମଣ କରିଛି ତାହା ଅତ୍ୟନ୍ତ ନିନ୍ଦନୀୟ।

## ଆମେରିକାକୁ ପରମାଣୁ ତଥ୍ୟ ବିକିଥିଲେ ଚୀନ୍ ଜେନେରାଲ




ୱାସିଂଟନ, ୨୭।୧ (ଏଜେନ୍ସି): ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ହଟାଇବା ପାଇଁ ଷଡ଼ଯନ୍ତ୍ର କରିଥିବା ଚୀନ୍‌ର କେନ୍ଦ୍ରୀୟ ସାମରିକ କମିଶନ (ସିଏମସି)ର ଉପାଧ୍ୟକ୍ଷ ଝାଙ୍ଗ୍ ୟୁସିଆଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଛି। ସେ ଚୀନ୍‌ର ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପର୍କିତ ଗୁପ୍ତ ସୂଚନା ଆମେରିକାକୁ ଲିକ୍ କରିଥିବା ଅଭିଯୋଗ ଲାଗିଛି। ଏହାକୁ ନେଇ ଗତ ୨୪ ତାରିଖରେ ଝାଙ୍ଗ୍‌ଙ୍କୁ ତାଙ୍କ ପଦରୁ ହଟାଇ ଦିଆଯାଇଥିଲା। ଚୀନ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ତାଙ୍କ ଉପରେ ଶୃଙ୍ଖଳା ଏବଂ ଆଇନର ଗମ୍ଭୀର ଉଲ୍ଲଂଘନ କରିଥିବା ଅଭିଯୋଗ ଲଗାଇଛି। ସିଏମସି ଭିତରେ ଏକ ଗୋଷ୍ଠୀ ଗଠନ କରିବା ଏବଂ ଦଳ ମଧ୍ୟରେ ବିଭାଜନ ସୃଷ୍ଟି କରିବାର ମଧ୍ୟ ଅଭିଯୋଗ ତାଙ୍କ ବିରୋଧରେ ଲାଗିଛି। ରିପୋର୍ଟ ଅନୁଯାୟୀ, ଚୀନ୍ ଜାତୀୟ ପରମାଣୁ ନିଗମର ପୂର୍ବତନ ମହାପ୍ରବନ୍ଧକ ଗୁଜୁନ୍ ଝାଙ୍ଗଙ୍କ ବିରୋଧରେ ପ୍ରମାଣ ପ୍ରଦାନ କରିଛନ୍ତି। କମ୍ୟୁନିଷ୍ଟ ପାର୍ଟି ଫାଟ ସୃଷ୍ଟି ପାଇ ଉଦ୍ୟମ କରିଥିବାରୁ ଗୁ ଜୁନ୍‌ଙ୍କ ବିରୋଧରେ ମଧ୍ୟ ତଦନ୍ତ କରାଯାଉଛି।

ସୂଚନା ଅନୁଯାୟୀ, ଜିନପିଙ୍ଗଙ୍କୁ କ୍ଷମତାଚ୍ୟୁତ କରିବାର ଷଡ଼ଯନ୍ତ୍ର ପଛରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହାତ ରହିଛି। ଜିନପିଙ୍ଗଙ୍କୁ କ୍ଷମତାରୁ ହଟାଇବା ପାଇଁ ତାଙ୍କର ବିଶ୍ୱସ୍ତ ଶୀର୍ଷ ଜେନେରାଲଙ୍କ ସହ ଟ୍ରମ୍ପ ଗୁପ୍ତ ବୁଝାମଣା କରିଥିଲେ। ସେ ବେଜିଂର ପରମାଣୁ ଗୁପ୍ତ ତଥ୍ୟ ଆମେରିକା ଦେଇଥିବା କୁହାଯାଉଛି। ଏବେ ବିସ୍ତାରବାଦୀ ଚୀନ୍ ଆଉ ଜଣେ ବିସ୍ତାରବାଦୀଙ୍କ ଫାସରେ ପଡ଼ି ଯାଇଛନ୍ତି। ଟ୍ରମ୍ପ ତାଙ୍କ ଗୁପ୍ତଚରଙ୍କୁ ସି ଜିନପିଙ୍ଗଙ୍କ ନିକଟରେ ରଖିଛନ୍ତି। ଆମେରିକାର ଗୁପ୍ତଚର ସଂସ୍ଥା ସିଆଇଏ ଚୀନ୍‌ରେ ବଡ଼ ଅଭିଯାନ ଆରମ୍ଭ କରିଛି। ଜିନପିଙ୍ଗଙ୍କ କ୍ଷମତା ଏଥିରେ ଫସିଯାଇଛି। ଜିନପିଙ୍ଗ ବିରୋଧରେ ବିଦ୍ରୋହର ବହ୍ନି ଉଠିବାରେ ଲାଗିଛି। ଶୀର୍ଷ ଚୀନ୍ ଜେନେରାଲ ଝାଙ୍ଗ ୟୁସିଆ ଜିନପିଙ୍ଗଙ୍କ ପାଇଁ କଣ୍ଟା ପାଲଟିଛନ୍ତି। ସେ ସିଆଇଏ ସହିତ ସମ୍ପର୍କ ରଖିଛନ୍ତି। ଏହାକୁ ଆଧାର କରି ଚୀନ୍ ତଦନ୍ତ ଚଳାଇଛି। ସବୁ କିଛି ପଦାରେ ପଡ଼ିଯିବ ବୋଲି କାହାକୁ କିଛି ସୂଚନା ଦିଆଯାଉନାହିଁ। ଜିନପିଙ୍ଗଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ସେ ଆମେରିକାର ନିର୍ଦ୍ଦେଶରେ କାମ କରୁଥିବା ଅଭିଯୋଗ ହୋଇଛି। ଟ୍ରମ୍ପ ଚୀନ୍‌ର ପରମାଣୁ କାର୍ଯ୍ୟକ୍ରମର ପ୍ରତ୍ୟେକ ଗୁପ୍ତ ବିବରଣୀ ହାସଲ କରିବାକୁ ଚାହୁଁଛନ୍ତି। ୟୁସିଆ ଏହି ଯୋଜନାର ଅଂଶ ହୋଇପାରନ୍ତି। ତାଙ୍କ ମାଧ୍ୟମରେ ଆମେରିକା ଏକ ବଡ଼ ରଣନୀତି ଉପରେ କାମ କରୁଥିବା କୁହାଯାଉଛି।

## ଆମେରିକା ସହ କଥା ହେବାକୁ ଚାହୁଛି ଇରାନ: ଟ୍ରମ୍ପ

ୱାସିଂଟନ, ୨୭।୧ (ଏଜେନ୍ସି): ଇରାନରେ ସରକାର ବିରୋଧୀ ଦମନକୁ ଚପାଇବା ପାଇଁ ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲ ଖାମନେଇ ଆନ୍ଦୋଳନକାରୀଙ୍କୁ ହତ୍ୟା କରି ଚାଲିଛନ୍ତି। ଗିରଫ ବିକ୍ଷୋଭକାରୀଙ୍କୁ ମଧ୍ୟ ଛଡ଼ା ଯାଉନାହିଁ। ଜେଲ୍ ଭିତରେ ସମସ୍ତଙ୍କୁ ହତ୍ୟା କରାଗଲାଣି ବୋଲି କୁହାଯାଉଛି। ଏପରି ସମୟରେ ଆମେରିକା କାର୍ଯ୍ୟାନୁଷ୍ଠାନର ଭୟ ଘାରୁଛି। ତେଣୁ ଚୁକ୍ତି କରିବା ପାଇଁ ଆମେରିକା ସହ ଆଲୋଚନା କରିବାକୁ ଇରାନ ଚାହୁଁଛି। ଏଥିପାଇଁ ଅନେକ ଥର ପ୍ରୟାସ କରୁଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଆମେରିକାର ଯୁଦ୍ଧ ଜାହାଜ ଇରାନ ଅଭିମୁଖେ ବଢୁଥିବା ଦେଖା ଯାଇଥିବା ବେଳେ ଟ୍ରମ୍ପ ଏହି ମନ୍ତବ୍ୟ ଦେଇଛନ୍ତି। ଅନ୍ୟପଟେ ଆମେରିକା ପକ୍ଷରୁ କୁହାଯାଇଛି ଯେ ୟୁଏସଏସ ଆବ୍ରାହାମ ଲିଙ୍କନ ତଥା ଆର୍ମଡା ଯୁଦ୍ଧ ଜାହାଜ ଏବଂ ଅନ୍ୟ ମିସାଇଲ ଡେଷ୍ଟ୍ରୟର ଷ୍ଟ୍ରାଇକ ଗ୍ରୁପ ବହୁ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ ଆଗକୁ ବଢି ଚାଲିଛି। ଅଞ୍ଚଳରେ ସ୍ଥିରତା ଏବଂ ସୁରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଛି।

## କିନ୍ନର ଆଖଡ଼ାରୁ ମମତା କୁଲକର୍ଣ୍ଣୀ ବିଦା



ପ୍ରୟାଗରାଜ, ୨୭।୧ (ଏଜେନ୍ସି): କିନ୍ନର ଆଖଡ଼ାରୁ ମହାମଣ୍ଡଳେଶ୍ୱର ତଥା ଅଭିନେତ୍ରୀ ମମତା କୁଲକର୍ଣ୍ଣୀଙ୍କୁ ବାହାର କରିଦିଆଯାଇଛି। ଆଖଡ଼ା ମୁଖ୍ୟ ମହାମଣ୍ଡଳେଶ୍ୱର ଡ. ଲକ୍ଷ୍ମୀ ନାରାୟମ ତ୍ରିପାଠୀ ଭିଡିଓ ଜାରି କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆଖଡ଼ାର ପଦାଧିକାରୀ ବୈଠକ କରି ଏହି ନିଷ୍ପତ୍ତି ନେଇଛନ୍ତି। ଏବେ ଆଖଡ଼ା ସହ ମମତାଙ୍କ କୌଣସି ସମ୍ବନ୍ଧ ନାହିଁ। ସେ ସଦସ୍ୟ କିମ୍ବା ଅଧିକାରୀ ନୁହଁନ୍ତି। ଆମ ଆଖଡ଼ାରେ ମହିଳା, ପୁରୁଷ ଏବଂ କିନ୍ନର ବି ଅଛନ୍ତି। ଆମେ କୌଣସି ବିବାଦ ଚାହୁଁ ନାହୁଁ। ମୌନୀ ଅମାବାସ୍ୟାରେ ବଟୁକ ବ୍ରାହ୍ମଣଙ୍କୁ ଶିଖା ଧରି ଯେଉଁ ଭଳି ଭାବେ ମାଡ଼ ମରାଗଲା ତାହାକୁ ଆମେ ବିରୋଧ କରୁଛୁ। ସୂଚନାଯୋଗ୍ୟ ଯେ ଶଙ୍କରାଚାର୍ଯ୍ୟଙ୍କ ବିବାଦକୁ ନେଇ ମମତା ୧୦ରୁ ୯ ମହାମଣ୍ଡଳେଶ୍ୱର ତଥା ଶଙ୍କରାଚାର୍ଯ୍ୟ ନକଲି ବୋଲି କହିଥିଲେ। ତାଙ୍କ ପାଖରେ କୌଣସି ଜ୍ଞାନ ନ ଥିବା ସୂଚନା ଦେଇଥିଲେ। ଏଥିପାଇଁ ତାଙ୍କୁ ଆଖଡ଼ାରୁ ବାହାର କରାଯାଇଛି ବୋଲି କୁହାଯାଉଛି। ଅନ୍ୟପଟେ ନିଜେ ମହାମଣ୍ଡଳେଶ୍ୱର ପଦରୁ ଇସ୍ତଫା ଦେଇଛି ବୋଲି ମମତା କହିଛନ୍ତି।

## ୟୁରୋପକୁ କେବଳ ଆମେରିକା ହିଁ ସୁରକ୍ଷା ଦେଇପାରିବ: ନାଟୋ

ୱାସିଂଟନ, ୨୭।୧ (ଏଜେନ୍ସି): ୟୁରୋପୀୟ ଦେଶର ନେତାମାନଙ୍କୁ ନାଟୋ ମୁଖ୍ୟ ମାର୍କ ରୁଟ ଉପହାସ କରିଛନ୍ତି। ସେ ବ୍ରସେଲ୍ସରେ ୟୁରୋପୀୟ ସଂସଦକୁ ସମ୍ବୋଧନ କରି ସୁରକ୍ଷା ବ୍ୟବସ୍ଥାକୁ ନେଇ ବଡ଼ ଚେତାବନୀ ମଧ୍ୟ ଦେଇଛନ୍ତି। ରୁଟେ କହିଛନ୍ତି ଯେ ଆମେରିକା ବିନା ୟୁରୋପୀୟ ଦେଶ ଗୁଡ଼ିକ ନିଜ ସୁରକ୍ଷା କରିପାରିବେ ନାହିଁ। ୟୁରୋପୀୟ ନେତାମାନେ କେବଳ ନିଜ କଥା ଚିନ୍ତା କରୁଛନ୍ତି। ଯଦି ସେମାନେ ପ୍ରକୃତରେ ଏକାକୀ ଏଭଳି କରିବାକୁ ଚାହାନ୍ତି ତେବେ ପ୍ରତିରକ୍ଷା ଖର୍ଚ୍ଚ ୧୦ ପ୍ରତିଶତ ବୃଦ୍ଧି କରିବାକୁ ପଡ଼ିବ। କୋଟି କୋଟି ୟୁରୋ ଖର୍ଚ୍ଚ କରି ନିଜର ପରମାଣୁ କ୍ଷମତା ପ୍ରସ୍ତୁତ କରିବାକୁ ହେବ। ଏବେ ୟୁରୋପୀୟ ଦେଶଗୁଡ଼ିକ ନାଟୋ ଖର୍ଚ୍ଚର କେବଳ ୩୦ ପ୍ରତିଶତ ଯୋଗଦାନ କରୁଛନ୍ତି। ଏହା ସେମାନଙ୍କ ଜିଡିପିର ପ୍ରାୟ ଦୁଇ ପ୍ରତିଶତ। ସେହିପରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗ୍ରୀନଲାଣ୍ଡ କବ୍‌ଜା ନୀତିକୁ ରୁଟ ସମର୍ଥନ କରି ସମସ୍ତଙ୍କୁ ବିଚଳିତ କରିଦେଇଛନ୍ତି। କିଛି ଦିନ ତଳେ ଏହାକୁ ବିରୋଧ କରୁଥିବା ନାଟୋ ମୁଖ୍ୟ ହଠାତ କିଭଳି ଆଭିମୁଖ୍ୟ ବଦଳାଇ ଦେଲେ ବୋଲି କୁହାଯାଉଛି। ସେ ଟ୍ରମ୍ପଙ୍କ ଆର୍କଟିକ ଅଞ୍ଚଳ ଏବଂ ଗ୍ରୀନଲାଣ୍ଡର ଦୃଢ଼ ପ୍ରତିରକ୍ଷା ରଣନୀତିକୁ ସମର୍ଥନ କରିଥିଲେ। ଏହା ସହିତ ଟ୍ରମ୍ପଙ୍କୁ ଧମକ ନ ଦେବା ପାଇଁ ହଟିବା ଏବଂ ଗ୍ରୀନଲାଣ୍ଡ ଉପରେ ଚୁକ୍ତି କରାଇବା ନିମନ୍ତେ ପ୍ରୟାସ କରିଥିଲେ।

# ଆମେରିକାରେ ତୁଷାର ଝଡ଼: ୩୦ ମୃତ, ୭ ଲକ୍ଷ ଘର ଅନ୍ଧାର

ୱାସିଂଟନ, ୨୭।୧ (ଏଜେନ୍ସି): ତୁଷାର ଝଡ଼ ଆମେରିକାକୁ ବରଫ ଚାଦରରେ ଢାଙ୍କି ଦେଇଛି। ଶୁଳ୍କ ଲଗାଇ ଅନ୍ୟ ଦେଶ ଉପରେ ଦାଉ ସାଧିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଏହି ପ୍ରାକୃତିକ ବିପର୍ଯ୍ୟୟରୁ ଜନସାଧାରଣଙ୍କୁ ସୁରକ୍ଷା ଦେଇପାରୁ ନାହାନ୍ତି। ଏହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଭୀଷଣ ଶୀତ ଏବଂ ତୁଷାର ଝଡ଼ରେ ୩୦ ଜଣଙ୍କ ଜୀବନ ଗଲାଣି। ସ୍ଥିତି ଏପରେ ହୋଇଛି ଯେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ପ୍ରାୟ ୨୧ କୋଟି ଲୋକ ତଥା ଦୁଇ ତୃତୀୟାଂଶ ଆମେରିକୀୟ ରବିବାରଠାରୁ ଆରମ୍ଭ ହୋଇଥିବା ଏହି ଝଡ଼ରେ ପ୍ରଭାବିତ ହୋଇଛନ୍ତି। ଏହାକୁ ଦେଖି ରାଷ୍ଟ୍ରପତି ୨୦ ରାଜ୍ୟ ଏବଂ ରାଜଧାନୀ ୱାଶିଂଟନ ଡିସିରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ଅଧିକାଂସ ରାଜ୍ୟର ତାପମାତ୍ରା ବିୟୁକ୍ତ ୪୫ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ଜାତୀୟ ପାଣିପାଗ ସେବା (ଏନଡବ୍ଲ୍ୟୁଏସ) ସୂଚନା ଅନୁଯାୟୀ, ଏହି ଝଡ଼ ପ୍ରାୟ ୩,୨୨୦ କିମି ଅଞ୍ଚଳରେ ବ୍ୟାପିଛି। ଦୁଇ-ତୃତୀୟାଂଶ ଆମେରିକୀୟ ଏହି ଝଡ଼ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ବିମାନ ଚଳାଚଳ ବ୍ୟାହତ ହୋଇଛି। ପ୍ରମୁଖ ବିମାନ ବନ୍ଦରଗୁଡ଼ିକରେ ଅନେକ ବିମାନକୁ ବାତିଲ କରିବାକୁ ପଡ଼ିଛି। ଏହି ସପ୍ତାହ ଶେଷରେ ଆଉ ଏକ ଆର୍କଟିକ୍ ବିସ୍ଫୋରଣ ଘଟିବାକୁ ଯାଉଥିବାରୁ ନୂଆ ଶୀତଝଡ଼ରେ ବିମାନଶିଳ୍ପ ଅଧିକ ବ୍ୟାହତ ହେବାର ସମ୍ଭାବନା ରହିଛି। ଏବେ ଦେଶର ଅନେକ ଅଞ୍ଚଳରେ ୧୨ ରୁ ୨୦ ଇଞ୍ଚର ବରଫ ଗଦା ହୋଇ ରହିଛି। ରାଜପଥ ବନ୍ଦ ହୋଇଯାଇଛି। ବିମାନ ବାତିଲ କରାଯାଇଥିବାବେଳେ ସ୍କୁଲ ଛୁଟି କରିଦିଆଯାଇଛି।ସୋମବାର ସନ୍ଧ୍ୟା ସୁଦ୍ଧା ପ୍ରାୟ ୭୦୦,୦୦୦ ଘର ବିନା ବିଦ୍ୟୁତ୍ ରହିଛି। ସୋମବାର ସାରା ଦେଶରେ ୮,୦୦୦ ରୁ ଅଧିକ ବିମାନ ବାତିଲ କରାଯାଇଥିଲା। ଶୁକ୍ରବାରଠାରୁ ୩୧,୦୦୦ ରୁ ଅଧିକ ବିମାନ ବାଧାପ୍ରାପ୍ତ ହୋଇଛି। ରବିବାର ୧୦,୮୦୦ ରୁ ଅଧିକ ବିମାନ ବାତିଲ କରାଯାଇଥିଲା। ବିମାନ ବାତିଲ ଏବଂ ବିଳମ୍ବ ସମସ୍ୟା ଅନେକ ଦିନ ପର୍ଯ୍ୟନ୍ତ ଲାଗି ରହିପାରେ ବୋଲି କୁହାଯାଉଛି।



ସୂଚନା ଅନୁଯାୟୀ, ମାସାଚୁସେଟ୍ସ ଏବଂ ଓହିଓରେ ରାସ୍ତାରୁ ବରଫ ହଟାଉଥିବା ଗାଡ଼ି ଚଢ଼ିଯିବାରୁ ଦୁଇଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ଆର୍କାନସାସ୍ ଓ ଟେକ୍ସାସରେ ସ୍ଲେଡିଂ ଦୁର୍ଘଟଣା ଘଟିଛି। ପୁଲିସ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ନ୍ୟୁୟର୍କ ସହରରେ ତୁଷାର ଝଡ଼ ଆଠ ଜଣଙ୍କ ଜୀବନ ନେଇଛି। ଝଡ଼ ପ୍ରଭାବରେ ଗଛର ଡାଳ ଭାଙ୍ଗିଥିବା ବିଦ୍ୟୁତ ତାର ଛିଡ଼ି ଯାଇଛଇ ବିଦ୍ୟୁତ୍ ପୁନରୁଦ୍ଧାର ପାଇଁ କିଛି ଦିନ ଲାଗିପାରେ ବୋଲି ଅଧିକାରୀମାନେ ଚେତାବନୀ ଦେଇଛନ୍ତି। ତୁଷାର ଝଡ଼ରେ ଟେନେସି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ରବିବାର ଅପରାହ୍ନ ସୁଦ୍ଧା ପ୍ରାୟ ୩,୩୭,୦୦୦ ଘର ଏବଂ ବ୍ୟବସାୟ ବିଦ୍ୟୁତ୍ ବିନା ରହିଛି।

### ମାର୍ଚ୍ଚରେ ମୂଳଦୁଆ ପକାଇବେ ମୋକିମ୍

## ‘ଓଡ଼ିଶା’, ‘ଲୋକ’, ‘ଜନତା’, ‘କଂଗ୍ରେସ’କୁ ନେଇ ନୂଆ ଦଳ

ଭୁବନେଶ୍ୱର,୨୭।୧(ସମିସ): ମୋକିମ୍ ଗଢ଼ିବେ ନୂଆ ଦଳ। ପୂର୍ବରୁ ସେ ଏ ସମ୍ପର୍କରେ ଘୋଷଣା କରିଥିବାବେଳେ ଏବେ ଏହାର ନାମକୁ ନେଇ ସେ ସୂଚନା ଦେଇଛନ୍ତି। ତାଙ୍କର ନୂଆ ଦଳରେ ‘ଓଡ଼ିଶା’ ଓ ‘କଂଗ୍ରେସ’ ତିନିଟି ଶବ୍ଦ ନିଶ୍ଚିତ ରହିବ । ତେବେ ଏଥିରେ ‘ଜନତା’ ଓ ‘ଲୋକ’ ମଧ୍ୟରୁ ଗୋଟିଏ ଶବ୍ଦ ଯୋଡ଼ାଯାଇ ପାରେ । ତେଣୁ ମୋକିମ୍‌ଙ୍କ ନୂଆ ଦଳର ନାମ ‘ଓଡ଼ିଶା ଜନତା କଂଗ୍ରେସ’ ବା ‘ଓଡ଼ିଶା ଲୋକ କଂଗ୍ରେସ’ ରହିପାରେ ବୋଲି ଆଲୋଚନା ଚାଲିଛି। ନିଜେ ମୋକିମ୍ ମଧ୍ୟ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଓ ମଙ୍ଗଳବାର ନୂଆ ରାଜନୈତିକ ଦଳର ସମ୍ଭାବନାକୁ ସ୍ପଷ୍ଟ କରିବା ସହ ମାର୍ଚ୍ଚରେ ଏହାର ମୂଳଦୁଆ ପଡ଼ିପାରେ ବୋଲି କହିଛନ୍ତି ।

ସେ କହିଛନ୍ତି ଏହି ଦଳ ଓଡ଼ିଶା କୈନ୍ଦ୍ରିକ ଦଳ ହେବ। ଏଥିପାଇଁ ଓଡ଼ିଶା ନାମ ରହିବ। ଏହାସହିତ ଧର୍ମନିରପେକ୍ଷତା ଆଦର୍ଶରେ ଆମେ ରହିଥିବାରୁ କଂଗ୍ରେସ ନାମ ମଧ୍ୟ ପାର୍ଟିର୍ରେ ରହିବ। ତେଣୁ ଉପରୋକ୍ତ ଦୁଇଟି ନାମକୁ ନେଇ ଚର୍ଚ୍ଚା ଚାଲିଛି। ନୂଆ ଦଳ ଓଡ଼ିଆ ଲୋକଙ୍କ ପାଇଁ କାମ କରିବ। ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବୁ। ଏହା ଲୋକଙ୍କ ଦଳ ହେବ। ବିଭିନ୍ନ ଦଳର ନେତା ଦଳ ଛାଡୁଛନ୍ତି ଓ କେହି କେହି ନିଲମ୍ବିତ ହେଉଛନ୍ତି। ଯେଉଁମାନେ ଆମ ସହିତ ରହିବାକୁ ଚାହିଁବେ, ଆମେ ସେମାନଙ୍କୁ ଗ୍ରହଣ କରିବୁ। ଅନେକ ନେତା ଆମ ସହିତ ଯୋଗାଯୋଗରେ ଅଛନ୍ତି। ବହୁ ସଂଖ୍ୟାରେ ଯୁବ ନେତାମାନେ ଆମ ସହିତ ଯୋଗାଯୋଗରେ ଅଛନ୍ତି ବୋଲି ମୋକିମ୍ କହିଛନ୍ତି। ଆସନ୍ତା ୩୦ ତାରିଖରେ ମୋକିମ୍ ଫାଉଣ୍ଡେସନ ପକ୍ଷରୁ ଏକ ମହିଳା ସମାବେଶ କରାଯିବ। ଏହାପରେ ଆସନ୍ତା ୫ ତାରିଖରେ ଏକ କୃଷକ ସମାବେଶ କହିବ। ଏହି ବୈଠକ ସମାବେଶ ମାଧ୍ୟମରେ ଦଳର ରାଜନୈତିକ ଏଜେଣ୍ଡା ତିଆରି ହେବ। ଅନ୍ୟପଟେ ତାଙ୍କ ଝିଅ ତଥା କଂଗ୍ରେସ ବିଧାୟକ ସୋଫିଆ ଫିର୍ଦ୍ଦୋସ ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ପ୍ରସଙ୍ଗରେ ମହମ୍ମଦ ମୋକିମ କହିଛନ୍ତି, ସୋଫିଆ ଫିର୍ଦ୍ଦୋସ “ମୋକିମ ଫାଉଣ୍ଡେସନ’ର ଅନ୍ୟତମ ଟ୍ରଷ୍ଟି। ଯେତେବେଳେ “ମୋକିମ ଫାଉଣ୍ଡେସନ’ର କୌଣସି କ୍ରୀଡ଼ା କାର୍ଯ୍ୟକ୍ରମ ହେଉଛି ବା ଯୁବ ବା ମହିଳା ସମାବେଶ ହେଉଛି, ଓଡ଼ିଶା ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେ ଟ୍ରଷ୍ଟି ହିସାବରେ ଯୋଗ ଦେଉଛନ୍ତି। ମୋର କୌଣସି ରାଜନୈତିକ ବ୍ୟାପାରରେ କିମ୍ବା ରାଜନୀତିକ ବୈଠକରେ ସୋଫିଆ ଆଦୌ ଯୋଗ ଦେଉ ନାହାନ୍ତି।

# ରାଜ୍ୟ ସରକାରଙ୍କୁ ‘ପ୍ରଦୂଷଣ’ ଝଟ୍‌କା

### ଚାଲାଣ ବକେୟା ଥିଲେ ବି ହୋଇପାରିବ ପିୟୁସିସି

କଟକ, ୨୭।୧ (ସମିସ): ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି) ନଥିଲେ ପେଟ୍ରୋଲ କଟକଣା ଓ ବକେୟା ଚାଲାଣ ପଇଠ ନକଲେ ପ୍ରମାଣପତ୍ର ଦିଆନଯିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଲାଗିଛି ଅଦାଲତୀ ଝଟ୍‌କା। ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଗାଡ଼ି ମାଲିକଙ୍କୁ ବକେୟା ଚାଲାଣ ଭରିବାକୁ ପଡ଼ିବ ବୋଲି ପରିବହନ ବିଭାଗ କରିଥିବା ଯୁକ୍ତିକୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି। ପ୍ରଦୂଷଣ ପ୍ରମାଣପତ୍ର ପାଇଁ ବକେୟା ଚାଲାଣ ଭରିବା ପାଇଁ ଗାଡ଼ି ମାଲିକଙ୍କୁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଏନେଇ ରହିଥିବା ଦ୍ୱନ୍ଦ୍ୱକୁ ‘ବାହନ’ ପୋର୍ଟାଲରେ ସଂଶୋଧନ କରିବା ପାଇଁ ଆଜି ରାଜ୍ୟ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାର ଓ ପରିବହନ କମିସନର ପରବର୍ତ୍ତୀ



ଶୁଣାଣି ସୁଦ୍ଧା ଜବାବ ଦାଖଲ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରୀ ୩କୁ ଧାର୍ଯ୍ୟ କରାଯାଇଛି।

ସେହିଭଳି ପିୟୁସିସି ନ ଥିଲେ ପେଟ୍ରୋଲ ପାଇଁ ମନା କରାଯିବ ନାହିଁ। ପୂର୍ବରୁ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ପେଟ୍ରୋଲ ମନା ସମ୍ପର୍କିତ ପରିବହନ ବିଭାଗର ବିବାଦୀୟ ନିଷ୍ପତ୍ତି ପ୍ରତ୍ୟାହାର କରାଯାଇଛି ବୋଲି ଆଜି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଏ ସଂକ୍ରାନ୍ତରେ ସମସ୍ତ ତୈଳ ବିତରକ କମ୍ପାନୀମାନଙ୍କୁ ସାନି ଚିଠି ଜାରି କରାଯାଇଛି।

**ପେଟ୍ରୋଲ କଟକଣା ସମ୍ପର୍କିତ ନିଷ୍ପତ୍ତି ପ୍ରତ୍ୟାହାର ହୋଇଥିବା ଜଣାଇଲେ ସରକାର**

ତେବେ ସେମାନେ ଗାଡ଼ି ଚାଳକଙ୍କୁ ସଚେତନ କରିବେ ବୋଲି ଉକ୍ତ ଚିଠିରେ କୁହାଯାଇଛି।

ମାମଲାରୁ ପ୍ରକାଶ ଯେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇ ବୈଧ ପିୟୁସି ପ୍ରମାଣପତ୍ର ନଥିଲେ ପେଟ୍ରୋଲ ନ ଦେବା ପାଇଁ ତୈଳ କମ୍ପାନୀଗୁଡ଼ିକୁ ଚିଠି କରାଯାଇଥିଲା। ପରିବହନ ବିଭାଗର ଗତ ୨୦୨୫ ଡିସେମ୍ବର ୨୦ର ଏଭଳି ବିଜ୍ଞପ୍ତି ବେଆଇନ ତଥା ସମ୍ବିଧାନ ବିରୋଧୀ ଏବଂ ଏହାକୁ ରଦ୍ଦ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ସେହିଭଳି ଗାଡ଼ି ଗୁଡ଼ିକର ବକେୟା ଚାଲାଣ ପଇଠ କରାନଗଲେ ପିୟୁସି ପ୍ରମାଣପତ୍ର ପ୍ରଦାନ କରାନଯିବା ଦ୍ୱାରା ଗାଡ଼ି ମାଲିକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା କେନ୍ଦ୍ର ମୋଟର ଯାନ ଆଇନର ଉଲ୍ଲଂଘନ ବୋଲି ଅଭିଯୋଗ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଛନ୍ତି। ଏହି ମାମଲାରେ ପରିବହନ ବିଭାଗ ସଚିବ, ପରିବହନ କମିସନର, ଉତ୍କଳ ପେଟ୍ରୋଲିୟମ୍ ଡିଲର ଆସୋସିଏସନ୍‌ର ସାଧାରଣ ସମ୍ପାଦକ, ଆଇଓସିଏଲ, ବିପିସିଏଲ୍, ଏଚପିସିଏଲ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ସେଲ୍ ଇଣ୍ଡିଆ ମାର୍କେଟ ପ୍ରାଇଭେଟ୍ ଲିମିଟେଡ୍ ପ୍ରମୁଖ ସଂସ୍ଥାକୁ ପକ୍ଷଭୁକ୍ତ କରାଯାଇଛି।

**ଯୁବକଙ୍କୁ ବୀଭତ୍ସ ହତ୍ୟା**

## ଗୁଳି କରି ମୁଣ୍ଡରେ ଛେଚିଲେ ପଥର

ମୁନିଗୁଡ଼ା, ୨୭।୧(ସମିସ): ଗୁଳି କରି ଘାଇଲା କରିବା ପରେ ଖଣ୍ଡା, କାତିରେ ହାଣିବା ସହ ମୁଣ୍ଡରେ ପଥର ଛେଚି ମାରିଦେଲେ। ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅଞ୍ଚଳରେ ଏପରି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର

**ଖୋକା, ଗୁଳି, ଖଣ୍ଡା, କାତି ଜବତ**

ଯୁବକଜଣଙ୍କ ହେଲେ, ଅମ୍ବାଦଳା ରେଲୱେସାହିର ସୀମାଞ୍ଚଳ ସାହୁ ଓରଫ୍ ବୁଲୁ ବୟସ (୪୭)। ରେଲଷ୍ଟେସନ୍ ଗେଷ୍ଟ ହାଉସ୍ ନିକଟ ରାସ୍ତାକଡ଼ରୁ ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହକୁ ପୁଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ବୃତ୍ତମାନେ ତାଙ୍କୁ ହତ୍ୟା କରିବା ବେଳେ ତାଙ୍କ ପାପୁଲିକୁ ହାଣି ଦେଇଥିଲେ। ଘଟଣାସ୍ଥଳରୁ ତାଙ୍କର ଅଧାକଟା ପାପୁଲି ଜବତ ହୋଇଛି। ଏନେଇ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ପୁଲିସ ଗୋଟିଏ ଖୋକା, ଦୁଇଟି ଗୁଳି, ଗୋଟିଏ କାତି ଓ ଗୋଟିଏ ଖଣ୍ଡା ଜବତ କରିଛି।

ସୂଚନାନୁଯାୟୀ, ଶନିବାର ସକାଳୁ ସୀମାଞ୍ଚଳ



ଘରୁ କେଉଁଆଡ଼େ ବାହାରି ଯାଇଥିଲେ। କିନ୍ତୁ ଆଉ ଫେରିନଥିଲେ। ଆଜି ସକାଳୁ ତାଙ୍କ ମୃତଦେହ ରେଲୱେ ଗେଷ୍ଟ ହାଉସ୍ ନିକଟରେ ପଡ଼ିଥିବା ଦେଖି କିଛି ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଅମ୍ବାଦଳା ଓ ରେଳବାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମଙ୍କ ସମେତ ଆମ୍ବଦଳା ଥାନା ଅଧିକାରୀ କଳ୍ପନା ବେହେରା ଓ ସାଇଣ୍ଟିଫିକ୍ ଟିମ୍ ସଦଳବଳେ ପହଞ୍ଚି ତଦନ୍ତ କରିଥିଲେ। ଅପରାଧୀଙ୍କୁ ଧରିବାକୁ ପୁଲିସ ସନ୍ଧାନୀ କୁକୁରର ମଧ୍ୟ ସାହାଯ୍ୟ ନେଇଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଛି। କିଛି ଦୁର୍ବୃତ୍ତ ବନ୍ଧୁକରୁ ଗୁଳି କରି ପ୍ରଥମେ ବୁଲୁଙ୍କୁ ଘାଇଲା କରିବା ପରେ ଖଣ୍ଡା ଓ କାତିରେ ଆଖିବୁଜା ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ହାଣି ପକାଇଥିଲେ। ପରେ ତାଙ୍କ ମୁଣ୍ଡରେ ପଥର ଛେଚି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଆହୁରି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ତେବେ କିଏ ଓ କେଉଁ କାରଣରୁ ତାଙ୍କୁ ହତ୍ୟା କରିଛି, ସେନେଇ ପୁଲିସ ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ, ସୀମାଞ୍ଚଳଙ୍କ ନାମରେ ରାୟଗଡ଼ା ସମେତ ଅନ୍ୟ କିଛି ଜିଲ୍ଲାରେ ଆପରାଧିକ ମାମଲା ରହିଛି।

## ରାଜମିସ୍ତ୍ରିଙ୍କୁ ହତ୍ୟା; ପୋଲ ତଳୁ ଶବ ଜବତ

ଫିରିଙ୍ଗିଆ, ୨୭।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ କେଳାପଡ଼ା ପଞ୍ଚାୟତ ନାଥପଦର ଗାଁ ନିକଟସ୍ଥ ଏକ ପୋଲ ତଳୁ ଜଣେ ରାଜମିସ୍ତ୍ରିଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ, କେଳାପଡ଼ା ପଞ୍ଚାୟତ ଡଲାଙ୍ଗସୁଗା ଗାଁର ଲବ ଦିଗାଲ। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ପୋଲ ତଳକୁ ଫିଙ୍ଗି ଦେଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। ସୋମବାର ପୂର୍ବାହ୍ନରେ ଲବ କେଳାପଡ଼ା ବଜାରକୁ ଯାଇଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ନ ଫେରିବାରୁ ପରିବାରଲୋକେ ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କ ପତ୍ତା ପାଇନଥିଲେ। ମଙ୍ଗଳବାର ସକାଳେ ନାଥପଦର ଅଞ୍ଚଳର କିଛି ଲୋକ ପିତାବଳି ମନ୍ଦିରକୁ ଯାଉଥିବା ବେଳେ ସେହି ରାସ୍ତାର ଏକ ପୋଲ ତଳେ ଲବଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ତାଙ୍କ ପରିବାର ଲୋକ ଓ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଲବ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। କାହା ସାଙ୍ଗରେ ତାଙ୍କର ଶତ୍ରୁତା ନଥିବା ବେଳେ କିଏ ଓ କେଉଁ କାରଣରୁ ତାଙ୍କୁ ହତ୍ୟା କଲା, ସେନେଇ ପୁଲିସ ତଦନ୍ତ ଚଳାଇଛି।

# ଖରା ଆସିଲାଣି, ଶୀତ ଯାଉନି

### ୩ ଦିନରେ ୩ ଡିଗ୍ରୀ ବଢ଼ିବ ତାତି

ଭୁବନେଶ୍ୱର,୨୭।୧(ସମିସ): ରାଜ୍ୟରେ ଚଳିତ ବର୍ଷ ଲମ୍ବା ଅବଧି ଧରି ଶୀତ ଜାରି ରହିଛି। ଜାନୁଆରୀ ମାସ ଶେଷ ହେବାକୁ ବସିଥିଲେ ମଧ୍ୟ ରାଜ୍ୟର ଅଧିକାଂଶ ସ୍ଥାନରେ ରାତିରେ ଶୀତ ଅନୁଭୂତ ହେଉଛି। ପୂର୍ବ ବର୍ଷମାନଙ୍କରେ ଫେବୃଆରୀ ପ୍ରଥମ ସପ୍ତାହରୁ ଖରାର ପ୍ରକୋପ ଆରମ୍ଭ ହୋଇଯାଉଥିବା ବେଳେ ବହୁ ବର୍ଷ ପରେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଘଟିଛି। ଯଦିଓ ଆଉ ଶୀତ ଲହରୀ ଅନୁଭୂତ ହେବାର ସମ୍ଭାବନା ନାହିଁ, ମାତ୍ର ସମ୍ପୂର୍ଣ୍ଣ ଶୀତ ବିଦାୟ ନେବାକୁ ଆହୁରି କିଛି ଦିନ ଲାଗିପାରେ ବୋଲି ଆକଳନ କରାଯାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଚଳିତ ବର୍ଷ ଲା-ନିନା ‘ପୋଲାର ଭୋଟେକ୍ସ’ର ସମଷ୍ଟି ଯୋଗୁଁ ଉତ୍ତର ଗୋଲାର୍ଦ୍ଧର ବିଭିନ୍ନ ଦେଶ ସହିତ ଭାରତ ଏବଂ ଓଡ଼ିଶାରେ ମଧ୍ୟ ଶୀତଋତୁ ଅଧିକ ସମୟ ରହିବାର ସମ୍ଭାବନା ରହିଛି। ଲା-ନିନା ଯୋଗୁଁ କେନ୍ଦ୍ରୀୟ ଓ ପୂର୍ବ ପ୍ରଶାନ୍ତ ମହାସାଗରରେ ତାପମାତ୍ରା କମ୍ ରହିଛି। ଏହାସହିତ ବିଶ୍ୱସ୍ତରରେ ବାୟୁ ପ୍ରବାହ ଓ ପାଣିପାଗ ପ୍ରଭାବିତ ହୋଇଛି। ଫଳତଃ ଉତ୍ତର ଓ କେନ୍ଦ୍ରୀୟ ଭାରତରେ ହିମାଳୟ/ସାଇବେରିଆରୁ ଆସୁଥିବା ପବନ ଅଧିକ ଥଣ୍ଡା ରହୁଛି ଏବଂ ଦୀର୍ଘ ସମୟ ଧରି ବହୁଛି। ଚଳିତ ବର୍ଷ ଓଡ଼ିଶା ସମେତ ପୂର୍ବ ଭାରତରେ ମଧ୍ୟ ଥଣ୍ଡା ଅଧିକ ରହିଛି। ତେବେ ଲା-ନିନା ସହିତ ଉତ୍ତର ମେରୁ ଅଞ୍ଚଳରୁ ସୃଷ୍ଟି

**ଏଥର ରାଜ୍ୟରେ ଶୀତ ଅବଧି ଲମ୍ବା**

ହୋଇଥିବା ପୋଲାର ଭୋଟେକ୍ସ ପ୍ରଭାବ ଦେଖିବାକୁ ମିଳିବ। ପୋଲାର ଭୋଟେକ୍ସ କହିଲେ, ଉପର ବାୟୁମଣ୍ଡଳୟରେ ଥଣ୍ଡା ବାୟୁର ଜେଟ୍ ଷ୍ଟ୍ରିମ୍ ପ୍ରବାହିତ ହୁଏ। ଚଳିତ ବର୍ଷ ଏହା ଦକ୍ଷିଣ ଆଡ଼କୁ ଗତି କରି ମଧ୍ୟ-ଅକ୍ଷାଂଶ ପର୍ଯ୍ୟନ୍ତ ଆସିବ। ଫଳରେ ଥଣ୍ଡା ଅଧିକ ହେବା ସହିତ ଶୀତ ଋତୁ ଅଧିକ ରହିବାର ଆକଳନ କରାଯାଉଛି। ୧୯୮୫, ୧୯୯୬ ଓ ୨୦୧୦ରେ ଏହିପରି ସ୍ୱାଭାବିକଠାରୁ ଅଧିକ ଥଣ୍ଡା ବିଶ୍ୱସ୍ତରରେ ଦେଖାଯାଇଥିଲା। ଆକଳନ କରାଯାଉଛି, ସାରା ରାଜ୍ୟରେ ଥଣ୍ଡା ରାତି ସହ ସ୍ୱାଭାବିକଠାରୁ କମ୍ ତାପମାତ୍ରା ଓଡ଼ିଶାରେ ରହିବାର ସମ୍ଭାବନା ରହିଛି। କନ୍ଧମାଳ, କୋରାପୁଟ ଭଳି ଆଭ୍ୟନ୍ତରୀଣ ଅଞ୍ଚଳରେ ଥଣ୍ଡା ଜାରି ରହିବ। ସମ୍ଭବତଃ ଉତ୍ତର ପଶ୍ଚିମ ଓଡ଼ିଶାରେ ଥଣ୍ଡା ଅଧିକ ରହିବ। ଫେବୃଆରୀ ପ୍ରଥମ ସପ୍ତାହ ପରେ ଥଣ୍ଡା ଅଧିତ କମିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ପାଣିପାଗ କେନ୍ଦ୍ର କହିଛି, ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହାସହିତ ଏହି ସମୟରେ କିଛି ମାତ୍ରାରେ କୁହୁଡ଼ି ନେଇ ମଧ୍ୟ ପାଗ ଅନୁକୂଳ ରହିଛି। ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ ଭଦ୍ରକ, ଜଗତସିଂହପୁର, ପୁରୀ, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, କଳାହାଣ୍ଡି, ଗଞ୍ଜାମ, ଗଜପତି, ଖୋର୍ଦ୍ଧା, କଟକ, ନୟାଗଡ଼, ଅନୁଗୁଳ, ଢେଙ୍କାନାଳ ଓ ଯାଜପୁରରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ଆଶଙ୍କା ରହିଛି।

**ମଦ ବିରୋଧ ନାଁରେ କଙ୍ଗାରୁ କୋର୍ଟ**

## ଜୋତାମାଳ ପକାଇ ଯୁବତୀଙ୍କୁ ବୁଲାଇଲେ

ଭଦ୍ରକ,୨୭।୧(ସମିସ): ମଦକୁ ବିରୋଧ ଆଳରେ କଙ୍ଗାରୁ କୋର୍ଟରେ ଯୁବତୀଙ୍କୁ ନିର୍ଯାତନା। ଗାଁରେ ଚୋରା ମଦ ବିକ୍ରି ଅଭିଯୋଗରେ ଗାଁ ଦାଣ୍ଡରେ ସର୍ବସମ୍ମୁଖରେ ଯୁବତୀଙ୍କ ନିସ୍ତୁକ ମାଡ଼ ମାରିବା ସହ ବେକରେ ଜୋତାମାଳ ପକାଇ ବୁଲାଇଲେ। ବିଚ୍ ରାସ୍ତାରେ ଝିଅକୁ ଏମିତି ଅପମାନ, ବାପା ଦେହରେ ଗଲାନି। ଲଜ୍ଜା, ଅପମାନ ଯୋଗୁଁ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଜୀବନ ହାରିଦେଲେ ବୃଦ୍ଧ ବାପ। ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଚଡ଼ଦିଆ ପଞ୍ଚାୟତରେ ଏଭଳି ସ୍ପର୍ଶକାତର ଘଟଣା ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ବାଂଶଡ଼ା ଥାନା ପୁଲିସ୍ ଏକ ମାମଲା ରୁଜୁ କରି ୧୦ ଜଣଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ମୃତ ବୃଦ୍ଧଜଣଙ୍କ ହେଲେ, ଚଡ଼ଦିଆ ପଞ୍ଚାୟତର ଲମ୍ବୋଦର ତରେଇ (୬୫)।

ସୂଚନାନୁଯାୟୀ, ଲମ୍ବୋଦରଙ୍କ ଝିଅ ଲକ୍ଷ୍ମୀପ୍ରିୟା ତରେଇ ଗାଁରେ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗ କରି ପଞ୍ଚାୟତର ମହିଳା ମହାସଂଘ ଓ କିଛି ଯୁବକ ଆଇନକୁ ହାତକୁ ନେଇଥିଲେ। ସେମାନେ ସଂଘବଦ୍ଧ ଭାବେ ଲକ୍ଷ୍ମୀପ୍ରିୟାଙ୍କ ଘର ଭିତରକୁ ଧସେଇ ପଶିବା ସହ ତାଙ୍କୁ ଆକ୍ରମଣ କରିଥିଲେ। ଘରେ ଥିବା ବିଭିନ୍ନ ଆସବାବପତ୍ର ବି ଭଙ୍ଗାରୁଜା କରିଥିଲେ। ସେତିକିରେ ମହିଳା

**ବିଷ ପିଇ ଜୀବନ ହାରିଲେ ବାପା**

ଗୋଷ୍ଠୀଙ୍କ ରାଗ ଶାନ୍ତ ପଡ଼ିଲାନି ଯେ ସେମାନେ ଲକ୍ଷ୍ମୀପ୍ରିୟାଙ୍କୁ ଘରୁ ଘୋଷାଡ଼ି ଆଣି ଗାଁ ଦାଣ୍ଡରେ ସର୍ବସମ୍ମୁଖରେ ମାଡ଼ ମାରିଥିଲେ। ଏପରିକି, ତାଙ୍କ ବେକରେ ଜୋତାମାଳ ବି ପକାଇଥିଲେ। ୧ଲକ୍ଷ ଟଙ୍କା ଜରିମାନା ନ ଦେଲେ ଛାଡ଼ିବେ ନାହିଁ ବୋଲି ଧମକାଇଥିଲେ। ତେବେ ଲକ୍ଷ୍ମୀପ୍ରିୟା ଅନ୍ୟ ଉପାୟ ନ ପାଇ ୧୦ହଜାର ଟଙ୍କା ଜରିମାନା ଦେଇ ସେମାନଙ୍କ କବଳରୁ ମୁକୁଳିଥିଲେ। ଗାଁ ଦାଣ୍ଡରେ ଝିଅର ଏପରି ଅପମାନକୁ ବାପା ଲମ୍ବୋଦର ସହ୍ୟ କରିପାରିନଥିଲେ। ମାନସିକ ଭାରସାମ୍ୟ ହରାଇ ସେ ଗତରାତିରେ ସମସ୍ତେ ଶୋଇଯିବା ପରେ ବିଷ ପିଇ ଦେଇଥିଲେ। ପରିବାରଲୋକ ଏ ସଂପର୍କରେ ଜାଣିବା ପରେ ତାଙ୍କୁ ଉଦ୍ଧାର କରି ଚାନ୍ଦବାଲି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ଲକ୍ଷ୍ମୀପ୍ରିୟା ବାଂଶଡା ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ଏହା ଏକ ସ୍ପର୍ଶକାତର ଘଟଣା ହୋଇଥିବାରୁ ଚାନ୍ଦବାଲି ଏସ୍‌ଡିପିଓ ଏସ୍‌ଡିପିଓ ପ୍ରଭାସ ସାହୁ ଆଜି ପୁଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ଲମ୍ବୋଦରଙ୍କ ଘରୁ ଏକ ଜୋତାମାଳ ଜବତ କରିଛି। ଏହି ଘଟଣାରେ ୧୦ ଜଣଙ୍କ ନାମରେ ମାମଲା ରୁଜୁ ହେବା ସହ ଜଣକୁ ଅଟକ ରଖାଯାଇଛି ବୋଲି ଏସ୍‌ଡିପିଓ ଶ୍ରୀ ସାହୁ କହିଛନ୍ତି।

## ଜାତୀୟ ପତାକା ଅବତରଣ ବେଳେ ଅଘଟଣ

### ବିଦ୍ୟୁତ୍ ଆଘାତରେ ଛାତ୍ର ମୃତ

କୁଜଙ୍ଗ,୨୭।୧(ସମିସ): ଜାତୀୟ ପତାକା ଅବତରଣ ବେଳେ ବିଦ୍ୟୁତ୍ ଆଘାତରେ ଜଣେ ୧୦ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ରଜଣଙ୍କ ହେଲେ, ଓମ୍ ପ୍ରକାଶ ଦ୍ୱିବେଦୀ। ସେ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ତେର ଗାଁର ପ୍ରଶାନ୍ତ ଦ୍ୱିବେଦୀଙ୍କ ପୁଅ। ସେ ଅଧ୍ୟୟନ କରୁଥିବା କୋଚିଂ ସେଣ୍ଟର୍‌ରେ ଏହି ଅଘଟଣ ଘଟିଥିଲା। ସୂର୍ଯ୍ୟାସ୍ତ ପୂର୍ବରୁ ପତାକା ଅବତରଣ କରିବା ବେଳେ ପତାକାରେ ଲାଗିଥିବା ଜିଆଇ ପାଇପ୍ ଛାତ ଉପର ଦେଇ ଯାଇଥିବା ବିଦ୍ୟୁତ ତାରରେ ବାଜି ଯାଇଥିଲା। ଗୁରୁତର ଓମ୍‌ଙ୍କୁ କୁଜଙ୍ଗ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଓମ୍ କୁଜଙ୍ଗ ସମାଗୋଳ ଗ୍ରାମରେ ନିଜ ମାମୁଁଘରେ ରହି ପଢୁଥିଲେ ବୋଲି ଜଣାପଡ଼ିଛି। କୁଜଙ୍ଗ ବନବିହାରୀ ହାଇସ୍କୁଲରେ ପାଠ ପଢୁଥିଲେ ବୋଲି ଜଣାପଡ଼ିଛି।

## ପାରଳାଖେମୁଣ୍ଡି ଜେଲ୍‌ରେ ମାଓନେତା ଆଜାଦ୍

ପାରଳାଖେମୁଣ୍ଡି/ମୋହନା, ୨୭।୧(ସମିସ): ଶୀର୍ଷ ମାଓନେତା ଡି. କେଶବ ରାଓ ଓରଫ ଆଜାଦ୍‌ଙ୍କୁ ମଙ୍ଗଳବାର କଡ଼ା ସୁରକ୍ଷାବଳୟରେ ଝାରପଡ଼ା ଜେଲ୍‌ରୁ ଆଣି ପ୍ରଥମେ ମୋହନା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଓ ପରେ ସନ୍ଧ୍ୟାରେ ପାରଳାଖେମୁଣ୍ଡି ସ୍ୱତନ୍ତ୍ର ଅଦାଲତରେ ହାଜର କରାଯାଇଛି। ଆଜାଦ ବିରୋଧ ରାଜ୍ୟରେ ୩୭ଟି ମାମଲା ରହିଛି। ସେଥିମଧ୍ୟରୁ ଅଧିକାଂଶ ମାମଲା ଗଜପତିରେ ରହିଛି।

**ଗଜପତି ଜିଲ୍ଲାରେ ୨୫ ମାମଲା**

ବିଭିନ୍ନ ମାମଲାରେ ଜଡ଼ିତ ଆଜାଦଙ୍କର କୌଣସି ମାମଲାର ବିଚାର ହୋଇପାରୁନଥିଲା। ଏନେଇ ଆଜାଦଙ୍କ ଓକିଲ ସୁପ୍ରିମକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ। ଏହାର ଶୁଣାଣି କରି ସୁପ୍ରିମକୋର୍ଟ ସ୍ୱତନ୍ତ୍ର ଅଦାଲତରେ ସମସ୍ତ ମାମଲାର ୧ ବର୍ଷ ମଧ୍ୟରେ ଶୁଣାଣି କରି ରାୟ ପ୍ରକାଶ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଜାଦ୍‌ଙ୍କ ବିରୋଧରେ ଥିବା ମୋଟ ୩୭ଟି ମାମଲାରୁ ପାଖାପାଖି ୨୫ଟି କେବଳ ଗଜପତି ଜିଲ୍ଲାରେ ରହିଛି। ଅନ୍ୟ ମାମଲାଗୁଡ଼ିକ କନ୍ଧମାଳ ଓ ରାୟଗଡା ଜିଲ୍ଲାର। ୧୭ଟି ମାମଲା କେବଳ ମୋହନା ଜେଏମ୍‌ଏଫସି କୋର୍ଟରେ ରହିଥିବାରୁ ଆଜି ସକାଳେ ଆଜାଦ୍‌ଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ପ୍ରଥମେ ଝାରପଡ଼ା ଜେଲରୁ ଅଣାଯାଇ ମୋହନା ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା।

ମୋହନା ବ୍ଲକ ଅନ୍ତର୍ଗତ ଅଡବା ଥାନା ଅଞ୍ଚଳରେ ୨୦୦୯ରୁ ୨୦୧୧ ମଧ୍ୟରେ ଘଟିଥିବା ପାଣିଗଣ୍ଡା ଫରେଷ୍ଟବିଟ୍ ହାଉସ ବିସ୍ଫୋରଣ, ମାଦ୍ରାବାଜୁରେ ପୁଲିସ ସହ ଗୁଳିବିନିମୟ, ଠିକାଦାର କ୍ୟାମ୍ପ ଉପରେ ଆକ୍ରମଣ ଏବଂ ରାଇପଙ୍କା ଠାରେ ସରକାରୀ ବସ୍‌ପୋଡ଼ି ଭଳି ସଂଗୀନ ମାମଲା ମୋହନା କୋର୍ଟରେ ରହିଛି। ଆଜାଦଙ୍କ ପକ୍ଷରୁ ଓକିଲ ସନ୍ତୋଷ କୁମାର ପାତ୍ରୀ ଜାମିନ ଆବେଦନ କରିଥିଲେ। କିନ୍ତୁ ନାମଞ୍ଜୁର ହେବାରୁ ତାଙ୍କୁ ପାରଳାଖେମୁଣ୍ଡି ଜେଲକୁ ପଠାଇଦିଆଯାଇଛି। ଆଜି ସ୍ୱତନ୍ତ୍ର କୋର୍ଟରେ ୪ ମାମଲାରେ ବିଚାର ସହ ସାକ୍ଷ୍ୟଗ୍ରହଣ କରାଯାଇଥିବା ସରକାରୀ ଓକିଲ ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

**ରତ୍ନଭଣ୍ଡାର ମାମଲା**

### ଦାଖଲ ହେଲାନି ତଦନ୍ତ କମିସନଙ୍କ ରିପୋର୍ଟ

## ହାଇକୋର୍ଟଙ୍କ ଉଦ୍‌ବେଗ

କଟକ,୨୭।୧(ସମିସ): ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ମରାମତି ଓ ଚାବି ହଜିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ତେବେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଗଠିତ ହୋଇଥିବା ଜଷ୍ଟିସ୍ ରଘୁବୀର ଦାଶ ତଦନ୍ତ କମିସନଙ୍କ ରିପୋର୍ଟକୁ ଅଦ୍ୟାବଧି ବିଧାନସଭାରେ ଉପସ୍ଥାପନ କରାଯାଇ ନଥିବା ନେଇ ଅଦାଲତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନ୍ୟପଟରେ ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ପାଇଁ ଏକ ଡ୍ରାଫ୍ଟ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର) ପ୍ରସ୍ତୁତ ହୋଇସାରିଥିବା ବେଳେ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଚୂଡ଼ାନ୍ତ ଏସ୍‌ଓପି ଖୁବ୍‌ଶୀଘ୍ର ପ୍ରସ୍ତୁତ କରାଯିବ ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଆଜି ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ଏଥିପାଇଁ ନିର୍ଦ୍ଧାରିତ ସମୟସୀମା ଧାର୍ଯ୍ୟ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆଡଭୋକେଟ ଜେନେରାଲଙ୍କ ପକ୍ଷରୁ ଦାଖଲ ଜବାବରେ ଦର୍ଶାଯାଇଛି ଯେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଉଭୟ ଭିତର ଓ ବାହାର ମରାମତି କାମ ସମ୍ପୂର୍ଣ୍ଣ କରାଯାଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇସାରିଛି। ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଗଠିତ ୯ ଜଣିଆ କମିଟିଙ୍କ ତତ୍ତ୍ୱାବଧାନରେ ରତ୍ନଭଣ୍ଡାର ଖୋଲାଯିବା ସହ ରତ୍ନ ଅଳଙ୍କାରକୁ ଷ୍ଟ୍ରଙ୍ଗରୁମରେ ରଖାଯାଇଛି। ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପ୍ରକ୍ରିୟା ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ସହାୟତା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଗତ ୧୯୭୮ରେ ଶେଷଥର ପାଇଁ ହୋଇଥିବା ଭିତର ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ପ୍ରାୟ ଏକ ବର୍ଷ ଲାଗିଥିଲା ବୋଲି ଅଦାଲତଙ୍କୁ ଅବଗତ କରାଇଥିଲେ ଆଡଭୋକେଟ୍ ଜେନେରାଲ।

**ଚାଷୀ ପ୍ରତାରଣାକୁ ତୀବ୍ର ବିରୋଧ**

## ଫେବୃଆରୀ ୨ରୁ ଜିଲ୍ଲାସ୍ତରରେ ବିଜେଡିର ବିକ୍ଷୋଭ

ଭୁବନେଶ୍ୱର,୨୭।୧(ସମିସ): ରାଜ୍ୟର ୭୦ ପ୍ରତିଶତରୁ ଅଧିକ ଜନସଂଖ୍ୟା ଜୀବିକା ପାଇଁ କୃଷି ଉପରେ ନିର୍ଭର କରୁଛନ୍ତି; କିନ୍ତୁ ଆଜି ଓଡ଼ିଶାରେ ଚାଷୀମାନେ ହତାଶ। ଚାଷୀ ସମାଜ ବିହନ ଯୋଗାଣ, ସାର ଯୋଗାଣ ଏବଂ ଧାନ ସଂଗ୍ରହ କ୍ଷେତ୍ରରେ ଏପରି ଘୋର ଅନ୍ୟାୟର ସମ୍ମୁଖୀନ ହେଉଛନ୍ତି, ଯାହା ଓଡ଼ିଶାର ଇତିହାସରେ ପୂର୍ବରୁ କେବେ ଦେଖାଯାଇ ନଥିଲା । ଓଡ଼ିଶାର ଚାଷୀ ସମାଜ ସହିତ ସର୍ବଦା ବିଜେଡି ରହିଛି। ନବ ନିର୍ମାଣ କୃଷକ ସଂଗଠନ ଚାଷୀ ହିତରେ ପଦକ୍ଷେପ ନେଉଥିବାରୁ ତାଙ୍କୁ ସାଧୁବାଦ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ମଙ୍ଗଳବାର ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ସମଗ୍ର ଓଡ଼ିଶାରେ ଚାଷୀମାନେ ରାଜରାସ୍ତାରେ ଅଛନ୍ତି । ଓଡ଼ିଶାର ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ଚାଷୀମାନେ ବିଭିନ୍ନ ସମସ୍ୟା ପାଇଁ ବିଜେପି ସରକାର ବିରୋଧରେ ଆନ୍ଦୋଳନ କରୁଛନ୍ତି। ବିଜେଡି ପ୍ରତିଷ୍ଠା ହେବା ପରଠାରୁ ସର୍ବଦା ଚାଷୀ ସଶକ୍ତିକରଣ ପାଇଁ ପ୍ରତିବଦ୍ଧ ଏବଂ ସବୁବେଳେ ଚାଷୀଙ୍କ ସହିତ ଛିଡ଼ା ହୋଇଛି।



ପଶ୍ଚିମ ଓଡ଼ିଶା ଏବଂ ଅନ୍ୟାନ୍ୟ ସ୍ଥାନରେ ବିଜେଡି ଚାଷୀମାନଙ୍କ ପାଇଁ ସର୍ବଦା ରାଜରାସ୍ତାରେ ଲଢ଼େଇ କରୁଛି । ମଣ୍ଡିରେ ଅନିୟମିତତା ଏବଂ ଓଡ଼ିଶାରେ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ ନେଇ ନବ ନିର୍ମାଣ କୃଷକ ସଂଗଠନ ଚାଷୀ ମାନଙ୍କ ସ୍ୱାର୍ଥରେ ଯେଉଁ ଆନ୍ଦୋଳନର ଡକରା ଦେଇଛି, ତାହା ଚାଷୀ ହିତକର ପଦକ୍ଷେପ । ବିଜେଡି ଏହି ପଦକ୍ଷେପକୁ ସାଧୁବାଦ ଜଣାଇବା ସହିତ ବିଜେଡି ଚାଷୀମାନଙ୍କ ହିତରେ ନିଜର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ସେ କହିଛନ୍ତି।

**ରାଜଧାନୀରେ ଚାଷୀ ସମାବେଶ ଫେବୃଆରୀ ୨୪ରେ**

ସେ ପୁଣି କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ରାଜ୍ୟରେ କୃଷକମାନଙ୍କ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ପ୍ରତିବାଦରେ ଆସନ୍ତା ଫେବୃଆରୀ ୨ରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତିଟି ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ । ଏହାପରେ ୨୪ ତାରିଖ ଦିନ ରାଜଧାନୀ ଭୁବନେଶ୍ୱର ଠାରେ ଏକ ବିଶାଳ ପ୍ରତିବାଦ ସଭା ଆୟୋଜନ ହେବ ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି । ସେ ଆହୁରି ମଧ୍ୟ କହିଥିଲେ ଯେ ଚଳିତ ବର୍ଷ ରାଜ୍ୟରେ ପ୍ରଥମଥର ପାଇଁ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇ ପଡିଛି । ରାଜ୍ୟରେ ଚଳିତ ବର୍ଷ ୧୯ ଲକ୍ଷ ୬୬ ହଜାର ୧୮୧ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୩୦ ପ୍ରତିଶତ ଚାଷୀଙ୍କ ଠାରୁ ନିର୍ଦ୍ଧାରିତ ୭୩ ଲକ୍ଷ ମେଟ୍ରିକ ଟନରୁ ମାତ୍ର ୨୬ ଲକ୍ଷ ମେଟ୍ରିକ ଟନ୍ ଅର୍ଥାତ୍ ୩୫ ପ୍ରତିଶତ ଧାନ କିଣା ଯାଇଛି । ବିଜେପି ସରକାର ୪୦୮୩ଟି ଧାନ ସଂଗ୍ରହ କେନ୍ଦ୍ର ଖୋଲିବା ପାଇଁ ଯୋଜନା କରିଥିଲେ, ହେଲେ ବର୍ତ୍ତମାନ ସୁଦ୍ଧା କେବଳ ୨୮୯୩ଟି ଧାନ ସଂଗ୍ରହ କେନ୍ଦ୍ର ଖୋଲିପାରିଛି। ବିନା କଟନି ଛଟନିରେ ଧାନ କିଣା ହେବ ବୋଲି ବିଜେପି ସରକାର ପ୍ରତିଶ୍ରୁତି ଦେଇଥିଲା । ମାତ୍ର ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ହେବାରୁ କ୍ଷୁଦ୍ର ଚାଷୀମାନେ ଅଭାବୀ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି।

ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

# ଶୋଷିତ, ଅବହେଳିତଙ୍କ ସୁରକ୍ଷା ପ୍ରାଚୀର ପ୍ରକୃତ ଗଣତନ୍ତ୍ର


ଅନୁଗୋଳ




ଆଠମଲ୍ଲିକ


ବଣ୍ଟାରପାଳ

ଅନୁଗୋଳ,୨୭।୧(ସମିସ):

ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଅନୁଗୋଳ ପୁଲିସ ଟ୍ରେନିଂ କଲେଜ ପଡ଼ିଆଠାରେ ପାଳିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲ୍ଲାପାଳ ଅବଦାଲ୍ ମହମ୍ମଦ୍ ଅଖତର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଜାତୀୟ ଉତ୍ସବରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଉପସ୍ଥିତ ଥିଲେ। ରିଜର୍ଭ ଇନିସ୍‌ପେକ୍ଟର ଗୋବିନ୍ଦ ମାହାରିଙ୍କ ନେତୃତ୍ୱରେ ମୋଟ ୩୫ ପ୍ଲାଟୁନ୍ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଅଭିଭାଷଣରେ ବରପୁତ୍ରମାନଙ୍କର ସ୍ମୃତିଚାରଣ କରିଥିଲେ। ନାରୀ ଦିବ୍ୟାଙ୍ଗ, ଶୋଷିତ, ଅବହେଳିତ ତଥା ବଞ୍ଚିତ ବର୍ଗର ସୁରକ୍ଷା ପ୍ରାଚୀର ପ୍ରକୃତ ଗଣତନ୍ତ୍ର ବୋଲି କହିଥିଲେ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ। ପରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ସେହିପରି ଜେଲ୍‌ର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଡାକବାଜି ଯନ୍ତ୍ର ଯୋଗେ ରାମଧୁନ କରାଯାଇଥିଲା। ଜିଲ୍ଲା କାର୍ଯ୍ୟାଳୟ, ଉପଜିଲ୍ଲାପାଳ କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଓ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ପତାକା ଉତ୍ତୋଳନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହିତ ଜାତିର ଜନକ ମହାତ୍ମାଗାନ୍ଧୀ, ଗୋପବନ୍ଧୁ ଓ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅପରାହ୍ଣରେ ଏକକ ଅଭିନୟ ଓ କୌତୁକ ପୋଷାକ ପ୍ରତିଯୋଗିତା ସ୍ଥାନୀୟ ସଭାଘରଠାରେ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଗୌରବମୟ ପ୍ରଧାନ, ଉପଖଣ୍ଡ ପୁଲିସ ଅଧିକାରୀ ରମାକାନ୍ତ ମହାଳିକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ଓକିଲସଂଘ

ଆଠମଲ୍ଲିକ ଓକିଲସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର ସଂଘ କାର୍ଯ୍ୟାଳୟଠାରେ ଆଇନଜୀବୀଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ।ଉପସ୍ଥିତ ଆଇନଜୀବୀ ସମବେତ ଜାତୀୟ ସଂଗୀତ ଗାନ କରିଥିଲେ। ପରେ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଥିବା କୁଳବୃଦ୍ଧ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରଞ୍ଜନ କୁମାର ସୁତାର, ସବଜଜ ଲିଙ୍କି ପ୍ରିୟା ସାହୁ, ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଅର୍ଜୁନ ରାଉଳ, ଉପସଭାପତି ବିଦ୍ୟୁତ କୁମାର ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ମିଶ୍ର, ବିଜୟ କୁମାର ମହାକୁଡ଼, ଅନ୍ତର୍ଯ୍ୟାମୀ ରାଉଳ, ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଦିନେଶ କୁମାର ସିଂହ,ଅଲେଖ ଚନ୍ଦ୍ର କର୍ମୀ, ଅବନୀ କୁମାର ଆଚାର୍ଯ୍ୟ, ଜିତେନ୍ଦ୍ର କୁମାର ମୁଖି, ସୁନୀଲ କୁମାର ଶାସନି, ଗଣେଶ ଚନ୍ଦ୍ର କର୍ମୀ,ଆର୍ଯ୍ୟଭଟ୍ଟମହାନନ୍ଦିଆ, ବିନାୟକ ଗୋଦୁକା,ଲଲାଟେନ୍ଦୁ ଦାଶ,ଉଗ୍ରସେନ ସେଠି,ଅଶୋକ କୁମାର ମହାପାତ୍ର,ନାରାୟଣ ପ୍ରସାଦ ଦାଶ, ପବିତ୍ର କୁମାର ସାହୁ, ପ୍ରଭାକର କହଁର, ବାରମିତ୍ର ରାମଚନ୍ଦ୍ର ପଧାନ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।

## ବଣ୍ଟାରପାଳ ଶିଶୁ ବିଦ୍ୟାମନ୍ଦିର

ବଣ୍ଟାରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସତ୍ୟବାନ ବରାହ, ମା ଶାରଦାଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତିର ସମ୍ପାଦକ ଅଖିଳ କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ ସୁମନ୍ତ କୁମାର ସାମଲ ଓ କୋଷାଧ୍ୟକ୍ଷ ଅକ୍ଷୟ କୁମାର ସେନାପତି ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ଲାୟନ୍ସ କ୍ଲବ୍

ଲାୟନ୍ସ କ୍ଲବ୍ ଅନୁଗୋଳ ପକ୍ଷରୁ ସାଧାରଣତନ୍ତ୍ର ଦିବସ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କ୍ଲବ୍‌ର ସଭାପତି ଲାୟନ ତ୍ରୈଲୋକ୍ୟ ଦେହୁରୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ତଥା ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। ସେ ତାଙ୍କ ଅଭିଭାଷଣରେ ଚଳିତବର୍ଷ କ୍ଲବ୍ ସବୁଠାରୁ ଅଧିକ ସେବା କାର୍ଯ୍ୟ ଜାରି କରି ସମଗ୍ର ଲାୟନ ଡିଷ୍ଟ୍ରିକ୍ଟରେ ଶୀର୍ଷସ୍ଥାନ ଅଧିକାର କରିଛି। ଏଥିପାଇଁ ସହଯୋଗୀ ଗ୍ରୁପ୍‌ଗୁଡ଼ିକୁ ସାଧୁବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ ପ୍ରଭାତ ପାଳିତ ଓ ଲାୟନ ଚନ୍ଦ୍ରଶେଖର ପଟ୍ଟନାୟକ ଉପସ୍ଥିତ ଥିଲେ। ଲାୟନ ପାଳିତ ତାଙ୍କ ଅଭିଭାଷଣରେ କ୍ଲବ ଦ୍ୱାରା ପରିଚାଳିତ ନିୟମିତ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଆଗକୁ ମଧୁମେହ ପରି ଅନେକ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି, ସେ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବ ସଭାପତି ବାସୁଦେବ ଚୌଧୁରୀ, ଭୂମିକା ଚକ୍ଷୁ ଚିକିତ୍ସାଳୟର ମ୍ୟାନେଜର ଲିନୁ ମାଝୀ, ଲାୟନ ବସନ୍ତ ପ୍ରଧାନ, କ୍ଲବର୍ ପ୍ରତିଷ୍ଠାତା ରାଜ କୁମାର ମହୁରୀ, ରାଜକୁମାର ଅଗ୍ରୱାଲ, ସିଲାଇ ଶିକ୍ଷୟିତ୍ରୀ ଶାନ୍ତିଲତା ପ୍ରଧାନ, କମ୍ପ୍ୟୁଟର ଶିକ୍ଷୟିତ୍ରୀ ବର୍ଷାରାଣୀ ବେହେରା, ଗାଁ ଆମ୍ବତୋଟାର ମୁଖ୍ୟ ଅଦ୍ୱୈତ ପ୍ରଧାନ, ଭୂମିକା ଗ୍ରୁପର ସମସ୍ତ ସଦସ୍ୟ, ସଦସ୍ୟା, କମ୍ପ୍ୟୁଟର ଓ ସିଲାଇ କେନ୍ଦ୍ରର ଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

ଚିକିତ୍ସା ପାଇଁ ଆୟୁଷ ଡାକ୍ତର ଦିଲ୍ଲୀପ ପ୍ରଧାନ, ଡାକ୍ତର ନିହାର ରଞ୍ଜନ ପ୍ରଧାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ବିଭିନ୍ନ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଆଞ୍ଚଳିକ ସାଧାରଣତନ୍ତ୍ର ଦିବସ ପାଳନ କମିଟିର ସଭାପତି ଭାବେ ଅଧ୍ୟାପକ ରବିନ୍ଦ୍ର ଗଡ଼ନାୟକ, ସମ୍ପାଦକ ପ୍ରଧାନ ଶିକ୍ଷକ ପ୍ରମୋଦ ସାମଲଙ୍କ ତତ୍ତ୍ୱାବଧାନରେ କମିଟି ସଦସ୍ୟ ତଥା ସ୍ଥାନୀୟ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ପ୍ରତିବର୍ଷ ଏଠାରେ ଆଞ୍ଚଳିକ ସ୍ତରରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଉଥିବା ବେଳେ ଏଥିରେ ସ୍ଥାନୀୟ ବିଧାୟକ ପତାକା ଉତ୍ତୋଳନ କରିବାର ପ୍ରଥା ରହିଛି।

## ତାଳଚେର ଆକ୍ଟିଭ ମିଡିଆ ସଂଘ

ତାଳଚେର ଟାଉନ "ଶ୍ରୀଶ୍ରୀ ନିତ୍ୟାନନ୍ଦ ଆଶ୍ରମ' ପରିସରରେ ଆକ୍ଟିଭ ମିଡିଆ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଲଓଡ଼ିଶା ହ୍ୟୁମାନ୍ ରାଇଟସ୍ ସଭାପତି ଦେବେନ୍ଦ୍ର ସିଂହ ଯୋଗଦେଇଥିଲେ। ଥାନା ସାହି ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇ ପତାକା ଉତୋଳନ କରିବା ସହିତ ଦେଶପାଇଁ ବଳିଦାନ ଦେଇଥିବା ସେହି ମହାନ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଉପରେ ବିସ୍ତୃତ ଭାବେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେବା ସହ ନିଜର ସରସସୁନ୍ଦର ଭବିଷ୍ୟତ କିପରି ଗଢ଼ି ଦେଶର ଯଶ ରଖି ପାରିବା ତାହା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜନବିକାଶ କଲ୍ୟାଣ ସଂଘର ସଭାପତି ଭୂପେନ ଥମ୍ବ, ଆରପିଆଇ ଜିଲ୍ଲା ସଭାପତି ପ୍ରଦୀପ ଶତପଥୀ, ଥାନାସାହି ଟାଉନ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ, କର୍ମଚାରୀ, ଆକ୍ଟିଭ ମିଡିଆସଂଘର ଉପସଭାପତି ମନୋଜ ଶତପଥୀ, ପ୍ରଦୀପ୍ତ ଜେନା, ତ୍ରିଲୋଚନ ସ୍ୱାଇଁ, ଦେବେନ୍ଦ୍ର ସାହୁ, ଦିଲ୍ଲୀପପ୍ରଧାନ ଉପସ୍ଥିତ ଥିଲେ। ଏହିକାର୍ଯ୍ୟକ୍ରମରେ ସ୍କୁଲ ଛାତ୍ର ଛାତ୍ରୀଙ୍କୁ ମିଷ୍ଟାର୍ଣ ବଣ୍ଟନ କରାଯାଇଥିଲା।

ବିଭିନ୍ନ ସଫଳତା ଏବଂ ପ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିମାନଙ୍କ ମାନଙ୍କ ମଧ୍ୟରେ ପ୍ରବୀର କୁମାର ଜିଏମ ପ୍ରଜେକ୍ଟ, ବିଭା ଅଗ୍ରୱାଲ ସଭାପତି ସାଗରୀକା ଲେ?ଜ୍ କ୍ଲବ, ରାଜେଶ ଧୟାଲ ?ସି ସିଆଇଏସଏଫ, ରୋହିତ କୁମାର ଏଜିଏମ, ବିଭାଗୀୟ ମୁଖ୍ୟ ଶ୍ରମିକ ସଂଗଠନ ପ୍ରତିନିଧି, ଡିଏଭି ସ୍କୁଲର ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ। ଡିଏଭି ସ୍କୁଲର ଛାତ୍ରଛାତ୍ରୀ ସିଆଇଏସ୍‌ଏଫ୍ ଏବଂ ବିଜିଆର ସୁରକ୍ଷାବାହୀନର ସଦସ୍ୟଗଣ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିଲେ। ଏହାପରେ ବାଲଭବନ ଛାତ୍ରଛାତ୍ରୀ, ଜେମ ବାଳିକାମାନେ, ଏବଂ ଡିଏଭି ସ୍କୁଲ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀଚାନ୍ଦ ଏନଟିପିସି ନିଟସ୍ଥ ସରକାରୀ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍କର୍ଷ ମେଧାବୃତି ପ୍ରଦାନ ସହିତ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ହ୍ୱିଲଚେୟାର , ମଟରସାଇକେଲ ସହାୟକ ଗତିଶୀଳତା ଉପକରଣ ପ୍ରଦାନ କରିଥିଲେ।

ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ସହ ନିଜର ଅଭିଭାଷଣ ରଖିଥିଲେ ଓ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଉପଖଣ୍ଡ ସ୍ତରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପଖଣ୍ଡସ୍ତରରେ ଜାତୀୟ ପତାକା ଉତ୍ତୋଳନ ପରେ ଉପଖଣ୍ଡ ପ୍ରଶାସନ ଓ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦର ମିଳିତ ଉଦ୍ୟମରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ଏନଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ତହସିଲଦାର ପ୍ରସନ୍ନ କୁମାର ଟେଟେ, ଅତିରିକ୍ତ ତହସିଲଦାର ପାର୍ଥ ସାରଥୀ ବିଶ୍ୱାଳ, ସହକାରୀ ଜିଲ୍ଲାପାଳ ଜ୍ୟୋତି ରଞ୍ଜନ ବାଘ, ଏନଏସି ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିଟସ ମହାନନ୍ଦିଆଙ୍କ ଦ୍ୱାରା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଭିନ୍ନ ଚିକିତ୍ସାଳୟକୁ ଯାଇ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।


ଛେଣ୍ଡିପଦା


ଅନୁଗୋଳ



ଲାୟନ୍ସ କ୍ଲବ୍

## ଶୋଭନୀୟ ଶିକ୍ଷାଶ୍ରମ

ଛେଣ୍ଡିପଦା ବ୍ଲକ୍ ତୁକୁଡ଼ା, ହାଟପଦାସ୍ଥିତ ଅନୁଗୋଳ ଶୋଭନୀୟ ଶିକ୍ଷାଶ୍ରମରେ ୭୭ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରଧାନ ଗୁରୁମା ସତ୍ୟଭାମା ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁମା,ଗୁରୁଜୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପୂଜ୍ୟଶ୍ରୀ କୁମାର ଭାଇଙ୍କ ରଚନାରୁ ଚିତ୍ତାକର୍ଷକ ମନଗଠନକାରୀ ଦେଶପ୍ରେମ ସମ୍ବନ୍ଧୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ଚେତନା ମିଶନ ପକ୍ଷରୁ ଗଣତନ୍ତ୍ର ଦିବସ

**ଅନୁଗୋଳ:** ଚେତନା ମିଶନ ତରଫରୁ କେଦାରଗୌରୀ ଦୃଷ୍ଟିହୀନ ଧନ୍ଦାମୂଳକ ତାଲିମ କେନ୍ଦ୍ରଠାରେ ୭୭ତମ ଗଣତନ୍ତ୍ର ଦିବସ ମହା ସମାରୋହରେ ପାଳନ କରାଯାଇଛି। ଏହି ଉତ୍ସବରେ ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ବେହେରା, ରୋଟାରୀ ରୟାଲର ପୂର୍ବତନ ସଭାପତି ଡାକ୍ତର ମାଇକେଲ ଜନ, ବାଣୀ ଦେବ୍ ଏବଂ ଅନ୍ୟାନ୍ୟ ଅତିଥିଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ବାଣୀ ଦେବ୍ ତାଙ୍କର ଅଭିଭାଷଣରେ ଗଣତନ୍ତ୍ରର ବିଶେଷତା ଉପରେ ଆଲୋକପାତ କରିବା ସହିତ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ମନୋବଳ ବଢ଼ାଇଥିଲେ। ସର୍ବଶେଷରେ ଧନ୍ୟବାଦ ଅର୍ପଣ କରାଯାଇ

## କଣିହାଁ

କଣିହାଁ ବ୍ଲକ ପରାବିଲ ସ୍ଥିତ ପବିତ୍ରନଗର ମିନି ଷ୍ଟାଡିୟମରେ ଆଞ୍ଚଳିକ ସ୍ତରରେ ଦେଶର ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥି ଭାବରେ ପାଲଲହଡା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ଥିଲେ। ବିଧାୟକ ମହାନ୍ତି ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡ଼ ର ଅଭିବାଦନ ଗ୍ରହଣ କରିଥିଲେ। ଖମାର ଠାରୁ ସମଲ ପର୍ଯ୍ୟନ୍ତ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କର ୧୫ଟି ଟ୍ରୁପ ପାରେଡ଼ରେ ଭାଗ ନେବା ସହିତ ସଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଚାଷୀ ଭାବେ ମହୁଲିଆପଶି ଗ୍ରାମର ରମେଶ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଖମାର କଲେଜ ର ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ରେଙ୍ଗାଲୀ କଲେଜର ଅଧ୍ୟକ୍ଷ ହେମନ୍ତ ଦେହୁରି, କଲେଜ କର୍ମଚାରୀ ବ୍ରହ୍ମାନନ୍ଦ ପ୍ରଧାନ, ବିଭିନ୍ନ ଅନୁଷ୍ଠାନ ର ଅବସରପ୍ରାପ୍ତ କର୍ମଚାରୀ,

ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଲଓଡ଼ିଶା ହ୍ୟୁମାନ୍ ରାଇଟସ୍ ସଭାପତି ଦେବେନ୍ଦ୍ର ସିଂହ ଯୋଗଦେଇଥିଲେ। ଥାନା ସାହି ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇ ପତାକା ଉତୋଳନ କରିବା ସହିତ ଦେଶପାଇଁ ବଳିଦାନ ଦେଇଥିବା ସେହି ମହାନ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଉପରେ ବିସ୍ତୃତ ଭାବେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେବା ସହ ନିଜର ସରସସୁନ୍ଦର ଭବିଷ୍ୟତ କିପରି ଗଢ଼ି ଦେଶର ଯଶ ରଖି ପାରିବା ତାହା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜନବିକାଶ କଲ୍ୟାଣ ସଂଘର ସଭାପତି ଭୂପେନ ଥମ୍ବ, ଆରପିଆଇ ଜିଲ୍ଲା ସଭାପତି ପ୍ରଦୀପ ଶତପଥୀ, ଥାନାସାହି ଟାଉନ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ, କର୍ମଚାରୀ, ଆକ୍ଟିଭ ମିଡିଆସଂଘର ଉପସଭାପତି ମନୋଜ ଶତପଥୀ, ପ୍ରଦୀପ୍ତ ଜେନା, ତ୍ରିଲୋଚନ ସ୍ୱାଇଁ, ଦେବେନ୍ଦ୍ର ସାହୁ, ଦିଲ୍ଲୀପପ୍ରଧାନ ଉପସ୍ଥିତ ଥିଲେ। ଏହିକାର୍ଯ୍ୟକ୍ରମରେ ସ୍କୁଲ ଛାତ୍ର ଛାତ୍ରୀଙ୍କୁ ମିଷ୍ଟାର୍ଣ ବଣ୍ଟନ କରାଯାଇଥିଲା।

## ଏନଟିପିସି

ତାଳଚେର : ତାଳଚେର ଥର୍ମାଲ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥିଭାବେ ଏନଟିପିସି ତାଳଚେର ଥର୍ମାଲର କାର୍ଯ୍ୟନିବାହୀ ନିର୍ଦ୍ଦେଶକ ଏବଂ ଏଚଓପି ବିଜୟଚାନ୍ଦ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ଟିଟିପିଏସ୍ ଗ୍ରାଉଣ୍ଡରେ ବିଶାଳ ସମାବେଶକୁ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ ଅଭିଭାଷଣରେ ସେ ରାଷ୍ଟ୍ର ନିର୍ମାଣରେ ଏନଟିପିସି ଭୂମିକା ଏବଂ ତାଳଚେର ଥର୍ମାଲ ପାୱାର ପ୍ରଜେକ୍ଟର

ସେହିଭଳି ଡିଏଭି ପବ୍ଲିକ ସ୍କୁଲ ଏମସିଏଲ କଳିଙ୍ଗ ଏରିଆରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ହିଙ୍ଗୁଳା ଜିଏମ ସୁନିଲ ଯୋଶୀ ପତାକା ଉତୋଳନ କରି ଅଭିଭାଦନ ଗ୍ରହଣ କରିଥିଲେ। ଏଥିରେ ସମସ୍ତ ଶ୍ରମିକନେତା, କର୍ମଚାରୀ, ଛାତ୍ରଛାତ୍ରୀ, ଅଭିଭାବକ, ଅଭିଭାବିକା ଉପସ୍ଥିତ ଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡା ପ୍ରକାଶ କରିବା ସହିତ ସମସ୍ତଙ୍କୁ ଧନ୍ୟାବଦ୍ ଅର୍ପଣ କରିଥିଲେ। ସେହିପରି ଜଗନ୍ନାଥ ଡିଏଭି


ଆଠମଲ୍ଲିକ ସିଭିଲ କୋର୍ଟ

ସ୍କୁଲ ପରିସରରେ ମଧ୍ୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜଗନ୍ନାଥ ଜିଏମ୍ ଅଶୋକ କୁମାର ଧଳ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ଅଭିବାଦନ ଗ୍ରହଣ କରିଥିଲେ। ସର୍ବଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଆଠମଲ୍ଲିକ

ଆଠମଲ୍ଲିକ ମିନି ଷ୍ଟାଡିୟମରେ ଉପଖଣ୍ଡ ପ୍ରଶାସନ

## ଆଠମଲ୍ଲିକ ସିଭିଲ କୋର୍ଟ

ଆଠମଲ୍ଲିକ ସିଭିଲ କୋର୍ଟ ପରିସରରେ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରଞ୍ଜନ କୁମାର ସୂତାର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସବଜଜ୍ ଲିଙ୍କି ପ୍ରିୟା ସାହୁ, ସିଭିଲ କୋର୍ଟ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଅର୍ଜୁନ ରାଉଳ, ଉପସଭାପତି ବିଦ୍ୟୁତ କୁମାର ପାଣିଗ୍ରାହୀ, ସରକାରୀ ଓକିଲ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଅନ୍ତର୍ଯ୍ୟାମୀ ରାଉଳ, ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ମିଶ୍ର, ବିଜୟ କୁମାର ମହାକୁଡ଼, ଦିନେଶ କୁମାର ସିଂହ ଙ୍କ ସମେତ ସମସ୍ତ ଆଇନଜୀବୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିପରି କ୍ରିମିନାଲ ବାର ସଭାପତି ଅଞ୍ଜନ କୁମାର ପ୍ରଧାନ, ସମ୍ପାଦକ ସୁଧାଂଶୁ ଶେଖର ବେହେରା, କାର୍ଯ୍ୟକର୍ତ୍ତା ଓ ସଭ୍ୟ, ଅଦାଲତ କର୍ମଚାରୀ ଗଣ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଶାନ୍ତ କୁମାର ତଡଡିଆ, ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ବ୍ରାଉନ୍‌ସୁଗର ଚାଲାଣ ରାକେଟର ୫ ଗିରଫ

ବଣ୍ଟାରପାଳ,୨୭।୧(ସମିସ): ବଣ୍ଟାରପାଳ ଥାନା ନିକଟ ଗାଡ଼ରଖାଇ ନାଲକୋ ଆଲୁମିନିୟମ ପାର୍କ ଅଞ୍ଚଳରୁ ୫ ବ୍ରାଉନ୍‌ସୁଗର ବେପାରଙ୍କୁ କାବୁ କରିବାରେ ସ୍ୱେଶାଲ ସ୍କ୍ୱାର୍ଡ ଓ ବଣ୍ଟାରପାଳ ପୁଲିସକୁ ବଡ଼ ସଫଳତା ମିଳିଛି। ଆଜି ଏସ୍‌ଡିପିଓ ରମାକାନ୍ତ ମହାଳିକଙ୍କ ସୂଚନା ମୁତାବକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଅପରେସନ ପ୍ରହାର ୨ ନେଇ ବଣ୍ଟାରପାଳ ଅଞ୍ଚଳରେ ଚଢ଼ଉ କରାଯାଉଥିବା ବେଳେ ବିଶେଷ ସୂତ୍ରରୁ ଖବର୍ ପାଇ ସ୍ୱେଶାଲ ସ୍କ୍ୱାର୍ଡ ଓ ବଣ୍ଟାରପାଳ ଥାନା



ଅଧିକାରୀ ଦୁଷ୍ମନ୍ତ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ସଦଳବଳ ପୁଲିସ ଆଲୁମିନିୟମ ପାର୍କ ଅଞ୍ଚଳରେ ପହଞ୍ଚିବା ଦେଖି ୫ ଯୁବକ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ତେବେ ପୁଲିସ ସେମାନଙ୍କୁ ମାଡି ବସିଥିଲେ। ଅଭିଯୁକ୍ତଙ୍କ ଠାରୁ ୭ ଗ୍ରାମରୁ ଊର୍ଦ୍ଧ୍ୱ ବ୍ରାଉନସୁଗର, ୩୩ ହଜାର ଟଙ୍କା, ୭ ଟି ମୋବାଇଲ ଫୋନ, ଏକ ବାଇକ୍ ଜବତ କରିଥିଲେ। ସୁଭାଶିଷ ସାହୁ, ଚିନ୍ମୟ ସାହୁ, ଦେବାଶିଷ ସାହୁ, ଆଶୁତୋଷ ନାଏକ, ସୁବର୍ଣ୍ଣ ବେହେରା କନ୍ୟାବେଢ଼ା ଓ ତାଳଚେର ବଲଣ୍ଡା ଅଞ୍ଚଳର ବୋଲି ଜଣାପଡ଼ିଛି।

ହିଡିସିଙ୍ଗ ମଧ୍ୟମ ଜଳ ସେଚନ ପ୍ରକଳ୍ପ

# ଅନୁମୋଦନ ଚିଠି ପାଇଲା ପରେ ଉତ୍ସବ ପାଳିବେ ଚାଷୀ

ଅନୁଗୋଳ,୨୭।୧(ସମିସ):

ଅନୁଗୋଳ ଜିଲ୍ଲା ବନ୍ତଲା ଅଞ୍ଚଳର ବହୁ ପ୍ରତୀକ୍ଷିତ ନନ୍ଦପୁର ପଞ୍ଚାୟତ କରଡ଼ା ସିଙ୍ଗଠାରେ ପ୍ରସ୍ତାବିତ ହିଡିସିଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ହେବା ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇଆସୁଛି। ତେବେ ଚାଷୀଙ୍କ ଆନ୍ଦୋଳନ ପରେ ସରକାର ପଦକ୍ଷେପ ନେଇ ବିଭିନ୍ନ ସର୍ଭେ କାର୍ଯ୍ୟ ସାରିଛନ୍ତି। ତେବେ ଗତ ୨୨ ତାରିଖରେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ବସିଥିବା ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ଥାନୀୟ ବିଧାୟକଙ୍କ ସୂଚନା ଅନୁଯାୟୀ ଜଙ୍ଗଲ ଜମି କ୍ଲିୟରାନ୍ସ ମିଳିଛି। ହେଲେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରକଳ୍ପ ନିର୍ମାଣ ପାଇଁ ଜଙ୍ଗଲ ଜମି ଅନୁମୋଦନର ଚିଠି ମିଳିଲେ ହିଡିସିଙ୍ଗ ପ୍ରୋଜେକ୍ଟ କୃଷକ ମହାସଙ୍ଘ ଖୁସି ହେବା ସହିତ ଅଞ୍ଚଳର ସମସ୍ତ ଚାଷୀ ଉତ୍ସବ ପାଳନ କରିବେ ବୋଲି ରବିବାର ପୋକତୁଙ୍ଗା ରଣେଶ୍ୱର ମନ୍ଦିର ପରିସରରେ ମହାସଂଘ କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ମହାସଂଘର ସ୍ଥାୟୀ ସଭାପତି ଦୀନେଶ ଦେହୁରୀଙ୍କ ସଭାପତିତ୍ୱରେ ଏହି ବୈଠକରେ ବିଭିନ୍ନ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ପ୍ରଥମେ ସମ୍ପାଦକ ଜିତେନ୍ଦ୍ର ଦେହୁରୀ ପୂର୍ବ ପାଠର ବିବରଣୀ ପଠନ କରିବା ସହିତ ନୂତନ କମିଟିର ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ଉପଦେଷ୍ଟା ଙ୍କ ତ୍ରିନାଥ ସାହୁ ପ୍ରକାଶ କରିଥିଲେ ଯେ ପ୍ରକଳ୍ପ ନିର୍ମାଣ ନିମନ୍ତେ ଜଙ୍ଗଲ ଜମି କେନ୍ଦ୍ର ସରକାରଙ୍କ ଅନୁମୋଦନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବିଧାୟକ ନିଜେ ହୃଦୟକୁ ନେଇ ବିଧାନସଭାରେ ବାରମ୍ବାର ପ୍ରକଳ୍ପ ନିର୍ମାଣ ନିମନ୍ତେ ପ୍ରଶ୍ନ ପଚାରିବା ଓ ଢେଙ୍କାନାଳ ଏମ୍‌ପିଙ୍କ ସହଯୋଗକ୍ରମେ ବିଧାୟକ ଓ ତାଙ୍କ ଟିମ୍ ଦିଲ୍ଲୀ ଯାଇ ପ୍ରକଳ୍ପ ନିମନ୍ତେ ସମୟ ଦେଇ କେନ୍ଦ୍ର ମନ୍ତ୍ରୀଙ୍କୁ ଚାଷୀଙ୍କ ଦାବିକୁ ଉପସ୍ଥାପନ କରି କେନ୍ଦ୍ରୀୟ ବୈଠକରେ ଏହାକୁ ଅନୁମୋଦନ ନିମନ୍ତେ ସହଜ କରିଥିବାରୁ ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ।

ସେହିପରି ଅନୁଗୋଳ ଜଳ ଅନୁସନ୍ଧାନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସଠିକ ସମୟରେ କାର୍ଯ୍ୟ କରି ପ୍ରକଳ୍ପକୁ ଆଗକୁ ନେଇଥିବାରୁ କୃଷକ ମହାସଙ୍ଘ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।

ବୈଠକରେ ଅନୁପସ୍ଥିତ ଥିବା ସରୋଜ ଜେନା, ହାଡ଼ିବନ୍ଧୁ ଦେହୁରୀ, ସନାତନ ସେଠୀ ଓ ନିରଞ୍ଜନ ଦେହୁରୀଙ୍କୁ ଫୋନ ମାଧ୍ୟମରେ ମତାମତ ମାଗି ବୈଠକରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବିଷୟରେ ଉପସ୍ଥିତ ସଦସ୍ୟଙ୍କ ସମ୍ମୁଖରେ ଲାଉଡ଼ ସ୍ପିକର ଦେଇ ସଭାପତି ଦିନେଶ ଦେହୁରୀ କହିବା ପରେ ସମସ୍ତେ ଏହା ଏକ ଖୁସି ର କଥା। ତେଣୁ ଚିଠି ଆସିଲେ କମିଟି ମିଟି ଡକାଇ ଉତ୍ସବ ପାଳନ କରିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା।ଏହି ବୈଠକରେ ଉପସଭାପତି ଦୁର୍ଗା ଚରଣ ପ୍ରଧାନ,କରୁଣା ଦେହୁରୀ,ନବେଇ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।






# ଗାଁରୁ ସହର ଶୁଭିଲା 'ଜନଗଣ ମନ...'



**ଭୁବନେଶ୍ୱର,୨୭।୧(ସମିସ):** ଗାଁରୁ ସହର ଫରଫର ହୋଇ ଉଡ଼ିଲା ତ୍ରିରଙ୍ଗା। ଶୁଭିଲା 'ଜନଗଣ ମନ...'। ଦେଶପ୍ରେମ ଜାଗ୍ରତ କରୁଥିବା ଏହି ସଙ୍ଗୀତର ତାଳେତାଳେ ବିଦ୍ୟାର୍ଥୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ବୟସ ବର୍ଗର ଲୋକେ ଜାତୀୟ ଭାବନାରେ ନିଜକୁ ହଜାଇ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲ୍ଲା ସଦର ମହକୁମାରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ରିଜର୍ଭ ଇନ୍ସପେକ୍ଟର ଜ୍ୟୋତି ପ୍ରକାଶ ପଟ୍ଟନାୟକଙ୍କ ନେତୃତ୍ୱରେ ପୁଲିସ ବାହିନୀ ଏବଂ ଓଏସପି, ପ୍ରଥମ ବାଟାଲିଆନ ଓ ପୋଲିସ ବ୍ୟାଣ୍ଡ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ୟାରେଡ ଦଳ ପ୍ୟାରେଡ୍ କରି ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କରିଥିଲେ। ଉତ୍ସବ ଅବସରରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସୁଲକ୍ଷଣା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ଦିଲ୍ଲୀ ପବ୍ଲିକ ସ୍କୁଲ ଦ୍ୱିତୀୟ ଏବଂ ସେଣ୍ଟ ଜାଭିୟର୍ସ ହାଇ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ ସମର ଶିକ୍ଷାର୍ଥୀ ବାହିନୀ ଭାବେ ବିବି ହାଇସ୍କୁଲର ଜୁନିଅର ଡିଭିଜନ ବାଳିକା ବଳକୁ ମୁଖ୍ୟମନ୍ତ୍ରୀଙ୍କ ରନିଙ୍ଗ ସିଲ୍ଡ, ଦିଲ୍ଲୀ ପବ୍ଲିକ ସ୍କୁଲକୁ ଶ୍ରେଷ୍ଠ ବେସାମରିକ ବାଳିକା ଦଳ ଭାବେ ଜିଲ୍ଲା ପ୍ରଶାସନ ରନିଙ୍ଗ ସିଲ୍ଡ, ଶ୍ରେଷ୍ଠ ବାଳକ ଦଳ ଭାବେ ଆନନ୍ଦ ମାର୍ଗ ସ୍କୁଲର ବାଳକ ଦଳଙ୍କୁ ବୈଜ୍ଞାନିକ ଡକ୍ଟର ଦାଶରଥି ମିଶ୍ର ରନିଙ୍ଗ ସିଲ୍ଡ ଏବଂ ସେଣ୍ଟ ଜାଭିୟର୍ସ ହାଇ ସ୍କୁଲର ବାଳକ ସ୍କାଉଟ ଦଳକୁ ରୁଦ୍ରନାରାୟଣ ସ୍ମାରକୀ ରନିଙ୍ଗ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରସିଦ୍ଧ ଢେଙ୍କାନାଳ ଲକ୍ଷ୍ମୀ ପୂଜାରେ ଶ୍ରେଷ୍ଠ ସାଜସଜ୍ଜା ପାଇଁ କୈବଲ୍ୟ ବଜାର, ଶାନ୍ତି ଶୃଙ୍ଖଳା ସହ ପୂଜା ଓ ଭସାଣି ସମ୍ପାଦନ ପାଇଁ ଜବାହାର ଚୌକ, ଆକର୍ଷଣୀୟ ଭସାଣି ଶୋଭାଯାତ୍ରା ପାଇଁ ଲକ୍ଷ୍ମୀ ବଜାର ଏବଂ ଆକର୍ଷଣୀୟ ଆଲୋକ ସଜ୍ଜା ପାଇଁ ଗୋଲଡେନ ଷ୍ଟ୍ରୀଟ ପୂଜା ପ୍ରତିଷ୍ଠାନକୁ ମୁଖ୍ୟ ଅତିଥି ରନିଙ୍ଗ ସିଲ୍ଡ ପ୍ରଦାନ କରିଥିଲେ। ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରତ୍ୟୁଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୁନ ପରିବେଷଣ କରାଯାଇଥିଲା। ଉତ୍ସବରେ ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, ବନଖଣ୍ଡ ଅଧିକାରୀ ସୁମିତ କର, ପୌର ପାଳିକା ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ବରିଷ୍ଠ ପ୍ରଶାସନିକ ଅଧିକାରୀ, ନିର୍ବାଚିତ ଲୋକ ପ୍ରତିନିଧି, ଗଣମାଧ୍ୟମର ପ୍ରତିନିଧି ଏବଂ ଜନସାଧାରଣ ଯୋଗ ଦେଇଥିଲେ। ସାଧାରଣତନ୍ତ୍ର ଦିବସ ସମାରୋହ କାର୍ଯ୍ୟକ୍ରମକୁ ସତ୍ୟ ନାରାୟଣ କର ସଂଯୋଜନା କରିଥିଲେ।

### ● ଆମ୍ ଆଦ୍‌ମୀ ପାର୍ଟି

**ଢେଙ୍କାନାଳ:** ସ୍ଥାନୀୟ କଚେରି ରୋଡ଼ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଆମ୍ ଆଦମୀ ପାର୍ଟି (ଆପ୍) ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ତଥା କବିଜ୍ୟୋତି ନିରଞ୍ଜନ ପତି ମୁଖ୍ୟ ଅତିଥି ଓ ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ ମୁଖ୍ୟ ବକ୍ତା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରଭାତ ନଳିନୀ ଦାସ, ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଅବସରପ୍ରାପ୍ତ ଶିକ୍ଷକ ତଥା ସଦର



ନିର୍ବାଚନ ମଣ୍ଡଳୀ ସଭାପତି ଚିତ୍ତରଞ୍ଜନ ପାଣି, ସଦର ବ୍ଲକର ବରିଷ୍ଠ ସଦସ୍ୟ ପ୍ରସନ୍ନ ବରାଳ, ଓଡ଼ାପଡ଼ା ବ୍ଲକ୍ ସଭାପତି ପିତାମ୍ବର ଦାସ, ବରିଷ୍ଠ ସଦସ୍ୟ ସୁନିଲ୍ କୁମାର ସାହୁ, ପିତାମ୍ବର ସାମନ୍ତରାୟ, ଜୟଦେବ ବେହେରା ସୋମନାଥ ଦାସ, ଚିନ୍ମୟ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ● ଦିଲ୍ଲୀ ପବ୍ଲିକ୍ ସ୍କୁଲ

ସ୍ଥାନୀୟ ଦିଲ୍ଲୀ ପବ୍ଲିକ ସ୍କୁଲ, ପ୍ରାଙ୍ଗଣରେ ୭୭ତମ ସାଧାରଣତନ୍ତ୍ର ଦିବସ ଉତ୍ସାହ ଓ ଗରିମାର ସହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ଦ୍ୱାରା ଧ୍ୱଜାରୋହଣ ସହ ହୋଇଥିଲା। ଉପସ୍ଥିତ ଅଭିଭାବକ ଗଣ, ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟର ପ୍ରତ୍ୟେକ ସଦସ୍ୟ ଜାତୀୟ ପତାକାକୁ ସମ୍ମାନ ଦେଇ



ଜାତୀୟ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ତାଙ୍କ ଅଭିଭାଷଣରେ ସାଧାରଣତନ୍ତ୍ରର ମୂଲ୍ୟବୋଧ, ସମ୍ବିଧାନର ଗୁରୁତ୍ୱ ଓ ଛାତ୍ରଛାତ୍ରୀଙ୍କର ଦେଶ ପ୍ରତି କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ନିଜ ନିଜର ଦକ୍ଷତା ପ୍ରତିପାଦନ କରି ଏକ ବିକଶିତ ଭାରତ ଗଠନ କରିବାକୁ ଆହ୍ୱାନ କରିଥିଲେ। ପରିଶେଷରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ପ୍ରୋ ଭାଇସ୍ ଚେୟାରମ୍ୟାନ ବିନୋଦ ଦାଶ, ଡାଇରେକ୍ଟର ଡକ୍ଟର ଲଗ୍ନଜିତ୍ ଦାଶ, ଅଧ୍ୟକ୍ଷ ସୁବ୍ରମଣ୍ୟ କୁମାର ଶ୍ରୀପଦ, ପ୍ରଶାସନିକ ଅଧିକାରୀ ମାନସ ସାହୁଙ୍କ ତତ୍ତ୍ୱାବଧାନରେ ଏବଂ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀବୃନ୍ଦ ଓ ଅଭିଭାବକମାନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମ ଦେଶଭକ୍ତି ଓ ଏକତାର ଭାବନା ସହ ସମ୍ପନ୍ନ ହୋଇଥିଲା। ଷ୍ଟାଡିୟମରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ମିଳିତ ପରେଡ୍ ରେ ଗାର୍ଲସ ସିଭିଲିୟାନ ପ୍ରଥମ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେଥିପାଇଁ ବିଦ୍ୟାଳୟର ପ୍ରୋ ଭାଇସ୍ ଚେୟାରମ୍ୟାନ ବିନୋଦ ଦାଶ ସମସ୍ତ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ● ଘରୋଇ ବସ୍ ମାଲିକ ସଂଘ

ସ୍ଥାନୀୟ ଘରୋଇ ବସ ମାଲିକ ସଂଘ ପକ୍ଷରୁ ମୁଖ୍ୟ ବସଷ୍ଟାଣ୍ଡ ଠାରେ ୭୭ ତମ ସାଧାରଣତନ୍ତ୍ର ଦିବସ ମୁଖ୍ୟ ଅତଥି ଭାବେ ସଭାପତି ପ୍ରଭାକର ବେହେରା ପତାକା ଉତୋଳନ କରି ପାଳନ କରାଯାଇଛି। ସମ୍ପାଦକ ପ୍ରମୋଦ ବେହେରା, ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ତ୍ରିପାଠୀ, ସନ୍ତୋଷ କୁମାର ମହାପାତ୍ର, ତ୍ରିନାଥ ବେହେରା ସହଯୋଗ କରିଥିଲେ। ବସଷ୍ଟାଣ୍ଡ ଠାରେ ଉପସ୍ଥିତ ଜନସାଧାରଣଙ୍କୁ ଲଡୁ ବଣ୍ଟନ



କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ମାଲିକ ଓ କର୍ମକର୍ତ୍ତା ଉପସ୍ଥିତ ରହି ସାଫଲ୍ୟମଣ୍ଡିତ କରିଥିବାରୁ ସମ୍ପାଦକ ଧନ୍ୟବାଦ ପ୍ରଦାନ କରିଥିଲେ।

### ● ଜିଲ୍ଲା ଡ୍ରାଇଭର ସଂଘ

ଭାରତରତ୍ନ ଡଃ. ଆମ୍ବେଦକର ଡଃ ଆମ୍ବେଦକର ମେମୋରିଆଲ୍ ସୋସାଇଟ୍ ଏବଂ ଡ୍ରାଇଭର ଆସୋସିଏସନର ସମସ୍ତ କର୍ମକର୍ତ୍ତାଙ୍କ ମିଳିତ ଆନୁକୂଲ୍ୟରେ ୭୭ତମ ସାଧାରଣତନ୍ତ୍ର ଦିବସ ମହିଷାପାଟସ୍ଥିତ ଆମ୍ବେଦକର ଭବନରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଦଳିତ ମହସଂଘର ସଭାପତି ପ୍ରହ୍ଲାଦ ନାୟକ ଜାତୀୟ ପତାକା ଉତୋଳନ କରି ଡଃ ଭୀମରାଓ ଆମ୍ବେଦକର ଏବଂ ସମ୍ବିଧାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅନୁଷ୍ଠାନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ବେହେରା ବାବା ସାହେବଙ୍କ ଜୀବନୀ ଓ ସାଧାରଣତନ୍ତ୍ର ଦିବସ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ଜିଲ୍ଲା



ସୂଚନା ଓ ଲୋକ ସଂପର୍କ ଅଧିକାରୀ ଡଃ ପ୍ରମୋଦ କୁମାର ନାୟକ ସାଧାରଣତନ୍ତ୍ର ଦିବସ ଏବଂ ସମ୍ବିଧାନ ଉପରେ ଆଲୋପାତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବନମାଳି ମଲ୍ଲିକ ଏହି ବୈଠକକୁ ପରିଚାଳନା କରିଥିଲେ। ଏହି ବୈଠକରେ ସ୍ଥାନୀୟ ସମାଜସେବୀ ପ୍ରଭାକର ନାଏକ, ପ୍ରତିରୋଧ ଖବରକାଗଜର ସମ୍ପାଦକ ବାଇଧର ନାଏକ, ସୁରେଶ ନାଏକ, ନିରାକାର ମଲ୍ଲିକ, ସମାଜସେବୀ ପ୍ରଦୀପ କୁମାର ନାଏକ, ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସମୀର ସାହୁ, ଦିବାକର ଦେହୁରୀ, ସିରିଶ ନାଏକ, ସାଇ କମଳିନୀ ପୃଷ୍ଟି, କିଶୋର କୁମାର ଜେନା ଓ ଜିଲ୍ଲା ଡ୍ରାଇଭର ମହାସଂଘର ସମ୍ପାଦକ ସୁରେଶ କୁମାର ଶତପଥୀ, ଶିମାନନ୍ଦ ଗଣ୍ଡ, ତ୍ରିନାଥ ମହାନ୍ତି, ପ୍ରିୟବ୍ରତ ରାଉତ, ପ୍ରକାଶ ହୋତାଙ୍କ ସମେତଙ୍କ ଉପସ୍ଥିତିରେ ଏହି ଦିବସକୁ ସାଫଲ୍ୟ ମଣ୍ଡିତ କରିଥିଲେ।

### ● ଜିଲ୍ଲା କଂଗ୍ରେସ କମିଟି

ସ୍ଥାନୀୟ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ, ଗାନ୍ଧିମନ୍ଦିର ଠାରେ କମିଟି ତରଫରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳ



ଜାତୀୟ ପତାକା ଉତୋଳନ କରିଥିଲେ। ଏହି ଅବସରରେ ଦେଶରେ ଧର୍ମ ନିରପେକ୍ଷତା, ସମ୍ବିଧାନର ସୁରକ୍ଷା ଉପରେ ମତପୋଷଣ କରିଥିଲେ। ବରିଷ୍ଠ ନେତା ରବିନାରାୟଣ ମହାନ୍ତି, ପ୍ରେମ ଶଙ୍କର ମିଶ୍ର, ଅଖିଳ ମହାପାତ୍ର, ଗୋପାଳ ଚନ୍ଦ୍ର ସାହୁ, ରୁଦ୍ର ପ୍ରକାଶ ଶରଣ, ଡଃ ତୁଷାରକାନ୍ତି ନାୟକ, ସୁଶାନ୍ତ ଧଳ, ନାରୀନେତ୍ରୀ ସମ୍‌ସିଦା ବେଗମ୍, ଅଜିତାନନ୍ଦ ବିହାରୀ, ନୁରୁଲ୍ ଇସ୍‌ଲାମ୍, ଜିତେନ୍ଦ୍ର କୁମାର ସାହୁ, ସୁଶାନ୍ତ ଧଳ, ସ୍ମିତାରାଣୀ ସାମଲଙ୍କ ସମେତ ବହୁ କଂଗ୍ରେସ୍ କର୍ମୀ ଉପସ୍ଥିତ ରହି ୭୭ତମ ସାଧାରଣ ଦିବସ ପାଳନ କରିଥିଲେ।

### ● ଗାନ୍ଧୀ ଅଧ୍ୟୟନ କେନ୍ଦ୍ର

ସ୍ଥାନୀୟ ଗାନ୍ଧି ଅଧ୍ୟୟନ କେନ୍ଦ୍ର ଆନନ୍ଦ ନଗର, କାଠଗଡ଼ା ପରିସରରେ ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳିତ ହୋଇଯାଇଛି। ଆଡ୍‌ଭୋକେଟ୍, ସାମ୍ବାଦିକ ତଥା ସମାଜସେବୀ ସ୍ୱରୁପାନନ୍ଦ ଦାସ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମାଜସେବୀ ସରୋଜ ଶତପଥୀ ମୁଖ୍ୟବକ୍ତା, ଶତାୟୁ ପିଏମ୍ ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ, ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ଡଃ ଅନୁପମା ମିଶ୍ର ଓ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ୍ ଡ଼ା. ଦେବୀ ପ୍ରସାଦ ମିଶ୍ର ବିଶିଷ୍ଟ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ପ୍ରବୀଣା ନନ୍ଦ,ଦେବରାଜ ଦତ, ପାର୍ବତୀ ଗାଗାରିନ୍, ବିଭୁପ୍ରସାଦ ସାହୁ, ରଞ୍ଜନ ସାହୁ ଓ ପ୍ରଭାସିନୀ ସାହୁ ପ୍ରମୁଖ ବହୁ ସଂଖ୍ୟକ ଅଂଚଳବାସୀ ଯୋଗଦାନ କରି ସ୍ୱୀୟ ବକ୍ତବ୍ୟ ରଖିଥିଲେ। ପରିଶେଷରେ ପ୍ରଭାସିନୀ ସାହୁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## କଂଗ୍ରେସ ଜିଲ୍ଲା କମିଟି ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା



**ଢେଙ୍କାନାଳ,୨୭।୧(ସମିସ):** ସ୍ଥାନୀୟ ଗାନ୍ଧୀ ମନ୍ଦିର ଠାରେ ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଜିଲ୍ଲା କମିଟିର ନୂତନ ଭାବେ ଅବସ୍ଥାପିତ ଉପସଭାପତି, ବ୍ଲକ ସଭାପତି, ପୌରାଞ୍ଚଳ ସଭାପତି, ସାଧାରଣ ସମ୍ପାଦକ ଓ ସମ୍ପାଦକମାନଙ୍କୁ ବରିଷ୍ଠ ନେତା ରବି ନାରାୟଣ ମହାନ୍ତି, ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତା ରାଣୀ ସାମଲ, ରୁଦ୍ର ପ୍ରକାଶ ଶରଣ, ଡାକ୍ତର ତୁଷାର କାନ୍ତି ନାୟକ, ଦିଲିପ କୁମାର ବରାଳ ପ୍ରମୁଖଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସଭାପତି ଏବଂ ବରିଷ୍ଠ ନେତାଗଣ ନୂତନ ପଦାଧିକାରୀଙ୍କୁ ତୃଣମୂଳସ୍ତରରେ ଦଳର ସଂଗଠନକୁ ସୁଦୃଢ଼ କରିବା ସହିତ ଗ୍ରାମାଞ୍ଚଳ ହେଉ ଅବା ସହରାଞ୍ଚଳ ସାଧାରଣ ଜନତାଙ୍କର ନିକଟତର ହୋଇ, ସେମାନଙ୍କର ସ୍ଥାନୀୟ ସମସ୍ୟାର ସମାଧାନ ନିମନ୍ତେ ପ୍ରଶାସନ ଉପରେ ଚାପ ସୃଷ୍ଟି କରିବା ନିମନ୍ତେ ପ୍ରୟାସ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାରର ବିଭିନ୍ନ କ୍ଷେତ୍ରରେ ବିଫଳତାକୁ ନେଇ ବିଶେଷ କରି ଦରଦାମ୍ ବୃଦ୍ଧି, ବିଦ୍ୟୁତ ଯୋଗାଣକାରୀ ଟାଟା ପାୱାରର ଶୋଷଣ, ମନରେଗା ଯୋଜନାରେ ବ୍ୟାପକ ପରିବର୍ତ୍ତନ, ଧାନ ମଣ୍ଡିରେ ବିଭ୍ରାଟ, ଆଇନଶୃଙ୍ଖଳା ବିପର୍ଯ୍ୟୟ, ମୋଟର ଗାଡି ପଲ୍ୟୁସନ ସାର୍ଟିଫିକେଟ ନାମରେ ଶୋଷଣ ଓ ବେଆଇନ ଭାବେ ଚାଲାଣ କାଟିବା ଯୋଗୁଁ ସାଧାରଣ ଲୋକେ ତ୍ରାହି ତ୍ରାହି ଡାକିଲେଣି ବୋଲି ନେତାମାନେ ଦର୍ଶାଇ ଥିଲେ। ଏଭଳି ପରିସ୍ଥିତିରେ ଲୋକମାନେ ଭବିଷ୍ୟତ ନିର୍ବାଚନରେ କଂଗ୍ରେସ ଦଳକୁ ବିକଳ୍ପ ଭାବରେ ମନରେ ସ୍ଥିର କରିସାରିଲେଣି ବୋଲି ବରିଷ୍ଠ ସଦସ୍ୟଗଣ ପ୍ରକାଶ କରିଛନ୍ତି। ନୂତନ ପଦାଧିକାରୀ ଗଣ ଏହାକୁ ସମ୍ମାନ ଜଣାଇ ଜନତାଙ୍କ ହକ ପାଇଁ ଲଢେଇ କରିବା ଆବଶ୍ୟକ ଓ ତତ୍ପରତା ଦେଖାଇବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା କଂଗ୍ରେସ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ନିଶ୍ଚିତ ସଫଳତା ଲାଭ କରିବ ବୋଲି ଦଳ ଆଶାବାଦୀ। ପଦାଧିକାରୀମାନେ ନିଜର ସ୍ଥାନୀୟ କମିଟି ଗଠନ କରି ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଜ ନିଜର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ସ୍ମିତାରାଣୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ୫ ଦିନିଆ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଦାବିରେ ଧର୍ମଘଟ




**ଢେଙ୍କାନାଳ,୨୭।୧(ସମିସ):** ଦିନିକିଆ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଦାବିକୁ ନେଇ ଲକ୍ଷ୍ମୀବଜାରସ୍ଥ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ସମସ୍ତ ବ୍ୟାଙ୍କ କର୍ମଚାରୀମାନେ ଏକତ୍ରିତ ହୋଇ ଧର୍ମଘଟ କରିଥିଲେ। ସକାଳ ୯ ଘଟିକାରେ ସମସ୍ତ ସରକାରୀ ବ୍ୟାଙ୍କର କର୍ମଚାରୀମାନେ ଏକତ୍ର ହୋଇ ସମସ୍ତ ବେସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକୁ ବନ୍ଦ କରିଥିଲେ। ବେସରକାରୀ ବ୍ୟାଙ୍କ ବନ୍ଦ କାର୍ଯ୍ୟ ସମାପ୍ତ ପରେ ପୁନର୍ବାର ସମସ୍ତ କର୍ମଚାରୀ ମୁଖ୍ୟ ଶାଖା ସମ୍ମୁଖରେ ଏକତ୍ରିତ ହୋଇ ଏକ ସଭା ଆୟୋଜନ କରିଥିଲେ। ଏହି ସଭାରେ ଅଲ ଓଡ଼ିଶା ଅବସରପ୍ରାପ୍ତ ପଞ୍ଜାବ ନେସନାଲ ବ୍ୟାଙ୍କ ଆସୋସିଏସନର ଅଧ୍ୟକ୍ଷ ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, କାନରା ବ୍ୟାଙ୍କ ଏଆଇବିଇଏ ଉପସଚିବ କ୍ଷେତ୍ରବାସୀ ବେହେରା, ଏଆଇବିଇଏ ନେତା ଆଶିଷ ସାମଲ, ବିଇଏଫଆଇ ନେତା ମହେନ୍ଦ୍ର ମୋହରଣା, ପଞ୍ଜାବ ନେସନାଲ ବ୍ୟାଙ୍କ ଏଆଇବିଇଏ ନେତା ପଦ୍ମନାଭ ଜେନା, ମନୋଜ ସାହୁ, ଏସବିଆଇ ଆରଏ ଜୋନାଲ ସଚିବ ଗୋପାଳ ସାହୁ, ଜିତେନ୍ଦ୍ର ଦାସ, ପ୍ରଜ୍ଞାନ ପରମିତା ସେଠୀ, ସନ୍ତୋଷ ବରାଳା, ସୌମ୍ୟ ମିଶ୍ର ଓ ଅନ୍ତର୍ଯ୍ୟାମୀ ନାୟକ ଉପସ୍ଥିତ ଥିଲେ।

## ଇପିଏଫ୍ ପେନସନର୍ସ ଆସୋସିଏସନ୍ ପକ୍ଷରୁ ସାଂସଦଙ୍କୁ ସମ୍ବର୍ଦ୍ଧନା

**ଢେଙ୍କାନାଳ,୨୭।୧(ସମିସ):** ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ରାଜ୍ୟ ସଭାପତି ଇଂ. ବିଜୟ କୁମାର ଜେନାଙ୍କ ନେତୃତ୍ୱରେ କର୍ମକର୍ତ୍ତା ସାଂସଦ ତଥା କେନ୍ଦ୍ର ସରକାରଙ୍କ ଲେବର୍ ଷ୍ଟାଣ୍ଡିଙ୍ଗ୍ କମିଟି ସଦସ୍ୟ ରୁଦ୍ରନାରାୟଣ ପାଣିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଭାରତ ସରକାରଙ୍କ ତରଫରୁ ଶ୍ରମ ବିଭାଗର ଷ୍ଟାଣ୍ଡିଙ୍ଗ୍ କମିଟିରେ ସ୍ଥାନିତ କରାଯାଇଥିବାରୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆରଟିଆଇ ତଥ୍ୟରୁ ପ୍ରାପ୍ତ ଖବର ଅନୁଯାୟୀ ଇପିଏଫ୍‌ର ମୂଳ ଜମାଟଙ୍କାରୁ ପ୍ରାପ୍ତ ବାର୍ଷିକ ୬୭ଲକ୍ଷ କୋଟି ଟଙ୍କାରୁ ସର୍ବଭାରତୀୟ ସ୍ତରରେ ମୋଟ୍ ପେନ୍‌ସନ୍ ବାବଦକୁ ପ୍ରାୟ ୧୫ ହଜାର କୋଟି ଟଙ୍କା ଯାଉଛି ଓ ହିସାବରେ ଏହା ସୁଧର କେବଳ ୨୮% ହେଉଛି। ତେଣୁ ଅର୍ଥର ଅଭାବ ଯାହା କୁହାଯାଉଛି ତାହା



ସତ୍ୟର ଅପଳାପ ମାତ୍ର ବୋଲି ମତ ପ୍ରକାଶ ପାଇଥିଲା। ଏହି ଆଲୋଚନାରେ ରାଜ୍ୟ ସଭାପତିଙ୍କ ବ୍ୟତୀତ ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ, ସଂଯୋଜକ ଅଲେଖ ରାଉତ, ଢେଙ୍କାନାଳ ଜିଲ୍ଲା ଶାଖା ସଭାପତି ଜ୍ୟୋତିରଞ୍ଜନ ମହାପାତ୍ର, ଉପସଭାପତି ହୃଦାନନ୍ଦ ପ୍ରଧାନ, ଶରତ ରଥ, ସମ୍ପାଦକ ସଦାଶିବ ମିଶ୍ର, କୋଷାଧ୍ୟକ୍ଷ ନେତ୍ରାନନ୍ଦ ସାହୁ, ଉପଦେଷ୍ଟା ବିରଂଚି ନାରାୟଣ ମିଶ୍ର, ଯୁଗ୍ମ ସଂପାଦକ ଗୋଲକ ବରାଳ, କାର୍ଯ୍ୟକାରୀ ସଦସ୍ୟ ରମେଶ ସାମଲ, ଗୋପୀନାଥ ଜେନା, ମିର୍ଜା ଜାଗିର୍ ବେଗ୍, ବାସୁଦେବ ଦେହୁରୀ, ବାଇଧର ଚକ୍ର, ରାମଚନ୍ଦ୍ର ବେହେରା, ଖଗେଶ୍ୱର ନାୟକ ପ୍ରଭୃତିଙ୍କ ସହିତ ବିଭିନ୍ନ ଅନୁଷ୍ଠାନରୁ ଅନେକ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀ ପେନ୍‌ସନ୍ ଭୋଗୀ ଯୋଗଦେଇଥିଲେ। ସାଂସଦ ଶ୍ରୀ ପାଣି ବହୁମୂଲ୍ୟ ସମୟ ଦେଇ ସମସ୍ୟା ଶୁଣି ଏହାର ନିରାକରଣ କରିବାକୁ ପ୍ରତିଶ୍ରୁତି ଦେଇଥିବାରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ୩୫ ଫୁଟ ଗଭୀର କୂଅରୁ ଭାଇ ଭଉଣୀ ଉଦ୍ଧାର

**ଭୁବନ,୨୭ ।୧(ସମିସ):** ପାଣି କାଢୁଥିବା ବେଳେ କୂଅରେ ପଡ଼ିଗଲେ ଭଉଣୀ, ଉଦ୍ଧାର କରିବାକୁ କୂଅକୁ ଡେଇଁଲେ ଭାଇ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ବାରୁଆଁ( ବି) ଗ୍ରାମରେ। ଗ୍ରାମର ଶ୍ରୀକାନ୍ତ ପରିଡ଼ାଙ୍କ ନାବାଳିକା ଝିଅ ଲକି ପରିଡ଼ା (୧୩) ନିଜ ଘର ବାଡ଼ି କୁଅରେ ପାଣି କାଢୁଥିବା ସମୟରେ ଅସାବଧାନତା କାରଣରୁ ପୂଅରେ ପଡ଼ିଯାଇଥିଲେ। ଭଉଣୀ ପଡ଼ିଯିବା ଦେଖି ଭାଇ ସନ୍ଦୀପ ପରିଡ଼ା (୧୪) ମଧ୍ୟ ଭଉଣୀଙ୍କୁ ବଞ୍ଚାଇବାକୁ ଯାଇ କୂଅକୁ ଡେଇଁ ପଡ଼ିଥିଲେ। ଏ ସବୁ ଘଟଣାକୁ ଦେଖି ନେଇଥିଲେ ସ୍ଥାନୀୟ ଲୋକେ। ସଙ୍ଗେ ସଙ୍ଗେ ଭୁବନ ଦମକଳ ବାହିନୀକୁ ଖବର ଦେବାରୁ ଘଟଣାସ୍ଥଳରେ ପହଞ୍ଚି ଉଭୟ ଭାଇ ଭଉଣୀଙ୍କୁ ଉଦ୍ଧାର କରି ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ସରପଞ୍ଚ ବୀଣାପାଣି ସାହୁ ପୀଡ଼ିତ ୨ ଜଣଙ୍କୁ ସାକ୍ଷାତ କରିଥିବା ଜଣାଯାଇଛି।

## ମା' କନକଦୁର୍ଗା ଓ ବାବା ଶ୍ରୀମାଲେଶ୍ୱର ସ୍ୱାମୀଙ୍କ ବାର୍ଷିକୋତ୍ସବ

**ଢେଙ୍କାନାଳ,୨୭।୧(ସମିସ):** ଦେଉଳସାହିସ୍ଥିତ ମା' କନକ ଦୁର୍ଗା ତଥା ବାବା ଶ୍ରୀଶ୍ରୀ ମାଲେଶ୍ୱର ସ୍ୱାମୀଙ୍କର ଏକବିଂଶତମ ବାର୍ଷିକୋତ୍ସବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସୋମବାର କଳସ ଅଧିବାସ, ଦେବୀ ମହାସ୍ନାନ, ସୂର୍ଯ୍ୟପୂଜା, ମଣ୍ଡଳାଦି ଦେବତା ଆବାହନ, ଦେବୀ ଷୋଡଶ ଉପଚାରେଣ ପୂଜନ, ଚଣ୍ଡୀ ପାଠ ଓ ଶିବାଭିଷେକ ପାର୍ବତ୍ୟାଗୀ ସଂସ୍କାର ପୂର୍ବକ ଘୃତଯଜ୍ଞ। ୨୭ ତାରିଖ ପ୍ରାତଃରୁ ସୂର୍ଯ୍ୟପୂଜା, ମଣ୍ଡଳାଦି ଦେବତା ପୂଜନ ହୋଇଛି। ଆସନ୍ତାକାଲି ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ ଶ୍ରୀଶ୍ରୀ କନକଦୁର୍ଗା ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

## ରାଷ୍ଟ୍ରୀୟ ଚେତନାରେ ଉଦ୍‌ବୁଦ୍ଧ ହେବା ଯୁବଶକ୍ତି ପାଇଁ ଆହ୍ୱାନ

**ଢେଙ୍କାନାଳ,୨୭।୧(ସମିସ)**



ସହର ଉପକଣ୍ଠସ୍ଥିତ ଇ ଟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୧୭ତମ ବାର୍ଷିକୋତ୍ସବ ଇ ଫେଷ୍ଟ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡଃ ସୁରେଶ୍ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥି, ହିନ୍ଦୋଳ ବିଧାୟିକା ସୀମାରାଣି ନାୟକ ସମ୍ମାନିତ ଅତିଥି, ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ବର୍ତ୍ତମାନ ଦେଶର ଯୁବଶକ୍ତି ରାଷ୍ଟ୍ରୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇ ବିକଶିତ ରାଷ୍ଟ୍ର ଗଠନରେ ନିଜକୁ ବ୍ରତୀ କରିବାକୁ ସମଗ୍ର ଛାତ୍ର ସମାଜକୁ ଆହ୍ୱାନ ଜଣାଇ ଆଗାମୀ ଦିନରେ ଜଣେ ଜଣେ ସୁନାଗରିକ ହୋଇ ସମାଜରେ ନିଜର ପରିଚୟ ସୃଷ୍ଟି କରିବାକୁ ମୁଖ୍ୟ ଅତିଥି ରୁଦ୍ରନାରାୟଣ ପାଣି ମତବ୍ୟକ୍ତ କରିଥିଲେ। ସମାଜର ବିଭିନ୍ନ ବର୍ଗରେ କାର୍ଯ୍ୟକରୁଥିବା ବ୍ୟକ୍ତି ବିଶେଷଙ୍କୁ ଇ ଟେକ୍ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସମାଜ ସେବା ପାଇଁ ପ୍ରଭାକର ରାଉତଙ୍କୁ ଇ ଟେକ ସେବା ସମ୍ମାନ, ବର୍ଷିୟାନ ତାବଲା ବାଦକ ତଥା ସଙ୍ଗୀତ ଗୁରୁ ହରମୋହନ ଖୁଣ୍ଟିଆଙ୍କୁ ଇ ଟେକ କଳା ସମ୍ମାନ, ଅମ୍ବୁଜ ବଲ୍ଲଭ ଶତପଥୀଙ୍କୁ ଇ ଟେକ ଶିକ୍ଷା ସମ୍ମାନ ଏବଂ ସାରସ୍ୱତ ସାଧନା ପାଇଁ ପ୍ରବାସିନୀ ମହାକୁଡ଼ଙ୍କୁ ଇ ଟେକ ସାରସ୍ୱତ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଗତବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ ରାଜ୍ୟର ଦ୍ୱିତୀୟ ଟପ୍ପର ତଥା ଇ ଟେକ ର ଟପ୍ପର ଆଶିଷ କୁମାର ସାହୁଙ୍କୁ ପଠାଣି ସାମନ୍ତ ତଥା ଗଣିତ ବିଭାଗରେ ଶତପ୍ରତିଶତ ନମ୍ବର ରଖିଥିବାରୁ ଆର୍ଯ୍ୟଭଟ୍ଟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗତବର୍ଷର ଯୁକ୍ତ ଦୁଇ ପରୀକ୍ଷାରେ ବାଳିକାମାନଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଏସ ରାମେଶ୍ୱରୀ ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ତତସହିତ ଇ ଟେକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ବିଦୁସ୍ମିତା ରାଉତଙ୍କୁ ବିଦୂଷୀ ଲୀଳାବତୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସିମାରାଣୀ ନାୟକ ଯୋଗ ଦେଇଥିଲେ। ଆଶିଷ କୁମାର ସାହୁଙ୍କୁ ଷ୍ଟୁଡେଣ୍ଟ ଅଫ ଦି ଇଅର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଇ ଟେକ୍ ଓଡିଆ ବିଭାଗର ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ସ୍ୱରଚିତ କବିତା ସଙ୍କଳନ ଅନେକ ନଦୀ ଓ ଗୋଟିଏ ସମୁଦ୍ର ଅତିଥିମାନଙ୍କ ଦ୍ୱାରା ଉନ୍‌ମୋଚିତ ହୋଇଥିଲା। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ମାଲ୍ୟାର୍ପଣ କରାଯାଇଥିଲା। ପରେ ପରେ ଇ-ଟେକ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଇ ଟେକ ର ସମ୍ପାଦିକା ସାଗରବାଳା ହୋତା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରିଚାଳନା କମିଟିର ସଭାପତି ଅଳକା ରାଉତ, ଯୁଗ୍ମ ସମ୍ପାଦିକା ସୁପ୍ରଭା ଶତପଥୀ ସମେତ ସମସ୍ତ ଅଧ୍ୟାପିକା ଏବଂ ଅଧ୍ୟାପକ, କର୍ମଚାରୀ ଯୋଗଦେଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ବିଶ୍ୱରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ନିକଟରେ ଅଧିକ ସମୟ ଏବଂ ଅନେକ ଉପାଦାନ ଲୁଚି ରହିଥାଏ।

- ଓସ୍କାର ୱାଇଲ୍ଡ

## ଅପ୍ରସ୍ତୁତ ସଂଗଠନ ମୁଖିଆ

ରାଜ୍ୟରେ ଆଗୁଆ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ନେଇ ସୃଷ୍ଟି ହୋଇଥିବା ବିବାଦୀୟ ପରିସ୍ଥିତି ଓ ଦ୍ୱନ୍ଦ୍ୱର ଅବସାନ ଘଟିଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ସ୍ପଷ୍ଟ ଘୋଷଣା ପରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ସେମାନଙ୍କ ୫ ବର୍ଷ କାର୍ଯ୍ୟକାଳ ପୂରଣ କରିପାରିବେ। କିନ୍ତୁ ବିଭିନ୍ନ ସ୍ଥାନରେ ଖାଲି ପଡ଼ିଥିବା ୧୦୪୩ ୱାର୍ଡମେମ୍ବର, ୪୩ ସରପଞ୍ଚ, ୪୦ ସମିତି ସଭ୍ୟ ଓ ୫ ଜିଲ୍ଲା ପରିଷଦ ସଦସ୍ୟ ପଦ କେବେ ପୂରଣ ହେବ ତାହା ସ୍ପଷ୍ଟ ହୋଇନାହିଁ। ବର୍ଷାଧିକ କାଳ ଏହି ପଦ ଶୂନ୍ୟ ପଡ଼ିଥିବା ବେଳେ ତାହାର ପୂରଣ ସକାଶେ ଉପନିର୍ବାଚନର ଆବଶ୍ୟକତାକୁ ଆୟୋଗ ଏଡ଼ାଇ ଯାଇଛନ୍ତି। ତାଙ୍କ ବକ୍ତବ୍ୟରୁ କିନ୍ତୁ ସ୍ପଷ୍ଟ ହେଉଛି ଯେ ଆଗାମୀ ପଞ୍ଚାୟତ ନିର୍ବାଚନ ପର୍ଯ୍ୟନ୍ତ ସେହି ପଦ ଖାଲି ପଡ଼ିବ। ଏକଥା ସତ ଯେ ମୁଖ୍ୟ ନିର୍ବାଚନ ଆୟୋଗ ଉପନିର୍ବାଚନ ପାଇଁ ପ୍ରୟାସ କରିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଘୋଷିତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରି ନେଇଥିଲେ। ଗତବର୍ଷ ଜୁନରେ ଏହି ଉପନିର୍ବାଚନ ହେବାର ଥିଲା, ସମ୍ଭାବ୍ୟ ମୌସୁମୀ ବର୍ଷା ଦର୍ଶାଇ ନିଷ୍ପତ୍ତି ବଦଳାଯାଇଛି। ଏମିତି ଦେଖିଲେ, ଗତ ବେଶ କିଛିବର୍ଷ ଧରି ରାଜ୍ୟରେ ମୌସୁମୀ ବର୍ଷା ଜୁନରେ ସେଭଳି ବିପର୍ଯ୍ୟୟ ସୃଷ୍ଟି କରିନାହିଁ। ଏକଥା ଆୟୋଗ ବେଶ ବୁଝିବିଚାରି ବିଜ୍ଞପ୍ତି ଜାରି କରିଥିଲେ ନିଶ୍ଚୟ। ତେଣିକି କଣ ଅସୁବିଧା ହେଲା ତାହା ଭିନ୍ନ କଥା।

ଦେଶର ବିଭିନ୍ନ ରାଜ୍ୟରେ ଭୋଟର ତାଲିକାର ବ୍ୟାପକ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ଆମ ରାଜ୍ୟରେ ଏସଆଇଆର କାର୍ଯ୍ୟ ଆରମ୍ଭ ହୋଇଯିବାର ସୂଚନା ମିଳିଛି। ଯେତେଦୂର ମନେହୁଏ ଆଗକୁ ଯେକୌଣସି ନିର୍ବାଚନ ହେବ ସେହି ସଂଶୋଧିତ ଭୋଟରତାଲିକା ଆଧାରରେ କାର୍ଯ୍ୟକାରୀ ହେବ। ତେଣୁ ଉପନିର୍ବାଚନ ଓ ନିର୍ବାଚନ ମଧ୍ୟରେ ଯେଉଁ ସୀମିତ ସମୟ ପାର୍ଥକ୍ୟ ରହିବ ସେଥିରେ ପୁରୁଣା ଓ ନୂଆ ଭୋଟର ତାଲିକାର ଭେଦ ଧରାପଡ଼ିଯିବ ଏବଂ ତାହାକୁ ନେଇ ସମ୍ଭାବ୍ୟ ଜନଅସନ୍ତୋଷକୁ ଏଡ଼ାଇ ଯିବା ହିଁ ସବୁଠାରୁ ଚତୁରତାପୂର୍ଣ୍ଣ କାର୍ଯ୍ୟ। ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗ ସ୍ପଷ୍ଟ କରିଛନ୍ତି ଆସନ୍ତା ବର୍ଷ ଜାନୁଆରୀ ମାସରେ ପଞ୍ଚାୟତ ନିର୍ବାଚନ ହେବ ଏବଂ ସେସମୟକୁ ଏସଆଇଆର ପ୍ରକ୍ରିୟା ପ୍ରାୟତଃ ଶେଷ ହୋଇଥିବ। ଏହି ବିବାଦ ବା ଦ୍ୱନ୍ଦ୍ୱର ସୂତ୍ରପାତ ହୋଇଥିଲା ବିଜେପି ରାଜ୍ୟ ସଭାପତିଙ୍କ ପକ୍ଷରୁ ଆଗୁଆ ନିର୍ବାଚନ ଇଙ୍ଗିତରୁ। ଦଳୀୟ ନେତା ଓ କର୍ମୀଙ୍କୁ ତୃଣମୂଳ ସ୍ତରରେ ପ୍ରସ୍ତୁତି ଆରମ୍ଭ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସ୍ୱାଭାବିକ ଭାବେ ଯେ କେହି ମନେ କରିବ ଯେ କ୍ଷମତାସୀନ ଦଳ ନିଶ୍ଚୟ ପ୍ରାକ୍ ସୂଚନା ପାଇ ଏହି ପ୍ରସ୍ତୁତି ପର୍ବ ଆରମ୍ଭ କରିଛନ୍ତି। ଯେଉଁଥି ସକାଶେ ଗୋଟିଏ ଦିନ ଅନ୍ତରରେ ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ପଞ୍ଚାୟତ ନିର୍ବାଚନ ସଂପର୍କରେ ସ୍ପଷ୍ଟ ଘୋଷଣା କରିବାକୁ ପଡ଼ିଲା।

ଏତଦ୍ ବ୍ୟତୀତ ୨୦୨୭ ଫେବୃୟାରୀରୁ ରାଜ୍ୟରେ ଜନଗଣନା ଆରମ୍ଭ ହେଉଥିବାରୁ ସମ୍ଭାବ୍ୟ ପ୍ରତିବନ୍ଧକ ଦୃଷ୍ଟିରୁ ଏଭଳି ଏକ ବିଚାରର ଯଥାର୍ଥତା ମଧ୍ୟ ଥାଇପାରେ। କିନ୍ତୁ ସରକାରୀ ସ୍ତରରେ ନିର୍ବାଚନ ପରିଚାଳନା ପାଇଁ ଆଗୁଆ ପାଣ୍ଠି ବ୍ୟବସ୍ଥା ହୋଇନଥିବାରୁ ହଠାତ୍ ସାଂଗଠନିକ ମୁଖ୍ୟ ଆଗପଛ ନ ବିଚାରି ଏଭଳି ଡେଇଁ ପଡ଼ିବାକୁ ଅପରିପକ୍ୱତା କୁହାଯାଇପାରେ। ●

## ଭାରତର ଇରାନ ନୀତି ଅପରିବର୍ତ୍ତିତ

ପରିବର୍ତ୍ତିତ ବିଶ୍ୱ ଭୂରାଜନୈତିକ ଦୃଶ୍ୟପଟରେ ପ୍ରସଙ୍ଗଭିତ୍ତିକ ସମର୍ଥନ ଓ ବିରୋଧ କେତେବେଳେ କେଉଁ ଦିଗକୁ ଯାଉଛି ତାହାକୁ ପର୍ଯ୍ୟାଲୋଚନା କଲାବେଳେ ଯେ କେହି ଆଶ୍ଚର୍ଯ୍ୟଚକିତ ହେବ। ବିଶେଷକରି ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ସକାଶେ କ୍ଷେତ୍ର ପ୍ରସ୍ତୁତିରେ ଜାତିସଂଘ ମାନବାଧିକାର ପରିଷଦରେ ଆଗତ ପ୍ରସ୍ତାବର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବ ଏଥିରେ କାହାର ଦ୍ୱିମତ ହେବାର ନାହିଁ। ପରିଷଦର ୩୯ ତମ ଅଧିବେଶନରେ ଇରାନ ବିରୋଧୀ ପ୍ରସ୍ତାବ ଗୃହୀତ ହୋଇଛି। ସପକ୍ଷରେ ୨୫ ଭୋଟ ମିଳିଥିବା ବେଳେ ୧୪ ସଦସ୍ୟ ମତଦାନରୁ ବିରତ ରହିଛନ୍ତି। ବିରୋଧ କରିଥିଲେ ଭାରତ, ଚୀନ, ପାକିସ୍ତାନ, ଇରାକ ଓ ଇଣ୍ଡୋନେସିଆ ସମେତ ୮ ରାଷ୍ଟ୍ର। ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ନିଜର ପ୍ରାଧାନ୍ୟ ବିସ୍ତାର କରିବାରେ ପ୍ରମୁଖ ପ୍ରତିବନ୍ଧକ ଇରାନ ହୋଇଥିବା ବେଳେ ଆମେରିକା ସେଠାରେ ନେତୃତ୍ୱ ପରିବର୍ତ୍ତନ କରି ତାହାର ତୈଳସମ୍ପଦ ଅକ୍ତିଆର କରିବାକୁ ଚାହେଁ। ଗ୍ରୀନଲାଣ୍ଡ ପ୍ରସଙ୍ଗରେ ଟ୍ରମ୍ପଙ୍କ ଆଭିମୁଖ୍ୟକୁ ବିରୋଧ କରି ୟୁରୋପୀୟ ରାଷ୍ଟ୍ରସଂଘ ଓ ନାଟୋର ଅନ୍ୟ ସଦସ୍ୟମାନେ ଡାଭୋସ୍ ସମ୍ମିଳନୀରେ ଯେଉଁ ସ୍ୱତନ୍ତ୍ର ବିଚାର ଉପସ୍ଥାପନ କରିଥିଲେ ତାହା ଇରାନ କ୍ଷେତ୍ରରେ ପ୍ରତିଫଳିତ ହୋଇନାହିଁ। କାରଣ ମାନବାଧିକାର ପରିଷଦ ପ୍ରସ୍ତାବ ପ୍ରତି ୟୁରୋପୀୟ ରାଷ୍ଟ୍ରସଂଘର ସଦସ୍ୟ ରାଷ୍ଟ୍ର, ବ୍ରିଟେନ ଓ ଆଇଲାଣ୍ଡର ସମର୍ଥନ ମିଳିଛି।

ଇରାନ ମୁଦ୍ରାର ଦ୍ରୁତ ଅବମୂଲ୍ୟାୟନ ଘଟି ଦରଦାମ ବୃଦ୍ଧି ସୀମା ଅତିକ୍ରମ କରିଯିବାରୁ ତାହାର ତୀବ୍ର ପ୍ରତିବାଦ ଓ ବିକ୍ଷୋଭ ହୋଇଥିଲା। ପ୍ରାରମ୍ଭିକ ସ୍ତରରେ ସରକାର ପ୍ରତିବାଦର ଯଥାର୍ଥତା ଉପଲବ୍ଧି କରି ପରିସ୍ଥିତିକୁ ସୁଧାରିବା ଦିଗରେ କିଛି ପଦକ୍ଷେପ ଗ୍ରହଣ କରୁଥିବା ବେଳେ ହଠାତ୍ ହିଂସାକାଣ୍ଡ ଆରମ୍ଭ ହୋଇଯାଇଥିଲା। ଇରାନ ସରକାର ଏହାର ପୃଷ୍ଠଭାଗରେ ମୋସାଦ ଓ ଆଇଏସଆଇର ଭୂମିକା ଥିବା ଦର୍ଶାଇ କଠୋର ଦମନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ। ଫଳରେ ହଜାର ହଜାର ଲୋକ ମୃତାହତ ହେବା ସହ ବିପୁଳ ସଂଖ୍ୟାରେ ଲୋକଙ୍କୁ ଗିରଫ କରାଗଲା। ଦେଶରେ ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷା ଦୃଷ୍ଟିରୁ ଏହି କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା କେତେ ଦୂର ଥିଲା ତାହା ଭିନ୍ନ କଥା। କିନ୍ତୁ ଏଥିପାଇଁ ଯେ ଇରାନ ବହିଃଶକ୍ତିଙ୍କ ସାମରିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବ ତାହାର ଯଥାର୍ଥତା କେତେ? ଇରାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନର ପ୍ରସ୍ତୁତିପର୍ବ ଆରମ୍ଭ ହେବା ପରେ ହିଁ ଜାତିସଂଘର ଏହି ପ୍ରସ୍ତାବ ଗୃହୀତ ହୋଇଛି। ଦୁଇ ଘଟଣାକ୍ରମକୁ ସଂଯୋଗ କରି ବିଚାର କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ କି ଏହା ଏବେ ଉଦ୍ଦେଶ୍ୟମୂଳକ କାର୍ଯ୍ୟାନୁଷ୍ଠାନ। ଅଥଚ ଇରାନର ଚବାହାର ବନ୍ଦରରେ ଭାରତର ବିପୁଳ ନିବେଶ ଦୃଷ୍ଟିରୁ ବାସନ୍ଦ ବା କଟକଣା ମୁକ୍ତ ପାଇଁ ଆମେରିକା ସହ ନୂଆଦିଲ୍ଲୀ କଥାବାର୍ତ୍ତା ଜାରି ରହିଛି। ଏଭଳି ଏକ ସମ୍ବେଦନଶୀଳ କୂଟନୈତିକ ପରିସ୍ଥିତି ମଧ୍ୟରେ ଭାରତ ଇରାନ ସପକ୍ଷରେ ଭୋଟ ଦେଇଛି। ଭାରତ ମତରେ ଜାତିସଂଘ ମାନବାଧିକାର ପରିଷଦର ଏହି ସ୍ୱତନ୍ତ୍ର ଅଧିବେଶନର କୌଣସି ଆବଶ୍ୟକ ନଥିଲା। ୨୦୨୨ ରେ ମଧ୍ୟ ଅନୁରୂପ ପ୍ରସ୍ତାବ ଆଗତ ବେଳେ ଭାରତ ମତଦାନରୁ ବିରତ ରହିଥିଲା। ●

# ଅପହୃତ 'ଓ' ଏବଂ ଅଭିଷିକ୍ତ 'ବନାମ'

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଦୁଇଟି ଛୋଟ ଶବ୍ଦ - ଗୋଟିଏ ହେଉଛି 'ଓ', ଅନ୍ୟଟି ହେଉଛି 'ବନାମ'। 'ଓ' ଯୋଗ କରେ, ସଂପର୍କ ଯୋଡ଼େ, ସହବାସ ବା ସହାବସ୍ଥାନକୁ ସ୍ୱୀକାର କରେ, ଆପଣା ସାଙ୍ଗରେ ଅପରର ମିତ୍ରତା ବା ପରିଚିତିକୁ ପ୍ରତିଷ୍ଠା ଦିଏ। ଅପରପକ୍ଷରେ, 'ବନାମ' ଭେଦ ବା ବିରୋଧିତାକୁ ରେଖାଙ୍କିତ କରେ, ଗୋଟିଏ ଶିବିରକୁ ଦୁଇଟି ଶିବିରରେ ଭାଗଭାଗ କରିଦେବାର ସ୍ପର୍ଦ୍ଧିତ ଆଭାସ ଦିଏ ଏବଂ ଏମିତି କରି ତିକ୍ତବାଦାନୁବାଦ ପାଇଁ ମଞ୍ଚମାନ ସଜାଇ ଦେଇଥାଏ। ଆମର ଦୁର୍ଭାଗ୍ୟ, ଆଜି ଆମମାନଙ୍କ ଚିନ୍ତା, ଭାବନା, ଆମମାନଙ୍କ ନୀତି ଆଦର୍ଶ ସବୁଥିରୁ ଏହି ସୁନ୍ଦର, ନିର୍ମଳ 'ଓ' କୁ ଆମେ ନିର୍ବାସିତ କରିଦେଇଛେ ଏବଂ 'ବନାମ'କୁ ସଂଖୋଳି ଆଣିଛେ ଏକ ଦୁର୍ବୋଧ ଆଗ୍ରହାତିଶଯ୍ୟରେ, ଏକ ଉଗ୍ର ଉତ୍ତେଜିତ ମାନସିକତାର ସହ। ଆମେ ଆଜି ସବୁକିଛିକୁ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ, ପ୍ରତିସ୍ପର୍ଦ୍ଧୀ କରି ଠିଆ କରିଦେବା ପାଇଁ ନାନା ନଟକୂଟ କରିଚାଲିଛେ, ସବୁକିଛିକୁ 'ବନାମ'ର ବିଷମୟ ମାପଦଣ୍ଡରେ ମାପି ଚାଲିଛେ - ଏଇ ଯେମିତି: 'ମନୁଷ୍ୟ ବନାମ ପ୍ରକୃତି', 'ଧର୍ମ ବନାମ ବିଜ୍ଞାନ', 'ହିନ୍ଦୁ ବନାମ ମୁସଲମାନ ବା ଖ୍ରୀଷ୍ଟାନ', 'ବାମ ବନାମ ଦକ୍ଷିଣ'। ଏତିକିରେ ବି ସୀମିତ ଆଉ ଏବେ ନୁହନ୍ତି ଆଜିର 'ବନାମ'-ପ୍ରେମୀ ତଥାକଥିତ ବୁଦ୍ଧିଜୀବୀ ଓ ରାଜନେତାମାନେ। ଅମୂର୍ତ୍ତ ଭାବଭାବନା ପ୍ରତ୍ୟେକର ମଝିରେ 'ବନାମ'ଟି ଥାପି ଦେବାରେ ସନ୍ତୁଷ୍ଟ ନୁହନ୍ତି ସେମାନେ। ସେଥିପାଇଁ ଆଜି ଆମେ ଶୁଣିଚାଲିଛେ ବିଚାରବିମର୍ଶର ଅରୁଚିକର, ଅପ୍ରୀତିକର କୋଳାହଳ।

ଖୁବ୍ ସ୍ପଷ୍ଟତାର ସହ ଆମେ କିନ୍ତୁ ବୁଝିସାରିଲେଣି ଯେ ଏଇ 'ବନାମ' ଦୃଷ୍ଟିକୋଣ ସୁସ୍ଥ ଆଲୋଚନାକୁ ସଂଘର୍ଷରେ, ସ୍ୱାଭାବିକ ଭିନ୍ନତାକୁ ଶତ୍ରୁତାରେ, ଉଦାର ଗଣତାନ୍ତ୍ରିକ ମତବାଦକୁ ଘୃଣା ଓ ବିଦ୍ୱେଷରେ ପରିଣତ କରିଦେଇଥାଏ। ଆମେ ଯେତେବେଳେ 'ବନାମ'ର ଭାଷାରେ ପ୍ରଗଲ୍‌ଭ ଯୁକ୍ତି, ପ୍ରତିଯୁକ୍ତି ବାଢ଼ିଥାଉ, ଯେତେବେଳେ ଗୋଟିଏର ବା ଜଣଙ୍କର ପକ୍ଷ ନେଲେ ହିଁ ଆମ ଶାସନତନ୍ତ୍ରର ପ୍ରୀତିବିଧାନ କରିପାରିବୁ ବୋଲି ଭାବିଥାଉ, ସେତେବେଳେ ଆମ ପାଇଁ ମୂଲ୍ୟହୀନ ହୋଇଯାଇଥାଏ ନ୍ୟାୟସଂଗତ ବିଚାରଶୀଳତା, ନିଷ୍ପାପ ବିଚାର ଉପସ୍ଥାପନା ଏବଂ ମୂଲ୍ୟହୀନ ବି ହୋଇଯାଇଥାଏ ସାମ୍ବିଧାନିକ ଆଦର୍ଶ ତଥା ମୂଲ୍ୟବୋଧ। ଘୋର ଦୁର୍ଭାଗ୍ୟ, ଆଜି ଧାର୍ମିକ, ସାଂସ୍କୃତିକ ଓ ରାଜନୈତିକ ଦୃଶ୍ୟପଟରେ 'ବନାମ'ର ଅନ୍ଧପ୍ରୟୋଗ ଯୋଗୁଁ ବିଦାୟ ନେଇ ସାରିଲାଣି ତର୍କସିଦ୍ଧ ପ୍ରତ୍ୟେକ ବ୍ୟାଖାନ। ବିଦାୟ ବି ନେଇ ସାରିଲାଣି ସହୃଦୟ, ସହନଶୀଳ ମାନବୀୟ ଅନ୍ତରଙ୍ଗତା। ନିର୍ବାଚନ ଆଜି ଚିହ୍ନଟର ଯୁଦ୍ଧ- କିଏ କାହା ବିରୋଧରେ। ଭୋଟରମାନେ ଆଜି ନାଗରିକ ନୁହନ୍ତି, ନିର୍ବାଚନର ରଣାଙ୍ଗନରେ ସେମାନେ ଗୋଟିଏ ଗୋଟିଏ ପକ୍ଷର ଉଦ୍‌ଭ୍ରାନ୍ତ ସୈନିକ ଭାବରେ ନିୟୋଜିତ। ନିର୍ଦ୍ଦିଷ୍ଟ ଏକ ମତବାଦ, ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଆଦର୍ଶର ସର୍ବଜନୀନ, ସର୍ବଭାରତୀୟ ପ୍ରତିଷ୍ଠା ପାଇଁ ଅନ୍ୟ 'ସର୍ବଜନହିତାୟ' ଆଦର୍ଶ ସବୁକୁ ନେଇ ସମ୍ବାଦ ନୁହେଁ, ବିତଣ୍ଡା ବିବାଦ କେବଳ ସୂତ୍ରପାତ କରିଚାଲିଛନ୍ତି ତୁଙ୍ଗସ୍ତରୀୟ ନେତା, ଉପନେତାମାନେ। ସମ୍ବାଦ ପାଇଁ, ନିରପେକ୍ଷ ବିଚାର ଆଲୋଚନା ପାଇଁ 'ଓ' ର ଆବଶ୍ୟକତା; କିନ୍ତୁ ବିତଣ୍ଡା ବିବାଦ ପାଇଁ 'ବନାମ' ହିଁ ଲୋଡ଼ା।

ଅତୀତରେ ଏଇ 'ବନାମ' ବିଚାରଣାଟି ଯେ ଆଦୌ ନଥିଲା, ତାହା ନୁହେଁ। ତେବେ ଏକଥା ନିଶ୍ଚୟ ସତ୍ୟ ଯେ ବର୍ତ୍ତମାନର ପାଣିପାଗରେ ଏଇଟି ଏକପ୍ରକାର ଇଷ୍ଟପୂଜନ ପରି ମହତ୍ତ୍ୱ ଲାଭ କରିସାରିଲାଣି ଆମ ପୁରୋହିତମାନଙ୍କ ଆଚରଣ, ଉଚ୍ଚାରଣରେ ଏବଂ ବଶମ୍ବଦ ଯଜମାନମାନଙ୍କ ଚିନ୍ତନ କ୍ଷେତ୍ରରେ। ସବୁଠାରୁ ପ୍ରଦୂଷିତ ହୋଇଚାଲିଛି ଆମର ଧର୍ମ, ଆମର ଧାର୍ମିକ ଚିନ୍ତା ଚେତନା ଓ ଦୃଷ୍ଟିକୋଣ। ଧର୍ମର ସାର ଅର୍ଥ ଆଉ 'ବସୁଧୈବ କୁଟୁମ୍ବକମ୍' ନୁହେଁ, 'ସହନାଭବତୁ, ସହନୌଭୁନକ୍ତୁ, ସହବୀର୍ଯ୍ୟଂ କରବାବହେ' ନୁହେଁ। ଏହା ଏବେ ଭେଦ, ବିରୋଧିତା ଓ ସଂଘର୍ଷର ବାରୁଦଗୋଳା। 'ଧର୍ମ ବନାମ ଧର୍ମ'ର ବିଦ୍ୱେଷଭରା କୋଳାହଳ ଭିତରେ ହଜିଯାଇସାରିଲାଣି ମହାନ୍ ଭାରତୀୟ ସନାତନୀ ପରମ୍ପରାର 'ଯେତେ ମତ, ସେତେ ପଥ' ଏବଂ 'ଏକମ୍ ସତ୍, ବିପ୍ରା ବହୁଧା ବଦନ୍ତି' ପରି ଆର୍ଷବାକ୍ୟମାନ।

ଭାରତୀୟଜ୍ଞାନପାଠ ଓ ବିଚାରବିମର୍ଶ ପରମ୍ପରାରେ ସର୍ବଦା ସମଦୃଷ୍ଟି, ସମଚିନ୍ତନ ଏବଂ ସମନ୍ୱିତ ଭିନ୍ନତାକୁ ଆବଶ୍ୟକ ମହତ୍ତ୍ୱ ଦିଆଯାଇଥିଲା। ଭାରତୀୟ ଧର୍ମଦର୍ଶନପାଠରେ 'ଓ' ସର୍ବଦା ସୂଚିତ କରୁଥିଲା 'ଭିନ୍ନ ପଥ', 'ଭିନ୍ନ ମତ' ପ୍ରତି ସମ୍ମାନ ତଥା ଅଙ୍ଗୀକାରବଦ୍ଧତାକୁ; ଆମକୁ ସର୍ବଦା ସ୍ମରଣ କରାଇ ଦେଉଥିଲା ଯେ 'ସତ୍ୟ'ର ଦିଗନ୍ତ ଅନନ୍ତ ଏବଂ ସେଥିପାଇଁ ଏହାର ପରିପ୍ରକାଶର, ଏହାର ଅବଧାରଣାର ଭାଷା ଓ ମାର୍ଗ ମଧ୍ୟ ଅସୀମିତ। ଯେଉଁ ସନାତନ ଦର୍ଶନ ଓ ଉପନିଷଦୀୟ ଚିନ୍ତାଧାରାରେ ଧର୍ମର ଅର୍ଥ ଥିଲା ମାନବୀୟ ଚେତନାରେ ଅସୀମ, ଅନନ୍ତ ପ୍ରତି ଉନ୍ମୁଖତା ଜାଗରିତ କରିବା, ସେହି ଧର୍ମ ଆଜି ଆମକୁ ସଂକୀର୍ଣ୍ଣ ଧର୍ମାନ୍ଧତାର ଅନ୍ଧାର ମଧ୍ୟକୁ ନିକ୍ଷେପ କରିସାରିଲାଣି। ଏ ଜୀବନ ଓ ଜଗତର ଅପରିମେୟ ଜଟିଳତା, ଅପରିସୀମ ରହସ୍ୟ ପ୍ରତି ଏକ ବିନମ୍ର, ସଂଭ୍ରମ ଆଭିମୁଖ୍ୟ ପୋଷଣ କରିବାର ମାଧ୍ୟମ ଥିଲା 'ଆସ୍ଥା ଓ ଧାର୍ମିକତା'। ମାତ୍ର ଆଜି ଏହା ଅନୁଦାରତା, ଅସହିଷ୍ଣୁତା ଓ ବହୁସଂଖ୍ୟକବାଦ-ଭିତ୍ତିକ ଅସ୍ମିତାବୋଧର ମାଧ୍ୟମ ପାଲଟି ସାରିଲାଣି।

କେଉଁ ଧର୍ମ, କେଉଁ କର୍ମ, କେଉଁ ଆଦର୍ଶ ଶ୍ରେୟସ୍କର କି ନୁହେଁ, ସେହି ପ୍ରସଙ୍ଗ ସଂପର୍କିତ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କବି 'ରୁମି' ଚମତ୍କାର କାବ୍ୟିକ ମନ୍ତବ୍ୟଟିଏ ଦେଇଥିଲେ: 'କେଉଁଟା ଠିକ୍, କେଉଁଟା ଭୁଲ, କ'ଣ ଶ୍ରେୟସ୍କର ଓ କ'ଣ ଶ୍ରେୟସ୍କର ନୁହେଁ - ଏମିତି ଭାବନାର ଊର୍ଦ୍ଧ୍ୱରେ ଅନ୍ୟ ଯେଉଁ ସୁନ୍ଦର, ବିସ୍ତୀର୍ଣ୍ଣ କ୍ଷେତ୍ରଟି ରହିଛି, ଚାଲ ସେଇଠି ଆମେ ପରସ୍ପରକୁ ଭେଟିବା; ସେଇଠି ଚେତନାର ଯେଉଁ ନିତ୍ୟରାସ ଚାଲିଛି, ସେଇଥିରେ ଅବଗାହନ କରିବା'। ହାୟ! ଆଜି ଆମମାନଙ୍କୁ ଏମିତି ଉଦ୍‌ବୁଦ୍ଧ କରିବାର ସତ୍‌ପ୍ରତିଭା କାହାର ଅଛି?

ଏହି ବିମର୍ଷକର ପରିସ୍ଥିତିରୁ ମୁକ୍ତି ପାଇଁ ଆମର ଲୋଡ଼ା ନୂଆ ବ୍ୟାକରଣ, ନୂଆ ସମୀକରଣ - ଯେଉଁଠି କେବଳ ଥିବ 'ଓ'; କିନ୍ତୁ 'ବନାମ' ନୁହେଁ। 'ଓ' ଦୁର୍ବଳତା ନୁହେଁ, ଏହା ଗଭୀର ଆତ୍ମବିଶ୍ୱାସର ଚିହ୍ନ। ମହାତ୍ମା ଗାନ୍ଧୀ କେବଳ ନୁହନ୍ତି, ଆମ ବରେଣ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ ନେହେରୁ, ପଟେଲ ଓ ସୁଭାଷ ପ୍ରତ୍ୟେକ ସେଇଥିପାଇଁ ଧର୍ମ, ସଂସ୍କୃତି, ରାଜନୀତି ତଥା ମୂଲ୍ୟବୋଧ ସବୁର ଅନୁସରଣ, ଅନୁଶୀଳନ କିମ୍ବା ବ୍ୟାଖାନ କରୁଥିଲେ ଏଇ 'ଓ' ର ଭାଷାରେ: ଏଇ ଯେମିତି - 'ଆମେ ଓ ସେମାନେ', 'ଆମ ଧର୍ମ ଓ ସେମାନଙ୍କ ଧର୍ମ', 'ଆମ ଆଚାର-ବିଚାର-ଆଦର୍ଶ-ଦର୍ଶନ ଏବଂ ସେମାନଙ୍କ ଆଚାର-ବିଚାର-ଆଦର୍ଶ-ଦର୍ଶନ'। ଏଇଠି ତେଣୁ ଆଫ୍ରିକୀୟ ଜନଜାତିମାନଙ୍କ 'ଉବୁଣ୍ଟୁ'ର ଆଦର୍ଶ ଖୁବ୍ ଉଲ୍ଲେଖନୀୟ ନିଶ୍ଚୟ। ଏ ଆଦର୍ଶଟି କେବେହେଲେ ପଚାରି ନଥାଏ - କିଏ ବା କେଉଁଟା ଠିକ୍ କି ଭୁଲ; ପଚାରିଥାଏ କେବଳ କେଉଁଟି ହେଉଛି ପାରସ୍ପରିକ ସଦିଚ୍ଛା, ସହଯୋଗ ଓ ସହାବସ୍ଥାନର ମାର୍ଗ। 'ଉବୁଣ୍ଟୁ' ଆମକୁ ସର୍ବଦା ସ୍ମରଣ କରାଇଦେଇଥାଏ 'ଆମେ ଅଛୁ, ସେମାନେ ଅଛନ୍ତି', 'ସେମାନଙ୍କ ବିଜୟ ଆମର ବିଜୟ ଏବଂ ସେମାନଙ୍କ ପରାଭବ ଆମର ପରାଭବ'।

ଯିଏ ଭୀରୁ, ଦୁର୍ବଳମନା ଓ ଜ୍ୱରାକ୍ରାନ୍ତ ସ୍ୱାର୍ଥପରତାରେ ପୀଡ଼ିତ, ସିଏ କଳହ, ବିବାଦ, ସଂଘର୍ଷରେ ରତ ହୋଇଥାଏ। କାରଣ ସଂପର୍କ ଗଢ଼ିପାରିବାର କଳାକୌଶଳ ସେ ଜାଣେ ନାହିଁ। ଜାଣେ ନାହିଁ କେଉଁ ଭାବରସରେ ତୋଳା ହୋଇଥାଏ ମାନବୀୟ ସଂପର୍କ-କୋଣାର୍କ। ସେ ଜାଣେ ନାହିଁ ଯେ 'ନ୍ୟାୟ' ହୃଦୟ ପରିବର୍ତ୍ତନର ଭାଷା କହେ, ପୁନଃଆସ୍ଥା ସ୍ଥାପନର, ପୁନଃବିନ୍ୟାସର ଭାଷା କହେ, ପ୍ରତିଶୋଧର ଭାଷା ନୁହେଁ ଏବଂ ରାଜନୀତି କହେ ସର୍ବଜନକଲ୍ୟାଣର ଭାଷା, ବହୁସଂଖ୍ୟକଙ୍କ କଲ୍ୟାଣ କେବଳ ମାତ୍ର ନୁହେଁ। ପ୍ରକୃତ ଶାନ୍ତି, ସଂହତି ଆଦୌ ଲୋଡ଼ି ନ ଥାଏ ନୀରବ ବଶମ୍ବଦତା, ବିଚାରହୀନ ସମର୍ପଣ; ଲୋଡ଼ିଥାଏ ଭିନ୍ନମତ, ଭିନ୍ନ ଆଦର୍ଶ ମଧ୍ୟରେ ଥିବା ମଧ୍ୟମ ମାର୍ଗ। ଭିନ୍ନତାର ସକଳ ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ ଅତୁଟ ରଖି ଐକ୍ୟର ଇସ୍ତାହାର ଯିଏ ଲେଖିପାରେ, ସେ ହିଁ ଲାଭ କରିଥାଏ 'ଗାନ୍ଧୀତ୍ୱ'। ଆଉ କେଉଁ ଘୃଣାରଂଜିତ 'ତ୍ୱ' ବା 'ତତ୍ତ୍ୱ' କସ୍ମିନ୍‌କାଳେ ଲୋଡ଼ି ନଥାଏ ସେ। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଶିକ୍ଷକଙ୍କ ଧର୍ମ ଓ ଆଧୁନିକତାର ମୋହ

ଅଖିଳ ତରାଇ

ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ 'ସାକ୍ଷାତ ପରଂବ୍ରହ୍ମ' ବୋଲି କୁହାଯାଇଛି। ଶିକ୍ଷକ ହେଉଛନ୍ତି ସେହି ଆଲୋକବର୍ତ୍ତିକା, ଯିଏ ଅଜ୍ଞାନତାର ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ବିଚ୍ଛୁରିତ କରନ୍ତି। ଶିକ୍ଷକଙ୍କର ପ୍ରକୃତ ଧର୍ମ କେବଳ ପାଠ୍ୟପୁସ୍ତକର ସୀମିତ ଜ୍ଞାନ ବାଣ୍ଟିବା ନୁହେଁ, ବରଂ ଜଣେ ଶିକ୍ଷାର୍ଥୀକୁ ନୈତିକତା, ମାନବିକତା ଓ ସାମାଜିକ ଦାୟିତ୍ୱବୋଧରେ ସଜ୍ଜିତ କରି ଜଣେ 'ଭଲ ମଣିଷ' ଭାବେ ଗଢ଼ିତୋଳିବା। କିନ୍ତୁ ଆଜିର ପରିବର୍ତ୍ତିତ ସମୟଖଣ୍ଡରେ ଶିକ୍ଷାଦାନର ଏହି ପବିତ୍ର ବ୍ରତ କେଉଁଠି ନା କେଉଁଠି ବ୍ୟକ୍ତିଗତ ପ୍ରଚାର ଓ ପ୍ରସାରର ଅନ୍ଧକାର ଗଳିରେ ହଜିଯିବାକୁ ବସିଲାଣି।

ଡିଜିଟାଲ ବିପ୍ଳବ ଶିକ୍ଷା କ୍ଷେତ୍ରରେ ଅନେକ ସୁଯୋଗ ଆଣିଛି ସତ, କିନ୍ତୁ ଏହା ସହିତ ଆଣିଛି 'ଆତ୍ମପ୍ରଚାର'ର ଏକ ବିଷାକ୍ତ ପ୍ରତିଯୋଗିତା। ଜଣେ ଆଦର୍ଶ ଶିକ୍ଷକଙ୍କ ପାଇଁ ଛାତ୍ରର ଉନ୍ନତି ହିଁ ପ୍ରକୃତ ପୁରସ୍କାର। କିନ୍ତୁ ବର୍ତ୍ତମାନ ସାମାଜିକ ଗଣମାଧ୍ୟମ ପ୍ରଭାବରେ ଅନେକ ଶିକ୍ଷକ 'ଲାଇକ୍' ଓ 'ଭ୍ୟୁଜ୍'ର ମାୟାଜାଲରେ ଛନ୍ଦି ହୋଇପଡ଼ିଛନ୍ତି। ଅବଶ୍ୟ ଶିକ୍ଷାଦାନ ସରଳ ଓ ସହଜ ହେବା ଜରୁରୀ। କିନ୍ତୁ ଯେତେବେଳେ ଶିକ୍ଷକ ଜଣକ ଛାତ୍ରର ସନ୍ଦେହ ଦୂର କରିବା ଅପେକ୍ଷା ନିଜ ଭିଡିଓରେ କେତେ 'ଭ୍ୟୁ' ଓ 'ଲାଇକ୍' ଆସିଲା ସେଥିପାଇଁ ଚିନ୍ତିତ ରୁହନ୍ତି, ସେତେବେଳେ ଶିକ୍ଷକତାର ଗରିମା କ୍ଷୁଣ୍ଣ ହୁଏ। ଶିକ୍ଷକମାନେ ଆଜି ଶ୍ରେଣୀଗୃହର ସେହି ଦୁର୍ବଳ ପିଲାଟିର ହାତ ଧରିବା ଅପେକ୍ଷା ନିଜର 'ଫଲୋଅର୍ସ' ବଢ଼ାଇବାକୁ ଅଧିକ ପ୍ରାଥମିକତା ଦେଉଛନ୍ତି।

କେବଳ ଶ୍ରେଣୀଗୃହ କାହିଁକି, ଏହି ପ୍ରଚାରର ନିଶା ଆଜି ଖେଳପଡ଼ିଆକୁ ମଧ୍ୟ କବଳିତ କରିସାରିଲାଣି। ଆମର ଅନେକ ଖେଳ ଶିକ୍ଷକ ବା ପ୍ରଶିକ୍ଷକ (କୋଚ୍) ଅଛନ୍ତି, ଯେଉଁମାନଙ୍କ ଉପରେ ଦେଶର ଭବିଷ୍ୟତ ଖେଳାଳି ଗଢ଼ିବାର ଗୁରୁଦାୟିତ୍ୱ ନ୍ୟସ୍ତ। କିନ୍ତୁ ବାସ୍ତବତା ହେଉଛି, ଅନେକ କ୍ରୀଡ଼ା ଶିକ୍ଷକ ପିଲାଙ୍କୁ ଭଲ ପ୍ରଶିକ୍ଷଣ ଦେଇ ଜଣେ ଜଣେ ଦକ୍ଷ ରାଜ୍ୟସ୍ତରୀୟ, ଜାତୀୟ ବା ଅନ୍ତର୍ଜାତୀୟ ଖେଳାଳି ଭାବେ ତିଆରି କରିବା ପରିବର୍ତ୍ତେ ନିଜର ଆତ୍ମପ୍ରଚାରରେ ଅଧିକ ବ୍ୟସ୍ତ ରହୁଛନ୍ତି। ପଡ଼ିଆରେ ପିଲାଙ୍କ ଶାରୀରିକ ସମସ୍ୟା ବୁଝିବା କିମ୍ବା ସେମାନଙ୍କ କୌଶଳର ତ୍ରୁଟି ସଂଶୋଧନ କରିବା ଅପେକ୍ଷା ସେମାନେ ସାମାଜିକ ଗଣମାଧ୍ୟମରେ ନିଜର 'ୱର୍କଆଉଟ୍' ଭିଡିଓ ବା ପ୍ରଶିକ୍ଷଣ ଦେଉଥିବାର ଦେଖାଣିଆ ଫଟୋ ପୋଷ୍ଟ କରିବାରେ ଅଧିକ ସମୟ ବିତାଉଛନ୍ତି। ଜଣେ ଖେଳାଳିର ସଫଳତା ପଛରେ କୋଚ୍‌ଙ୍କର ଯେଉଁ ନିରବ ସାଧନା ରହିବା କଥା, ତାହା ଆଜି 'ଡିଜିଟାଲ୍ ଆଟେନସନ୍' ପାଇଁ ବଳି ପଡୁଛି।

'ଲାଇକ୍' ଓ 'ଭ୍ୟୁଜ୍' ପାଇବାର ଅନ୍ଧଦୌଡ଼ ଯୋଗୁଁ ପ୍ରତିଭାବାନ ପିଲାମାନେ ଉପଯୁକ୍ତ ମାର୍ଗଦର୍ଶନ ପାଉନାହାନ୍ତି, ଯାହା ଫଳରେ କ୍ରୀଡ଼ା ଜଗତରେ ଆମର ପ୍ରତିଭାମାନେ ଅକାଳରେ ମଉଳି ଯାଉଛନ୍ତି। ଶିକ୍ଷକ ବା କୋଚ୍ ହେଉଛନ୍ତି ପିଲାଙ୍କ ପାଇଁ ଆଇନା। ପିଲାମାନେ ଶିକ୍ଷକଙ୍କୁ ନିଜର ଆଦର୍ଶ ବୋଲି ମାନନ୍ତି। ଯଦି ସେମାନେ ଦେଖନ୍ତି ଯେ ସେମାନଙ୍କର ଗୁରୁ ଜଣେ 'କ୍ରିଏଟର' ବା 'ବ୍ୟବସାୟୀ' ଭଳି ବ୍ୟବହାର କରୁଛନ୍ତି, ତେବେ ସେମାନଙ୍କ ମନରୁ ଶ୍ରଦ୍ଧା ଓ ନିଷ୍ଠା ଉଭେଇଯାଏ। ପିଲାମାନେ ମଧ୍ୟ ଗଭୀର ଜ୍ଞାନ ଆହରଣ ପରିବର୍ତ୍ତେ ବାହ୍ୟ ଚକଚକ୍ୟକୁ ଜୀବନର ସଫଳତା ବୋଲି ଧରିନିଅନ୍ତି। ଏହାଦ୍ୱାରା ଦେଶ ଜଣେ ଦକ୍ଷ ନାଗରିକ କିମ୍ବା ଜଣେ କୁଶଳୀ ଖେଳାଳି ପାଇବାରୁ ବଞ୍ଚିତ ହୁଏ। ଆଜିର ଶିକ୍ଷା ଓ କ୍ରୀଡ଼ା ବ୍ୟବସ୍ଥାରେ ବଡ଼ ବଡ଼ କର୍ପୋରେଟ୍ ଅନୁଷ୍ଠାନର ଆଧିପତ୍ୟ ବଢ଼ିଛି। ଶିକ୍ଷକମାନେ ଅଧିକ ଅର୍ଥ ଓ ପ୍ରତିଷ୍ଠା ଲୋଭରେ ବିଜ୍ଞାପନର ମୁହଁ ସାଜୁଛନ୍ତି। ପିଲାମାନଙ୍କୁ କିପରି ଉତ୍ତମ ନାଗରିକ କରାଯିବ ସେ ନେଇ ଆଉ ଚର୍ଚ୍ଚା ହେଉନାହିଁ; ବରଂ କିପରି ଅଧିକରୁ ଅଧିକ ଆଡମିଶନ ହେବ, ତାହା ହିଁ ମୂଳ ଲକ୍ଷ୍ୟ ପାଲଟିଛି। ଶିକ୍ଷକତା ଯେଉଁଠି ମନକୁ ଛୁଇଁବାର କଳା ଥିଲା, ତାହା ଆଜି ପକେଟକୁ ଖାଲି କରିବାର ଏକ ମାଧ୍ୟମ ହୋଇଛି।

ସମୟ ଆସିଛି ଆଜିର ଶିକ୍ଷକ ସମାଜକୁ ଆତ୍ମମନ୍ଥନ କରିବାକୁ ପଡ଼ିବ। ଟେକ୍ନୋଲୋଜିର ବ୍ୟବହାର ଖରାପ ନୁହେଁ। କିନ୍ତୁ ତାହାର ବ୍ୟବହାର କେବଳ ପ୍ରଚାର ପାଇଁ ନୁହେଁ, ବରଂ ଜ୍ଞାନ ଓ ପ୍ରତିଭାର ବିସ୍ତାର ପାଇଁ ହେବା ଉଚିତ୍। ଜଣେ ଶିକ୍ଷକ ପିଲାଙ୍କ ମନରେ ପ୍ରଶ୍ନ କରିବାର ସାହସ ଏବଂ ସତ୍ୟ କହିବାର ଶକ୍ତି ଭରିବା ଉଚିତ୍। ଖେଳ ଶିକ୍ଷକମାନେ ବୁଝିବା ଉଚିତ୍ ଯେ, ସାମାଜିକ ଗଣମାଧ୍ୟମରେ ତାଳି ଅପେକ୍ଷା ଖେଳାଳିର ବିଜୟ ମଞ୍ଚରେ ଜାତୀୟ ପତାକା ଉଡ଼ିବା ହିଁ ସେମାନଙ୍କର ପ୍ରକୃତ ସଫଳତା। ଯଦି ଶିକ୍ଷକ ନିଜର 'ଧର୍ମ' ଭୁଲି କେବଳ 'ବିକ୍ରେତା' ସାଜିବେ, ତେବେ ଆଗାମୀ ପିଢ଼ି ନୈତିକ ସାହସ ହରାଇବ। ଜଣେ ଭଲ ମଣିଷ ଗଢ଼ିବା ପାଇଁ ଶିକ୍ଷକଙ୍କୁ ପ୍ରଥମେ ନିଜର ଆତ୍ମମୋହ ତ୍ୟାଗ କରିବାକୁ ପଡ଼ିବ।

ଆଜିର ଶିକ୍ଷକ ସମାଜ ନିଜର ଗୌରବମୟ ଅତୀତକୁ ମନେ ପକାଇ 'ପ୍ରଚାର' ନୁହେଁ, ବରଂ 'ପିଲାଙ୍କ ଭବିଷ୍ୟତ'କୁ ଗୁରୁତ୍ୱ ଦେବେ। ପ୍ରଚାର ପାଇଁ ପ୍ରୟାସ ନୁହେଁ, ବରଂ ପ୍ରଭାବ ପାଇଁ ପ୍ରୟାସ କଲେ ହିଁ ଦେଶ ଓ ସମାଜର ମଙ୍ଗଳ ହେବ। ଶିକ୍ଷକତା ଏକ ଚାକିରି ନୁହେଁ, ଏହା ଏକ ପବିତ୍ର ଧର୍ମ। ସମାଜ ଗଠନ ଏବଂ ଉତ୍ତମ ନାଗରିକ ତିଆରି କରିବାରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ। ଯଦି ଆଜିର ଶିକ୍ଷକ ଆତ୍ମପ୍ରଚାରର ମୋହ ତ୍ୟାଗ ନ କରନ୍ତି, ତେବେ ଆଗାମୀ ପିଢ଼ିର ଭବିଷ୍ୟତ ଅନ୍ଧକାରମୟ ହୋଇପଡ଼ିବ। ଆଶା କରାଯାଏ, ଶିକ୍ଷକମାନେ ନିଜର ସେହି ପୁରାତନ ଆଦର୍ଶକୁ ଫେରିବେ ଏବଂ ପ୍ରଚାର ପଛରେ ନଗୋଡ଼ାଇ ପ୍ରତିଭା ଗଢ଼ିବାରେ ମନୋନିବେଶ କରିବେ। କାରଣ ଜଣେ ସଫଳ ଛାତ୍ର ବା ଖେଳାଳି ହିଁ ଜଣେ ଶିକ୍ଷକଙ୍କର ଶ୍ରେଷ୍ଠ ପ୍ରମାଣପତ୍ର। ●

ଗଞ୍ଜାମ, ମୋ: ୭୭୮୭୦୦୧୦୦୧

## କୁମ୍ଭାରପଡ଼ା ଗାଆଁ

### ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଭୋଜନୀଠାକୁର ଶ୍ରୀଜଗନ୍ନାଥଙ୍କ ରୋଷଶାଳାରେ ଦୈନିକ ଷାଠିଏପଉଟି ଭୋଗ ରନ୍ଧା ହେବା ପାଇଁ ବର୍ଷକୁ ପ୍ରାୟ କୋଡ଼ିଏ ଲକ୍ଷ ମାଟି କୁଡୁଆ ଦରକାର ପଡ଼େ। ଏହି ମାଟି କୁଡୁଆ ପାରମ୍ପରିକ ଭାବେ କୁମ୍ଭାରମାନଙ୍କ ଦ୍ୱାରା ପ୍ରସ୍ତୁତ ହୁଏ। ଶ୍ରୀକ୍ଷେତ୍ରକୁ କେନ୍ଦ୍ର କରି ପ୍ରାୟ କୋଡ଼ିଏ ମାଇଲ ବ୍ୟାସାର୍ଦ୍ଧ ଭିତରେ ଅନେକ କୁମ୍ଭାର ବସ୍ତି ଅବସ୍ଥିତ। ଏହି ଗ୍ରାମବାସୀ କୁମ୍ଭକାର ଶିଳ୍ପୀମାନେ ବର୍ଷସାରା ପରିଶ୍ରମ କରି ମାଟି ଏବଂ କୁଡୁଆ ପୋଡ଼ିବା ପାଇଁ ଝାଟି ସଂଗ୍ରହ କରନ୍ତି, କୁଡୁଆ ଗଢ଼ି ଶୁଖେଇ ପିଟନ୍ତି, ପୁଣି ଶୁଖେଇ ଝାଟିରେ ପୋଡ଼ି ମନ୍ଦିରକୁ ଯୋଗେଇ ଦିଅନ୍ତି। ସାରା ପରିବାରକୁ ଏ କାମ କରିବାରେ ବର୍ଷ ସାରା ଫୁରୁସତ ମିଳେ ନାହିଁ। ତେଣୁ କଥାରେ କହନ୍ତି - 'କୁମ୍ଭାର ବୋହୂ, ମାଟିକୁ ନ ଗଲେ ଝାଟିକୁ ଯାଉ।'

ନିମି ନାମକ ଜଣେ କୁମ୍ଭାର ସଂପ୍ରଦାୟର ମହିଳା କୌଣସି ଏକ କୁମ୍ଭାର ଗାଆଁରେ ପରିବାର ସହ ରହୁଥିଲେ। ବର୍ଷର ବାରମାସ ତିନିଶହ ପଅଁଷଠି ଦିନ ସେ ନିଜ ପରିବାର ସହ ମହାପ୍ରଭୁଙ୍କ ପାଇଁ କୁଡୁଆ ପ୍ରସ୍ତୁତ କରୁଥିଲେ। କୁଡୁଆ ପ୍ରସ୍ତୁତି କାମରେ ବ୍ୟସ୍ତ ରହି ସେ ଘର ଛାଡ଼ି କୁଆଡ଼େ ହେଲେ ଯାଇ ପାରୁ ନ ଥିଲେ। ହେଳା କରିଦେଲେ ଶ୍ରୀମନ୍ଦିରକୁ ନିରନ୍ତର କୁଡୁଆ ଯୋଗାଣ ପ୍ରଭାବିତ ହେବ ଏବଂ ମହାପ୍ରଭୁ ଉପବାସ ରହିଯିବେ- ଏହି ଚିନ୍ତା ନିମିଙ୍କ ମନରେ ସବୁବେଳେ ଉଙ୍କି ମାରେ। ଦିନେ ଦିନେ ପ୍ରତି କୁଡୁଆରେ ତାଙ୍କୁ ମହାପ୍ରଭୁଙ୍କ ସୁନ୍ଦର ମୁଖମଣ୍ଡଳ ଦେଖାଯାଏ ଏବଂ କୁଡୁଆକୁ ନେଇ ସେ ମୁଣ୍ଡରେ ଲଗାନ୍ତି। ପ୍ରତିଦିନ ଗାଆଁରୁ କେହି ନା କେହି ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଯାଆନ୍ତି ଏବଂ କେହି କେହି ନିମିଙ୍କୁ ଯିବା ପାଇଁ ଡାକିଲେ ନିମି କହନ୍ତି, 'ଠାକୁର ଦର୍ଶନ ମୋ ଭାଗ୍ୟରେ କାହିଁ ? ତାଆରି ପାଇଁ କୁଡୁଆ ତିଆରି କରିବାରେ ମୋର ଆନନ୍ଦ। ମୋ ହାତର କୁଡୁଆ ପୋଖରିଆ ଭିତରକୁ ଗଲେ ଏବଂ ଠାକୁର ସେଥିରେ ଭୋଜନ କଲେ, ମୋର ଆଉ ଦର୍ଶନରେ କି ଲୋଡ଼ା? ସେତିକି ସେବାର ସୁଯୋଗ ପ୍ରଭୁ ଦେଇଛନ୍ତି, ସେତିକି ଯଥେଷ୍ଟ।'

ଅନ୍ତର୍ଯ୍ୟାମୀ ମହାପ୍ରଭୁ ସବୁ କଥା ଜାଣୁଥିଲେ। ତେଣୁ ମହାପ୍ରଭୁ ନିଷ୍ପତ୍ତି ନେଲେ ଯେ ସେ ନିଜେ ଯାଇ ନିମିକୁ ଦେଖି ଆସିବେ। ସେ ଜଣେ ବୁଢ଼ୀ ବେଶରେ ବାଡ଼ି ଖଣ୍ଡିଏ ଧରି ନଇଁ ନଇଁ ଯାଇ ନିମିଙ୍କ ଘରେ ପହଞ୍ଚିଲେ। ନିମି ବୁଢ଼ୀଙ୍କୁ ମୁଣ୍ଡିଆ ମାରି ମଶିଣା ପାରି ବସେଇଲେ ଏବଂ ପାଣି ଦେଲେ ପିଇବାକୁ। ତା' ପରେ ବୁଢ଼ୀ କହିଲେ, 'ଆଲୋ ମାଆ! ପାଖ ଗାଆଁରେ ମୋ ଘର। ଆଗକୁ ପଛକୁ କେହି ନାହିଁ। ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଭାରି ଇଚ୍ଛା। ବୁଢ଼ୀ ହେଲିଣି। କେତେବେଳେ କୋଉ କଥା। ତେଣୁ ଦର୍ଶନ କରିବାକୁ ବାହାରିଛି। କେବେ ପୁରସ୍ତମ ଯାଇନି। ଏକା ଯିବାକୁ ସାହସ ହେଉନି। ମତେ ଟିକିଏ ନେଇ କାଳିଆ ଦର୍ଶନ କରେଇ ଦିଅନ୍ତୁନି? ତୋର ବହୁତ ଧରମ ହୁଅନ୍ତା।' ନିମି କହିଲେ, 'ମୋର ସେମିତିକା ଭାଗ୍ୟ ନାହିଁ। ମୁଁ ତ ନିଜେ ପୁରସ୍ତମ ଦେଖିନି, ତମକୁ ଦେଖେଇବି କ'ଣ? ତାଙ୍କରି କାମରୁ ତ ମୋତେ ଫୁରୁସତ ନାହିଁ। କାଳିଆ ଇଚ୍ଛା କଲେ ତା'ଦର୍ଶନ ମିଳନ୍ତା। ତା'ର ତ ଇଚ୍ଛା ନାହିଁ, ମୁଁ ଛାର କ'ଣ କରିବି?'

ବୁଢ଼ୀ ନିମିଙ୍କୁ ଆଶୀର୍ବାଦ କରି ଚାଲିଗଲେ। ସେ ଦିନ ମହାପ୍ରଭୁ ଭକ୍ତର ଅଭିମାନ ନିଜେ ଶୁଣିଲେ। ରାତିରେ ରାଜାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ, 'ରାଉତ! କୁମ୍ଭାର ବିଷୋୟୀମାନେ ବର୍ଷସାରା ମୋ ପାଇଁ କୁଡୁଆ ନିର୍ମାଣରେ ବ୍ୟସ୍ତ ରହି ମୋର ଦର୍ଶନ ପାଇଁ ଆସିପାରୁ ନାହାନ୍ତି। ଆଜି ମୁଁ ମୋର ଭକ୍ତ ନିମିକୁ ଦେଖା କରିବାକୁ ଯାଇଥିଲି। ସେମାନଙ୍କର ସମସ୍ୟା ତା'ଠାରୁ ଶୁଣି ଆସିଲି। ତେଣୁ ତୁ ସେମାନଙ୍କୁ ଆଣି ଅଠରନଳାର ପୂର୍ବ ଦିଗରେ ଗୁଣ୍ଡିଚା ମନ୍ଦିର ନିକଟରେ ଥଇଥାନ କର। କୁଡୁଆ ନିର୍ମାଣ ପାଇଁ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେ। ବର୍ଷରେ ଥରେ ମୁଁ ଗୁଣ୍ଡିଚା ମନ୍ଦିର ଯାତ୍ରା ସମୟରେ ଏବଂ ସେଠାରେ ଏକ ସପ୍ତାହ ରହଣି ସମୟରେ ସେମାନେ ଅଳ୍ପ ପରିଶ୍ରମ ଓ ସମୟ ବିନିମୟରେ ମୋର ଦର୍ଶନ କରିପାରିବେ।

ପ୍ରଭୁଙ୍କ ନିର୍ଦ୍ଦେଶିତ ଯାଗାରେ କୁମ୍ଭାର ବିଷୋୟୀମାନଙ୍କୁ ଥଇଥାନ କାର୍ଯ୍ୟକ୍ରମ ଆରମ୍ଭ ହେଲା। ସେଠାରେ ବସବାସ କରି ସେମାନେ ମହାପ୍ରଭୁଙ୍କ ପାଇଁ କୁଡୁଆ ନିର୍ମାଣ କରି ଶ୍ରୀମନ୍ଦିରକୁ ଯୋଗାଇ ଦେଲେ ଏବଂ ଗୁଣ୍ଡିଚା ଯାତ୍ରା ଓ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନର ସୁଯୋଗ ପାଇଲେ। ସେମାନେ ବସବାସ କରୁଥିବା ଅଞ୍ଚଳ କୁମ୍ଭାରପଡ଼ା ଗାଆଁ ଭାବରେ ଜଣାଗଲା। ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ତିମି ଅସ୍ଥି ସ୍ଥାନାନ୍ତରକୁ ବିରୋଧ

ବାଲିକୁଦା,୨୭।୧(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ବନ୍ଦର ଅଞ୍ଚଳରୁ ମିଳିଥିବା ତିମିର ଅସ୍ଥି (କଙ୍କାଳ) ସ୍ଥାନାନ୍ତରକୁ ବିରୋଧ କରିଛନ୍ତି ସ୍ଥାନୀୟଲୋକ। ତିମି ଅସ୍ଥିକୁ ସେହି ଅଞ୍ଚଳରେ ଏକ ସଂଗ୍ରହାଳୟ ସ୍ଥାପନ କରି ରଖିବାକୁ ସେମାନେ ଦାବି କରିଛନ୍ତି। ଏନେଇ ଗ୍ରାମବାସୀମାନେ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି।

ବନ୍ଦର ସାମୁଦ୍ରିକ ଥାନା ଓ ବନ୍ଦର ବନବିଭାଗ ଅଧୀନ ଦେବୀ ନଦୀ ଓ ବଙ୍ଗୋପସାଗଗ ମୁହାଣ ପରେ ଅଞ୍ଚଳବାସୀ ପ୍ରତିକ୍ରିୟାଶୀଳ ହେବା ସହ ସେମାନଙ୍କ ଦଶନ୍ଧି ଦଶନ୍ଧି ଦାବି ଥିବା ମା' ବନ୍ଦରେଇ ପୀଠକୁ ସରକାର ଅଣଦେଖା କରୁଛନ୍ତି ବୋଲି କହିଛନ୍ତି। ପ୍ରତ୍ୟେକ ପର୍ଯ୍ୟଟନ ଋତୁ ଓ ଅନ୍ୟ ସମୟରେ ମା' ବନ୍ଦରେଇଙ୍କ ଦର୍ଶନ ସହ ବଣଭୋଜିର ଆନନ୍ଦ ଓ ନୌକା ବିହାର କରିବା ସହ ସମୁଦ୍ର କୂଳକୁ ଯିବା ପାଇଁ ହଜାର ହଜାର ପର୍ଯ୍ୟଟକ ଏକତ୍ରିତ ହୋଇଥା'ନ୍ତି। ଏଣୁ ଉକ୍ତ ତିମିର ଅସ୍ଥିକୁ ସରକାର ଏହି ବନ୍ଦର ଅଞ୍ଚଳରେ ଏକ

## 'ବନ୍ଦର' ଅଞ୍ଚଳରେ ସଂଗ୍ରହାଳୟ କରିବାକୁ ଦାବି

ନଡ଼ିଆଖିଆଠାରେ ୪ ଦିନ ତଳେ ଏକ ବିଶାଳ ତିମି ମାଛ ମୃତଦେହ ଦେଖିବାକୁ ମିଳିଥିଲା। ଯାହାକୁ ବନବିଭାଗ ପକ୍ଷରୁ ବ୍ୟବଚ୍ଛେଦ କରାଯାଇ ରିପୋର୍ଟ ପାଇଁ ପଠାଯାଇଥିବା ବେଳେ ଉକ୍ତ ତିମିର ମାଂସକୁ କେମିକାଲ ଯୋଗେ ନଷ୍ଟ କରାଯାଇ ତିମି ଅସ୍ଥିକୁ ନନ୍ଦନକାନନ କିମ୍ବା ଭିତରକନିକାରେ ସ୍ଥାନ ଦେବା ନିଷ୍ପତ୍ତି ନିଆଯାଇଥିବା ବନ୍ଦର ଫରେଷ୍ଟର ପ୍ରିୟବ୍ରତ ଚୌଧୁରୀ ସୂଚନା ଦେଇଥିଲେ। ଏହି ଖବର ପ୍ରସାରିତ ହେବା ସଂଗ୍ରହାଳୟ ନିର୍ମାଣ କରି ସେଥିରେ ସ୍ଥାନ ଦେଲେ ଅଧିକରୁ ଅଧିକ ପର୍ଯ୍ୟଟକ ଏହାକୁ ଦେଖିବାକୁ ଏଠାକୁ ଆସିବେ। ଫଳରେ ଏଠାକାର ପର୍ଯ୍ୟଟନ କ୍ଷେତ୍ର ବିକଶିତ ହେବା ସହ ସରକାର ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ଏକ ପ୍ରକାର ବାଧ୍ୟ ହେବେ ବୋଲି ମତ ରଖିଛନ୍ତି ବୁଦ୍ଧିଜୀବୀ।

ଏନେଇ ଜିଲ୍ଲାପାଳଙ୍କ ସମେତ ବିଧାୟକ, ମନ୍ତ୍ରୀ, ସାଂସଦଙ୍କୁ ଭେଟି ଦାବିପତ୍ର ପ୍ରଦାନ ନିମନ୍ତେ ଅଞ୍ଚଳରେ ଦସ୍ତଖତ ଅଭିଯାନ ଚାଲିଥିବା ବେଳେ ସୋସିଆଲ ମିଡିଆ ଯୋଗେ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରାଯାଉଥିବା ଦେଖିବାକୁ ମିଳିଛି। ଆସନ୍ତାକାଲି ଅଞ୍ଚଳର ଅନେକ ସଂଗଠନ ଓ ବୁଦ୍ଧିଜୀବୀ ଜିଲ୍ଲାପାଳଙ୍କୁ ଭେଟିବା ନେଇ ମତ ଦେଇଛନ୍ତି। ସରକାର ଯଦି ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନ ଦିଅନ୍ତି, ତେବେ କୌଣସି ପ୍ରକାରେ ଉକ୍ତ ଅସ୍ଥିକୁ



ଆମେ ଛାଡ଼ିବୁ ନାହିଁ ବୋଲି ମାଳ-ମରିଚପୁର ଉନ୍ନୟନ ପରିଷଦ, ତଳମାଳ ବିକାଶ ମଞ୍ଚ, ଭଏସ୍ ଅଫ ବାଲିକୁଦା, ମା' ବନ୍ଦରେଇ ୟୁଥ ୟୁନିୟନ, କିଶାରାମ ବିଶ୍ୱାଳ ଫାଉଣ୍ଡେସନ, ପ୍ରଗତି ପଥେ ଆମ ସଂଗଠନ, ଲୋଟସ କ୍ଲବ, ଉପକୂଳ କ୍ରିୟାନୁଷ୍ଠାନ କମିଟି ବାଲିକୁଦାର ସଦସ୍ୟମାନେ ଚେତାବନୀ ଦେଇଛନ୍ତି।

# ବାର୍‌ହା ଆକ୍ରମଣରେ ମହିଳା ମୃତ

ଜି.ଉଦୟଗିରି, ୨୭।୧ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ ଶ୍ରୀକଲା ଘାଟି ଅଞ୍ଚଳରେ ବାର୍‌ହା ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ମହିଳା ଗୁରୁତର ହୋଇଛନ୍ତି। ମୃତ

## ୨ ଗୁରୁତର

ମହିଳା ହେଲେ, କାନବାଗିରି ଗ୍ରାମର ଅପସରି ପ୍ରଧାନ (୬୦)।

ସୂଚନାନୁଯାୟୀ, ଅପସରି ଓ ନିରଜିନି ପ୍ରଧାନ(୬୦) କାଠ ଆଣିବାକୁ ଯାଇଥିବା ବେଳେ ଉଭୟଙ୍କୁ ବାର୍‌ହା ଆକ୍ରମଣ କରିଥିଲା। ପାଟି ଶୁଣି ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଅପସରିଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ସମ୍ପର୍କୀୟ ସୂଚନା ଦେଇଛନ୍ତି। ଅନ୍ୟ ଏକ ଘଟଣାକ୍ରମେ ଡାକପାଲା ଗ୍ରାମ ନିବାସୀ ସସ୍ମିତା ମଲ୍ଲିକ (୩୫) ଓ ତାଙ୍କ ସ୍ୱାମୀ ବାପି ମଲ୍ଲିକ ଜି.ଉଦୟଗିରିରୁ ନିଜ ଗାଁକୁ ବାଇକ୍‌ରେ ଫେରୁଥିବା ବେଳେ ଶ୍ରୀକଲା ଘାଟି ନିକଟରେ ତାଙ୍କ ବାଇକ୍ ଖରାପ ହୋଇଯାଇଥିଲା। ବାପି ମରାମତି କରୁଥିବା ବେଳେ ଅତର୍କିତ ସସ୍ମିତାଙ୍କୁ ଘାଟିରୁ ଏକ ବାର୍‌ହା ଆସି ଆକ୍ରମଣ କରିଥିଲା। ସ୍ଥାନୀୟଲୋକେ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜିଠାରୁ ସଂସଦର...

ଆଲୋଚନା ବେଳେ ଉପସ୍ଥାପିତ କରିପାରିବେ। ସରକାରଙ୍କର ଏଥିରେ କୌଣସି ଆପତ୍ତି ନାହିଁ। ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଲେ ଯେ ମନରେଗା ବଦଳରେ ସରକାର ଯେଉଁ ନୂଆ ଆଇନ ଜି-ରାମ-ଜି ଆଣିଛନ୍ତି, ତାହାକୁ ପ୍ରତ୍ୟାହାର କରାଯିବାର ପ୍ରଶ୍ନ ଉଠୁନାହିଁ। ପୁଣି ଏସଆଇଆର ଉପରେ ସଂସଦର ଗତ ଅଧିବେଶନରେ ଆଲୋଚନା ହୋଇଥିବାରୁ ଏଥର ଆଲୋଚନା କରାଯିବାର କୌଣସି ଆବଶ୍ୟକତା ନାହିଁ। ବଜେଟ ଅଧିବେଶନର ଏଜେଣ୍ଡା କାହିଁକି ଦିଆଯାଇ ନାହିଁ ବୋଲି ବିରୋଧୀ ଦଳ ପ୍ରଶ୍ନ କରିଥିଲେ। ଏସଂପର୍କରେ ରିଜିଜୁ କହିଲେ ଯେ ପରବର୍ତ୍ତୀ ସମୟରେ ଏହାକୁ ଦିଆଯିବ। ନିର୍ବାଚନ ହେବାକୁ ଥିବା ରାଜ୍ୟମାନଙ୍କରେ ଚାଲିଥିବା ଏସ୍ଆଇଆରକୁ ନେଇ ସମସ୍ୟା ସୃଷ୍ଟି ହୋଇଥିବାରୁ ଏହା ଉପରେ ଆଲୋଜନା ହେବା ଦରକାର ବୋଲି ଡିଏମକେ, ତୃଣମୂଳ କଂଗ୍ରେସ ଓ ବାମପନ୍ଥୀ ଦଳର ପ୍ରତିନିଧି ଦାବି କରିଥିଲେ। ବିରୋଧୀ ଦଳ ଶାସିତ ରାଜ୍ୟମାନଙ୍କରେ ରାଜ୍ୟପାଳଙ୍କ ବିବାଦୀୟ ଭୂମିକା ଉପରେ ଆଲୋଚନା ପାଇଁ ମଧ୍ୟ ଏହି ଦଳ ଦାବି କରିଥିଲେ। ଏହାସହିତ ନୂଆ ୟୁଜିସି ଆଇନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉପରେ ମଧ୍ୟ ଆଲୋଚନା କରିବାକୁ ଏହି ଦଳ ଦାବି କରିଥିଲେ। କିନ୍ତୁ ଏହାକୁ ନେଇ ସରକାର ନିରବ ରହିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସର୍ବଦଳୀୟ ବୈଠକରେ ଅନେକ ବରିଷ୍ଠ ମନ୍ତ୍ରୀ ଓ ବିଭିନ୍ନ ଦଳର ସଂସଦୀୟ ନେତା ଯୋଗ ଦେଇଥିଲେ।

## ଭାରତ-ଇୟୁ ଐତିହାସିକ...

ଏକ ଚୁକ୍ତିରେ ପହଞ୍ଚିଛନ୍ତି। ଏହି ଚୁକ୍ତିନାମା ଫଳରେ ରସ ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଭଳି ୟୁରୋପୀୟ ରପ୍ତାନି ଉପରେ ଶୁଳ୍କ ଉଚ୍ଛେଦ କରାଯିବ।

ଆହୁରିମଧ୍ୟ ଭାରତ-ୟୁରୋପୀୟ ସଂଘର କମ୍ପାନୀଗୁଡ଼ିକ ଭାରତଠାରୁ ଏପରି ଶୁଳ୍କ ଛାଡ଼ ପାଇବେ, ଯାହା ଅନ୍ୟ କୌଣସି ବାଣିଜ୍ୟ ଅଂଶୀଦାର ପାଇନାହାଁନ୍ତି। ଏହା ଭାରତରେ ୟୁରୋପୀୟ ଉତ୍ପାଦଗୁଡ଼ିକୁ ଶସ୍ତା କରିପାରିବ। ଅଟୋମୋବାଇଲ୍ କ୍ଷେତ୍ର ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ। ଚୁକ୍ତିନାମା ଅନୁଯାୟୀ, ୟୁରୋପରୁ ଭାରତକୁ ଆମଦାନୀ ହେଉଥବା ଅଡ଼ି, ମର୍ସିଡ଼ିଜ୍, ଫରାରୀ, ରୋଲ୍ସ ରୟସ, ପୋର୍ସେ, ଫିଏଟ୍, ଜିପ୍, ସ୍କୋଡ଼ା, ଭକ୍ସୱାଗନ, ଜାଗୁଆର ଆଦି ଦାମୀ କାର ଉପରେ ଟିକସ ୧୧୦% ରୁ ୧୦% କୁ ହ୍ରାସ କରାଯିବ। ତେବେ ଏହି ଲାଭ ବାର୍ଷିକ ୨.୫ ଲକ୍ଷ କାରର ଏକ ସ୍ଥିର କୋଟା ପର୍ଯ୍ୟନ୍ତ ସୀମିତ ରହିବ। ସେହିପରି ଆଗାମୀ ୫ ରୁ ୧୦ ବର୍ଷ ମଧ୍ୟରେ କାର ଯନ୍ତ୍ରାଂଶ ଉପରେ ଟିକସ ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରାଯିବ। ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍ କହିଛନ୍ତି ଯେ ଏହି ଚୁକ୍ତିନାମା ବାର୍ଷିକ ପ୍ରାୟ ୪ ବିଲିୟନ ୟୁରୋ ୪୩,୦୦୦ କୋଟି ଟଙ୍କା) ର ଶୁଳ୍କ ହ୍ରାସ କରିବ। ଭାରତ ଏବଂ ୟୁରୋପର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେ କହିଛନ୍ତି ଯେ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ବିଶ୍ୱକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ, ଆଜିର ବିଶ୍ୱ ଚ୍ୟାଲେଞ୍ଜର ସର୍ବୋତ୍ତମ ଉତ୍ତର ହେଉଛି ପାରସ୍ପରିକ ସହଯୋଗ, ପୃଥକ ନିଷ୍ପତ୍ତି ନୁହେଁ। ଏହି ଚୁକ୍ତିନାମା ଉଭୟ ପକ୍ଷ ପାଇଁ ଆର୍ଥିକ ଏବଂ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଠିକ୍ ଏହି ସମୟରେ ଟ୍ରମ୍ପଙ୍କ ଜଣେ ନିକଟତମ କହିଛନ୍ତି ଯେ, ଏହି ଚୁକ୍ତି କରି ୟୁରୋପ ନିଜ ବିରୁଦ୍ଧରେ ଏକ ଯୁଦ୍ଧକୁ ପାଣ୍ଠି ଦେଉଛି।

## ସାରା ଦେଶରେ...

ପାଇଁ ଏହି ପରିବର୍ତ୍ତନ କରାଯାଇଛି। କିନ୍ତୁ ନିୟମ ସାଧାରଣ ବର୍ଗର ବିରୋଧୀ ବୋଲି କହି ଏହାକୁ ବିରୋଧ କରାଯାଉଛି। ସମାଲୋଚକମାନେ କହିଛନ୍ତି ଯେ ଉଚ୍ଚଜାତିର ଛାତ୍ରଛାତ୍ରୀଙ୍କୁ 'ସ୍ୱାଭାବିକ ଅପରାଧୀ' ବନାଇ ଦିଆଯାଇଛି। ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ଅନୁଯାୟୀ, ନୂତନ ନିୟମ କଲେଜ କିମ୍ବା ବିଶ୍ୱବିଦ୍ୟାଳୟ ପରିସରରେ ସେମାନଙ୍କ ବିରୋଧରେ ଭେଦଭାବକୁ ଏହି ନିୟମ ପ୍ରୋତ୍ସାହନ ଦେବ। ଏହା କଲେଜରେ ବିଶୃଙ୍ଖଳା ସୃଷ୍ଟି କରିବ। ପୂର୍ବରୁ ଏସ୍‌ସିଏସ୍‌ଟି ଆଇନର ଅପବ୍ୟବହାର କରି ସାଧାରଣ ବର୍ଗର ଲୋକଙ୍କ ବିରୋଧରେ ମିଥ୍ୟା ମାମଲା ଲଗାଇଯାଇଥିବାର ଅନେକ ଘଟଣା ସାମ୍ନାକୁ ଆସିଛି। କିଏ ୩୦ ବର୍ଷ ପରେ ନିର୍ଦ୍ଦୋଷରେ ମୁକ୍ତ ହୋଇଛି ତ ଆଉ କିଏ ୫ ବର୍ଷ ହେଲା କୋର୍ଟ କଚେରି ଧାଇଁ ଧାଇଁ ନୟାନ୍ତ ହୋଇଗଲାଣି। ଜାତିଗତ ଭେଦଭାବର ସଂଜ୍ଞାରେ କୁହାଯାଇଛି ଯେ ଜାତି, ଧର୍ମ, ଲିଙ୍ଗ, ଜନ୍ମ ସ୍ଥାନ, ଅକ୍ଷମତା ଆଧାରରେ କୌଣସି ଅନ୍ୟାୟ କିମ୍ବା ପକ୍ଷପାତ ତଥା ଶିକ୍ଷାରେ ସମାନତା ପାଇଁ ପ୍ରତିବନ୍ଧକ କିମ୍ବା ମାନବ ସମ୍ମାନ ବିରୋଧକୁ ଜାତିଗତ ଭେଦଭାବ ଭାବେ ବିବେଚନା କରାଯିବ।ଏଥିରେ ଅନୁସୂଚିତ ଜାତି/ ଜନଜାତି ବ୍ୟତୀତ ଅନ୍ୟ ଓବିସି ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ସେମାନଙ୍କ ପ୍ରତି କୌଣସି ଅନ୍ୟାୟ କିମ୍ବା ପକ୍ଷପାତପୂର୍ଣ୍ଣ ଆଚରଣକୁ ଜାତିଭିତ୍ତିକ ଭେଦଭାବ ବିବେଚନା କରାଯିବ। ପ୍ରଥମେ ଦିଆଯାଇଥିବା ପ୍ରସ୍ତାବରେ ମିଥ୍ୟା ଅଭିଯୋଗ ହ୍ରାସ କରିବାର ବ୍ୟବସ୍ଥା ଥିଲା। ଏଥିରେ କୁହାଯାଇଛି ଯେ ଯଦି କାହା ବିରୋଧରେ ମିଥ୍ୟା ଅଭିଯୋଗ କରାଯାଏ ତେବେ ଅଭିଯୋଗକାରୀଙ୍କୁ ଆର୍ଥିକ ଜରିମାନା କିମ୍ବା କଲେଜରୁ ନିଲମ୍ବିତ କରାଯାଇପାରେ। ମାତ୍ର ନୂଆ ନିୟମରେ ଏହି ବ୍ୟବସ୍ଥାକୁ କାଟି ଦିଆଯାଉଛି। ଏହା ବିରୋଧର ମୁଖ୍ୟ କାରଣ ପାଲଟିଛି। ଏହି ବ୍ୟବସ୍ଥା ଫଳରେ ସାଧାରଣବର୍ଗକୁ କେବଳ ଅଭିଯୁକ୍ତ ଧରାଯିବ, ପୀଡ଼ିତ ମନେ କରାଯିବ ନାହିଁ। ଆଉ ମିଥ୍ୟା ଅଭିଯୋଗ ଲଗାଇଥିବା ପିଲାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାରୁ ବ୍ୟବସ୍ଥା ମଧ୍ୟ ନାହିଁ। ତେଣୁ ଏହାକୁ ନେଇ ସାମାଜିକ ଗଣମାଧ୍ୟମଠାରୁ ସଡ଼କ ପର୍ଯ୍ୟନ୍ତ ଜୋରଦାର ବିକ୍ଷୋଭ ହେଉଛି।

ଏହି ନିୟମକୁ ବିରୋଧ କରି ଭିନୀତ ଜିନ୍ଦଲ ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଛନ୍ତି। ଏଥିରେ ନିୟମ ଉପରେ ରୋକ୍ ଲଗାଇବାକୁ ସେ ଅନୁରୋଧ କରିଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନିୟମ, ୨୦୨୬ର ସାମ୍ବିଧାନିକ ବୈଧତାକୁ ଚାଲେଞ୍ଜ କରି ସେ କହିଛନ୍ତି ଯେ ନୂଆ ନିୟମ ଯୋଗୁଁ ସାଧାରଣ ବର୍ଗର ଛାତ୍ରଛାତ୍ରୀ ହିଁ ପାତରଅନ୍ତର ଓ ନିର୍ଯାତନାର ଶିକାର ହେବେ।

## ରାଜଧାନୀରେ ବୋମା...

ଖବର ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଁଞ୍ଚିଲା ପରେ ପରିସ୍ଥିତି ଭିନ୍ନ ଥିଲା। ବୋମା ବିସ୍ଫୋରଣ ହୋଇଥିବା ୫ମ ମହଲା ଛାତ ପାଣି ଟାଙ୍କି ନିକଟରେ ବାରୁଦ, ବୋମା ଭିଡ଼ିବା ସାମଗ୍ରୀ ଏବଂ ଲୁହା କଣ୍ଟା ଏବଂ କାଚ ଗୁଣ୍ଡ ଦେଖିବାକୁ ମିଳିଥିଲା। ଏହାପରେ ସାଇଣ୍ଟିଫିକ୍ ଟିମ୍‌କୁ ଖବର ଦିଆଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିଛି। ବୋମା ଭିଡ଼ିବା ବେଳେ ବିସ୍ଫୋରଣ ହୋଇଥିବା ନେଇ ସୂଚନା ଦେଇଥିଲେ ଭୁବନେଶ୍ୱର ଡିସିପି ଜଗମୋହନ ମିନା। ଡିସିପିଙ୍କ କହିବା ଅନୁଯାୟୀ ସେହେନୱାଜ୍ ଜଣେ ଅଭ୍ୟାସଗତ ଅପରାଧୀ। ତାଙ୍କ ନାମରେ ମୈତ୍ରିବିହାର ଏବଂ ନୟାପଲ୍ଲୀ ପୁଲିସ ଥାନାରେ ଏକାଧିକ ଅପରାଧିକ ମାମଲା ରହିଛି। ସେ ଖଣ୍ଡଗିରି ଅଞ୍ଚଳରେ ଏକ ସ୍କର୍ପିଓ ଗାଡ଼ିକୁ ବୋମାମାଡ଼ କରିବା ସହ କର୍ପୋରେଟରଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ତାଙ୍କ ନାଁରେ ହତ୍ୟା ଉଦ୍ୟମ, ଅସ୍ତ୍ରଶସ୍ତ୍ର ଜନିତ ମାମଲା ରହିଛି। ସେ ଏଥିପାଇଁ ପୂର୍ବରୁ ଜେଲ୍ ଯାଇ ଜାମିନରେ ଫେରିଛନ୍ତି। ତେବେ ସେ କେତେଦିନ ହେବ ବୋମା ଭିଡୁଥିଲେ। ବୋମା ପ୍ରସ୍ତୁତ କରିବାକୁ ଆବଶ୍ୟକ ସରଞ୍ଜାମ ସେ କେଉଁଠୁ ଆଣୁଥିଲେ। ତାଙ୍କ ଠାରୁ କିଏ କିଏ ବୋମା କିଣୁଥିଲା। କେଉଁ ଅପରାଧୀକ ଗୋଷ୍ଠୀ ସହ ତାଙ୍କର ସମ୍ପୃକ୍ତି ରହିଛି। ରାଜଧାନୀରେ ବିଗତ ଦିନରେ ହୋଇଥିବା ଏକାଧିକ ବୋମା ବିସ୍ଫୋରଣ ସହ କଣ ତାଙ୍କର ସମ୍ପୃକ୍ତି ରହିଛି କି ନାହିଁ, ସେ ସମ୍ପର୍କରେ ପୁଲିସ ତଦନ୍ତ ଆରମ୍ଭ କରିଛି। ତାଙ୍କ ଘରକୁ କେଉଁମାନେ ଆସୁଥିଲେ ତାହା ସିସିଟିଭି ଫୁଟେଜ୍ ଯାଞ୍ଚ କରାଯିବା ଅନ୍ୟ ଅନ୍ତେବାସୀଙ୍କୁ ପୁଲିସ ପଚରାଉଚରା ଚଳାଇଛି।

ଏହି ବିଲ୍ଡିଂରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲୋକେ ଭଡ଼ାରେ ରହୁଥିଲେ। ସେମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୋମା ବିସ୍ଫୋରଣ ପରେ ଅନ୍ୟ ଅନ୍ତୋବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଅନ୍ୟପକ୍ଷରେ ବୋମା ଭିଡିବା କଥା ସାମ୍ନାକୁ ଆସିଲା ପରେ ଘର ମାଲିକ ଏବେ ପୁଲିସ ସ୍କାନରେ। ଘର ମାଲିକ ବାହାରେ ରହୁଥିବାରୁ ତାଙ୍କୁ ଯୋଗାଯୋଗ କରାଯାଇଛି।

## ଲୋକେ ଆତଙ୍କିତ...

ଦେଉଛନ୍ତି। ହେଲେ ଆମ ଶିଶୁକନ୍ୟା, ମା'ଭଉଣୀଙ୍କ ସୁରକ୍ଷା ବିନା କ'ଣ ବିକଶିତ ଓଡ଼ିଶା ସମ୍ଭବ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଗଣତନ୍ତ୍ରରେ ସାଧାରଣ ଜନତାଙ୍କ ସୁରକ୍ଷା ହେଉଛି ସର୍ବୋପରି। ସରକାରଙ୍କ ନିଦ ଏବେ ନ ଭାଙ୍ଗିଲେ ସ୍ଥିତି ଆହୁରି ବିପର୍ଯ୍ୟସ୍ତ ହେବ। ଦୁଷ୍କର୍ମ ପରି ହୀନ କାର୍ଯ୍ୟକୁ ରୋକିବା ଦିଗରେ ସରକାର ଦୃଢ଼ ହୁଅନ୍ତୁ। ସଚେତନତାକୁ ବ୍ୟାପକ କରାଯିବା ସହ ଦୋଷୀଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ନବୀନ ଦାବି କରିଛନ୍ତି।

## ଆଜି ଓଡ଼ିଶା...

ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ କାର୍, ବାଇକ୍ ରାଲି ମାଧ୍ୟମରେ ଶାନ୍ତିପୂର୍ଣ୍ଣ ପ୍ରଚାର କରି ଓଡ଼ିଶା ବନ୍ଦକୁ ସମର୍ଥନ ଜଣାଇବା ସହ ଦୋକାନ ବଜାର ଓ ଯାନବାହନ ଚଳାଚଳ ବନ୍ଦ ରଖିବା ପାଇଁ ନିବେଦନ କରିଛି। ଏହି ସମୟରେ ନବନିର୍ମାଣ ସଙ୍ଗଠନର ପ୍ରଚାରକୁ ଦବାଇ ଦେବା ପାଇଁ ବା ଭୟଭୀତ ହୋଇ ନବନିର୍ମାଣ ଯୁବ ଛାତ୍ର ସଂଗଠନ ଉପରେ ଦମନ ଲୀଳା ଆରମ୍ଭ କରାଯାଇଥିବା ମଧ୍ୟ ସଙ୍ଗଠନ ଅଭିଯୋଗ କରିଛି। ପରିବହନ ବିଭାଗ ପଟିଆ ଅଞ୍ଚଳରେ ରହୁଥିବା ନବନିର୍ମାଣ ଯୁବ ଛାତ୍ର ସଂଗଠନ କର୍ମକର୍ତ୍ତାଙ୍କ ଘରୁ ଗାଡି ଉଠାଇ ଆଣିବା ସହ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବାକୁ ଧମକ ଦେଇଛି। ଏହାକୁ ନବନିର୍ମାଣ କୃଷକ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ଦୃଢ଼ ନିନ୍ଦା କରିବା ସହ ସରକାରଙ୍କୁ ଏଥିରୁ ବିରତ ରହିବା ପାଇଁ ଚେତାବନୀ ଦିଆଯାଇଛି। ସୂଚନା ଥାଉ କି ଏହି ବନ୍ଦ ଡାକରାକୁ ଅନ୍ୟ ପ୍ରମୁଖ ସଂଗଠନ ମଧ୍ୟରେ କିନ୍ନର ସଂଘ, ଆରଟିଆଇ ସଂଘ, ଅଭିଭାବକ ସଂଘ, ବିଭିନ୍ନ ସାମାଜିକ ସଂଗଠନ ଆଦି ସମର୍ଥନ ଜଣାଇଛନ୍ତି।

## ମାନ୍ୟତା ହରାଇଲେଣି...

କରାଯିବା ସହ ତୁରନ୍ତ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଯେଉଁମାନେ ଆବେଦନ କରିଛନ୍ତି, ୟୁଜିସି ଆବଶ୍ୟକ କରୁଥିବା ଅଧିକ ତଥ୍ୟ ଦାଖଲ କରି ମାନ୍ୟତା ନବୀକରଣ କରିବାକୁ କୁହାଯାଇଛି। ବିଡ଼ମ୍ବନା ହେଉଛି ମାନ୍ୟତା ନଥାଇ ମଧ୍ୟ ଅନେକ କଲେଜ ନିଜର ପରୀକ୍ଷା ନିଜେ ପରିଚାଳନା କରୁଛନ୍ତି। ୟୁଜିସିର କନଫର୍ମେଣ୍ଟ ଅଫ୍ ଅଟୋନୋମସ ଷ୍ଟାଟସ୍ ଓପନ୍ କଲେଜ ଏବଂ ମେଜର୍ସ ଫର୍ ମେଣ୍ଟେନାନ୍ସ ଅଫ୍ ଷ୍ଟାଣ୍ଡାର୍ଡସ ଇନ୍ ଅଟୋନୋମସ କଲେଜ ନିୟମାବଳୀ, ୨୦୨୩ର ଉଲ୍ଲଙ୍ଘନ କରି ଉକ୍ତ କଲେଜଗୁଡ଼ିକୁ ପରୀକ୍ଷା ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକ ଅନୁମତି ଦେଉଛନ୍ତି। ୟୁଜିସି ପକ୍ଷରୁ ଏନେଇ ବାରମ୍ବାର ଦାଗିଦ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ପିଲାଙ୍କ ଶୈକ୍ଷିକ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


## REQUIRES DIRECTOR

Jan Shikshan Sansthan, Kendrapara, Odisha — Skill India कौशल भारत-कुशल भारत

The Director would be in charge of providing the organization with leadership, direction and drive. He/she would be fully in charge of all day-to-day activities. The Director is expected to have proven capabilities of motivating and leading a team of professionals. He/she should have good management skills and be a team-builder.

**QUALIFICATION ESSENTIAL:**
1. Graduation from a recognized University / Institution or equivalent
2. Seven years' experience in a supervisory capacity
3. Working knowledge of the local language both written and spoken

**DESIRABLE:**
1. Vocational Degree / Diploma
2. Experience in Administration or Management/Accounts
3. Experience in leading a team
4. Experience in heading an organization
5. Experience in guiding/conducting of research or education

**AGE:** Not exceeding 55 years as on 06/02/2026

**EMOLUMENTS:** Rs. 30,000/- to 40,000/- Consolidated per month (all inclusive). No other allowance will be admissible.

**CONTRACT:** Appointment on contract basis for a period not exceeding five years, out of which the first year will be the probation period. Shortlisted candidates called for interview will be reimbursed to and fro second AC Rail fare on production of railway journey ticket.

Apply within 10 days from the date of publication of this advertisement by post / courier to **The Chairman, Jan Shikshan Sansthan, Upstairs of Bank of India, Tinimuhani, Kendrapara - 754211 (Odisha)** with complete bio-data (Include % of Marks, Present employment, Salary drawn two references of repute & Passport size photo duly signed). Enclose copies of certificates. This advertisement can be modified, substituted or cancelled at any time without assigning any reason thereof.



Phone-06842-253708
E-mail: rw_phulbani@yahoo.co.in

O-2056

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI
No. 386/RWDP, Dated the 15.01.2026
**Government of Odisha e-Procurement Notice**
**Bid Identification No. Online Tender/16/SERWD PHULBANI/ 2025-26**

| | | | |
|---|---|---|---|
| 1 | Name of the work | :: | Building Work (01No.) |
| 2 | Estimated cost | :: | Rs.54.20 Lakhs |
| 3 | Period of Completion | :: | Six Calendar months |
| 4 | Date & Time of availability of Bid documents in the Portal | :: | From 28.01.2026 10.00 AM.to 09.02.2026 Upto 5.00 PM |
| 5 | Last Date/ Time for receipt of Bids in the Portal | :: | 09.02.2026 upto 5.00 PM |
| 6 | Name and address of the Officer Inviting Bid | :: | Superintending Engineer, Rural Works Division, Phulbani |

Further details can be seen from the e-procurement portal website www.tendersodisha.gov.in

Superintending Engineer
Rural Works Division, Phulbani

OIPR-



OHPC

**ODISHA HYDRO POWER CORPORATION LIMITED.**

CAD-3096

OFFICE OF THE SENIOR GENERAL MANAGER (ELECTRICAL),
BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764 051.
Phones: 06861-232581(0) / 232641(R),FAX – 06861-232541.
Email: unit.head_balimela@yahoo.com / bhep.balimela@gmail.com

'e'-Procurement Notice

**NOTICE INVITING TENDER NO.: BHEP/59/2025-26, DTD.22.01.2026**

The Unit Head, Balimela Hydro Electric Project, Balimela, Dist-Malkangiri invites percentage rate bids in double coversystem i.e. Cover-I (Technical Bid) & Cover II (Price bid) for the work through e-procurement as detailed in the table below.

| Sl No | Name of Work | Estimated cost (Rs) | EMD (Refundable) | Cost of bid documents (Rs) (non-refundable) | Class of Contractor/Firm | Period of Completion |
|---|---|---|---|---|---|---|
| 1 | ANNUAL OPERATION AND MAINTENANCE OF WATER SUPPLY SYSTEM OF BHEP, BALIMELA ON JOB CONTRACT BASIS FOR 01 (ONE) YEAR | 48,55,411.00 | 49,000.00 | 6,000/- + GST @ 18% = 7080/- | 'B' /Registered service provider/Agency | 365 days |

Date & Time of availability of bid document in the portal: From 10:00 Hrs of 27.01.2026to 17:00 Hrs of 05.02.2026
Last date & time of submission of bid: Up to 17:00 Hrs of 05.02.2026
The date & Time of opening of the bid: 12:00 Hrs onwards of 06.02.2026
(Only Technical bid)

*Further details can be seen from the e-procurement portal* https://tendersodisha.gov.in

Unit Head
Balimela Hydro Electric Project,
Balimela

OIPR-



GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, UDALA
e_mail : rw_udala@yahoo.com

O-2143

e-Procurement Tender Call Notice No. Online 08/RWD/UDALA/2025-26

1. Name of the work : Road works
2. Total No.of works : 7 Nos.
3. Estimated Cost : Approx Estimated Cost Rs.5.04 to Rs.48.45 Lakhs
4. Class of Contractor : 'D', 'C' & 'B'
5. EMD : EMD @ 1% of Estimated Cost Put to tender
6. Period of completion : As per Annexure
7. Other details :

Further details can be seen from the website www.tendersorissa.gov.in

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E, Rural Works Division, Udala. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| S.E.R.W Division, Udala. | 08(Online)/ RWD-Udala of 2025-26 | 29.01.26 at 11.00 A.M. | 05.02.26 up to 5.00 P.M. | 05.02.26 up to 3.00 P.M. | 05.02.26 at 5.30 A.M. |

SuperintendingEngineer
RW Division, Udala

OIPR-



OFFICE OF THE PRINCIPAL
SINDHE DEVI (DEGREE) MAHAVIDYALAYA, NANDAPUR.
DIST-KORAPUT, PIN-764037(ODISHA)

*Letter No:- 20/SDDM/2026* *Date:-27.01.2026*

**ADVERTISEMENT**

Interested candidates may apply to the Principal, Sindhedevi Degree Mahavidyalaya, At/Po-Nandapur, Dist-Koraput, Pin-764037 (Odisha) by registered post with Bio-data and certificate for the posts of "DATA ENTRY OPERATOR" on contractual basis, having Graduation with P.G.D.C.A. and knowledge in Accounting, Excel, M.S. word, M.S. power point with excellent type writing and having one year work experience is proficiency. Age as per Govt. of Odisha norms. Salary negotiable and last date of receipt of application is Dt.12.02.2026

Sd-
Principal-cum-Secretary
SindheDevi(Degree) Mahavidyalaya,Nandapur.



**AFFIDAVIT**

By virtue of an affidavit sworn before the Executive Magistrate, Jaleswar, Balasore, Odisha vide Sl. No. 255 on dated 20/01/2026, I, Krupasindhu Mahanta, S/o. Parameswar Mahanta, At. Panchughanta, Po/Ps. Jaleswar, Dist. Balasore, Odisha, declare that I have changed my son name from Jajayantyi Dipti to Riyansh Kumar Mahanta . Henceforth, He will be known as **Riyansh Kumar Mahanta** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Mahakalpara, SL.NO- 1762, dated 01-12-2025 I, **NAMITA DAS,** W/o Jitendra Das, Permanent resident of village At- Ostar (Ghodabandha), Po- Teragan, PS- Marshaghai, Via- Mahakalpara Dist- Kendrapara, State- Odisha, PIN- 754224, declare that I have changed my Son's name from **RUDRA DAS** (Old name) to **AYUSHMAN DAS** (New name), Henceforth, he shall be known as **AYUSHMAN DAS** for all purposes.

( Sd- NAMITA DAS )

**AFFIDAVIT**

I, **Tarulata Sahu,** W/o.: Hrushikesh Sahu, Permanent/Currently Resident At.: Dhauragotha, PO.: Tainsi, P.S.: Purunakot, Dist.: Angul (Odisha)-759127, declare by this Affidavit No.: 391, dated: 27.01.2026, that now onwards my minor son will be known as **Siddheswar Sahu** for all future purposes.

**AFFIDAVIT**

I, **Sovabati Naik,** W/o.: Dillip Naik, Permanent/ Currently Resident At/PO.: Gadataras, P.S.: Bantala, Dist.: Angul (Odisha)-759129, declare by this Affidavit No.: 5983, dated: 14.11.2025, that now onwards my minor daughter will be known as **S Madhusmita** for all future purposes.

**ଦଲିଲ ହଜିଛି**

ମୁଁ ସୁବାଶ ଚନ୍ଦ୍ର ଡାକୁଆ ,ପିତା- ରାଧାକୃଷ୍ଣ ଡାକୁଆ , ଗ୍ରାମ - ଚୋରଦା, ଥାନା - ଯାଜପୁର ରୋଡ୍ , ଜିଲ୍ଲା - ଯାଜପୁର ନିବାସୀ ଗତ ୦୬/୧୦/୨୦୨୧ରେ ଯାଜପୁର ରୋଡ କୁ ଯିବା ରାସ୍ତାରେ ମୋରୋ ଲିଙ୍କ ଦଲିଲ ହଜିଯାଇଅଛି, ଯାହାର କ୍ରମିକ ସଂଖ୍ୟା - ୧୦୮୨୧୦୦୩୫୫୩ ଯାହାର ୨୭.୧୦.୨୦୧୦ ରେ ହୋଇଥିଲା. ଯଦି କେହି ସହୃଦୟ ବ୍ୟକ୍ତି ପାଇଥାନ୍ତି ଦୟାକରି ମୋତେ ୯୪୩୮୮୪୧୬୫୦ ରେ ଯୋଗାଯୋଗ କରିବେ

**AFFIDAVIT**

I, **Prabhat Mishra,** W/o.: Dillip Kumar Mishra, Permanent/Currently Resident At.: Susuda, PO.: Ankula, P.S.: Angul, Dist.: Angul (Odisha)-759132, declare by this Affidavit No.: 196, dated: 12.01.2026, that now onwards I will be known as **Prabhati Mishra** for all future purposes.

**AFFIDAVIT**

I, **Kishori Jena,** S/o.: Baikunth Jena, Permanent/ Currently Resident At.: Jhintipal, PO.: Korada, P.S.: Nisha, Dist.: Angul (Odisha)-759127, declare by this Affidavit No.: 6376, dated: 03.12.2025, that now onwards I will be known as **Kishor Chandra Jena** for all future purposes.

**Antares Systems Ltd.**
Ph:080-45982100/033-46046611
e-mail: esale@etenderwizard.com
Tender Wizard

**e-Auction for disposal of Burnt Oil, Old, Used & Unserviceable Items of Mahanadi Coalfields Limited, Sambalpur. Website:** www.tenderwizard.com/ESALE.

**Auction No's**
1) ASL/MCL/DISPOSAL/25-26/09 Auction Date: 04-02-2026
2) ASL/MCL/DISPOSAL/25-26/10 Auction Date: 05-02-2026

For further information, contact Helpdesk at the above address.
Refer Sale notice for further details.

**AFFIDAVIT**

By virtue of an affidavit sworn before in the court of Executive Magistrate and Tahasildar Basta, Sl No-902, Dt-11/02/2025 .I,Bijay Kumar Biswal ,Age-37,S/o-Rabindra Biswal,Of Village-Tikirapada,Po/Ps-Basta,Dist-Balasore,Odisha. Declared that My Son Actual name MANABENDRA BISWAL, But his birth certificate bearing Regd.no-3323/2021 (D.O.B-27/11/2021) his name mentioned as MAANAVENDRA BISWAL instated of Manabendra Biswal. Hence this affidavit the both name as MAANAVENDRA BISWAL and MANABENDRA BISWAL same name and one Person for all future purpose.

Bijay Kumar Biswal

**AFFIDAVIT**

By virtue of an affidavit sworn before Executive Magistrate, Rayagada, No. 67 dated 27.01.2026, I, Purna Chandra Huika, aged about 27 years, S/o Chaudhury Huika, resident of At-Adibasi Sahi, Therubali, PO-Therubali, PS-Chandili, Tahasil / Dist-Rayagada-765018, Odisha, declare that I have changed my name from Purna Huika to Purna Chandra Huika. Henceforth, I shall be known as Purna Chandra Huika for all purposes.

Purna Chandra Huika

**AFFIDAVIT**

By virtue of an affidavit (CF No. 06, dated 08.01.2026) sworn before the Executive Magistrate, Barkote, I, Lipi Pradhan, W/o Gajendra Kumar Sahoo, resident of At-Baishnaba Pali, P.O.-Kantapali, P.S./Dist.-Deogarh, Odisha, PIN-768108, declare that I have changed my name from Lipi Sahoo to Lipi Pradhan. Henceforth, I shall be known as **Lipi Pradhan** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Rairakhol, vide Cf.No. 121 on dated 27.01.2026, I, Sanjaya Dehury, Vill.: Tribanpur, P.O.-Tribanpur, P.S.-Rairakhol, Dist.-Sambalpur-768106 do hereby declare that I have changed my name from "Sanjay Dehuri" to "Sanjaya Dehury". Henceforth I shall be known as **"Sanjaya Dehury"** for all purposes.

**AFFIDAVIT**

By virtue of an affidavit (CF No. 07, dtd. 08.01.2026) sworn before the Executive Magistrate, Barkote, I, Gajendra Kumar Sahoo, S/o-Jogeswar Sahoo, resident of At-Baishnaba Pali, P.O.-Kantapali, P.S./Dist.-Deogarh, Odisha, PIN-768108, declare that I have changed my minor daughter's name from Shubhadrangi Sahoo to Saloni Sahoo. Henceforth, she shall be known as **Saloni Sahoo** (New Name) for all purposes.

**AFFIDAVIT**

By virtue of an affidavit sworn before the Notary Public, Sonepur, dtd.27.01.2026, I, Trayambaka Bhoi, formerly known as Trayambak Bhoi, resident of Raksa, Biramahrajpur, Dist. Subarnapur, Odisha, have changed my name from Trayambak Bhoi to Trayambaka Bhoi. Henceforth, I shall be known as **Trayambaka Bhoi** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhapur, Nayagarh dated 10.12.2025, I **Rina Pradhan @ Malia Pradhan** age about 50years W/o Sadasiva Pradhan resident of Vill./PO./PS.- Fategarh, Dist- Nayagarh, Aadhaar Card No.- 6294 5159 1539, Voter Card No.- OR/09/063/338380, and Passport No.- S9072800 is one and same person. In my Son's passport No.- N8070653my name is written worngly Malia Pradhan instead of Rina Pradhan. So kindly treat my name as **RINA PRADHAN** instead of Malia Pradhan.

**ହଜିଛି**

ମୁଁ, ଦୀପକ କୁମାର ସାହୁ, ପିତା: ଦିନିଶାକର ସାହୁ, ସା: ସି.ଡି.ଏ, ପ୍ଲଟ୍ ନଂ.:୨ଡି/୭୬୦/୧୩, ସେକ୍ଟର-୧୧, କଟକ-୧୪ ଏହା ଜଣାଇବାକୁ ଚାହେଁ ମୋ ନିକଟରୁ ୧) ମହମ୍ମଦ ହବିବୁଲ୍ଲା ଖାଁଙ୍କ ସପକ୍ଷରେ ଜାରି ଓରି. ପ୍ରୋଭିଜନାଲ ଆଲଟମେଣ୍ଟ ଲେଟର ନଂ.: ୭୪୯୩ ତା.୦୯.୦୮.୧୯୯୪, ୨) ମହମ୍ମଦ ହବିବୁଲା ଖାଁଙ୍କ ସପକ୍ଷରେ ଜାରି ଓରି. ପଜେସନ ହ୍ୟାଣ୍ଡିଙ୍ଗ ମେମୋ ନଂ.: ୧୪୮୧୯ ତା. ୦୨.୧୨.୧୯୮୬, ୩) ମହମ୍ମଦ ହବିବୁଲା ଖାଁଙ୍କ ସପକ୍ଷରେ ଜାରି ଓରି. ଚୂଡାନ୍ତ ଆଲଟମେଣ୍ଟ ଲେଟର ନଂ.: ୨୮୨୧ ତା. ୦୧.୦୩.୧୯୯୬, ୪) ଦୀପକ କୁମାର ସାହୁଙ୍କ ସପକ୍ଷରେ ଓରି. ଟ୍ରାନସି ପରମିଶନ ଲେଟର ନଂ.୧୫୬୭୭/ସିଡିଏ, ତା. ୦୬.୦୬.୨୦୧୩, ୫)ସିଡିଏ ଦ୍ୱାରା ଦୀପକ କୁମାର ସାହୁଙ୍କ ସପକ୍ଷରେ ସମ୍ପାଦିତ ଓରି. ପଞ୍ଜିକୃତ ଲିଜ୍ ଡିଡ୍ ନଂ.: ୧୦୩୯୨୦୦୨୦୯୪, ତା. ୦୨.୦୬.୨୦୨୦, ୬) ଓରି. ସିଡିଏ ଅନୁମୋଦନ ଲେଟର ନଂ.:୨୨୬୨୪, ବିପି ନଂ.: ୧୨୫୦, ତା. ୧୮.୦୯.୨୦୧୩ ମୋ ନିକଟରୁ ବହୁଦିନରୁ ହଜିଯାଇଛି । ଏହାର ମୋର ସେକ୍ଟର-୯, ପ୍ଲଟ୍ ନଂ.: ୨ବି୧୧୦, ସିଡିଏ ସମ୍ପର୍କିତ ଜମିର କାଗଜାତ ଅଟେ । ବହୁ ଖୋଜାଖୋଜି ପରେ ବି ସନ୍ଧାନ ପାଇଲି ନାହିଁ । ବର୍ତ୍ତମାନ ଏହା କାନାରା ବ୍ୟାଙ୍କ, ସି.ଡି.ଏ ଶାଖାରେ ବନ୍ଧକ ଅଛି । ବର୍ତ୍ତମାନ ମୁଁ ଏହାକୁ ଏସ.ବି.ଆଇ ହୋମ ଲୋନ ସେଣ୍ଟର, ମହାନଦୀବିହାର କଟକରେ ବନ୍ଧକ ଦେବାକୁ ଇଚ୍ଛୁକ । ଯଦି କୌଣସି ସହୃଦୟ ବ୍ୟକ୍ତି ସନ୍ଧାନ ପାଇଲେ ମୋ ନଂ.:୯୯୩୮୪୭୬୯୦୦ରେ ଜଣାଇବାକୁ ଅନୁରୋଧ ।

## ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ

# ଯୁବପିଢ଼ି ଆଗକୁ ଆସି ଦେଶକୁ ସୁଦୃଢ଼ ଗଢ଼ିବାକୁ ଆହ୍ୱାନ

କେନ୍ଦ୍ରାପଡ଼ା,୨୭।୧ (ସମିସ)



କେନ୍ଦ୍ରାପଡ଼ା ସ୍ୱୟଂଶାସିତ ଖେଳ ପଡ଼ିଆରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସେ ସାଧାରଣତନ୍ତ୍ର ଦିବସର ମହତ୍ତ୍ୱ ବାଖ୍ୟା କରି ଯୁବପିଢ଼ି ଆଗକୁ ଆସି ରାଷ୍ଟ୍ର ଗଠନରେ ନିଜକୁ ସକ୍ରିୟ ଭାବେ ସାମିଲ କରିବାକୁ ଆହ୍ୱାନ କରିଥିଲେ। ସେ ତୁଳସୀ କ୍ଷେତ୍ରର ଧାର୍ମିକ ମହତ୍ତ୍ୱ, ଭିତରକନିକା ଜାତୀୟ ଉଦ୍ୟାନ, ହୁକିଟୁଲା, ପେଣ୍ଠ ସମୁଦ୍ର ବେଳାଭୂମି ସହିତ କେନ୍ଦ୍ରାପଡ଼ା ଜିଲ୍ଲାର ସମୃଦ୍ଧ ହସ୍ତତନ୍ତ୍ର ପରମ୍ପରା ଉପରେ ମଧ୍ୟ ଆଲୋକପାତ କରିଥିଲେ। ପ୍ୟାରେଡରେ ୩୧ଟି ଦଳ ଅଂଶଗ୍ରହଣ କରିଥିଲେ। ଏନସିସି ବର୍ଗରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ ବାଳକ ଦଳ ପ୍ରଥମ, ବାଳିକା ଦଳ ଦ୍ୱିତୀୟ ଓ କେନ୍ଦ୍ରାପଡ଼ା ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲା। ସିନିୟର ସିଭିଲିୟନ ବର୍ଗରେ କେନ୍ଦ୍ରାପଡ଼ା କଲେଜର ମାଇଁ ଏନସିସି ଆଲୁମିନି ପ୍ରଥମ, ଭାରତୀ ବିଦ୍ୟାମନ୍ଦିର ଦ୍ୱିତୀୟ ଓ ସେଣ୍ଟ ଜାଭିଆର ହାଇସ୍କୁଲ, ଗୋପ ତୃତୀୟ ସ୍ଥାନ ଅଧିକାର କରିଥିଲା। ଜୁନିୟର ବର୍ଗରେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମ, ଜେନିଥ୍ ଇଣ୍ଟରନ୍ୟାସନାଲ ସ୍କୁଲ ଦ୍ୱିତୀୟ ଓ କଲେଜ କଲୋନୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା।

ଏ ଅବସରରେ ୭୭ ଜଣ ଛାତ୍ରୀଙ୍କ ଦ୍ୱାରା ସାମୂହିକ 'ବନ୍ଦେ ମାତରମ୍' ଗାନ ପରିବେଷଣ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା, ସାମାଜିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ଜିଲ୍ଲାକୁ ଗୌରବାନ୍ୱିତ କରିଥିବା ୪ ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଜ୍ଞାପନ ମେଢ଼ ପ୍ରତିଯୋଗିତାରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପ୍ରଥମ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱିତୀୟ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ ତୃତୀୟ ସ୍ଥାନ ଅଧିକାର କରିଥିଲା। ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, ପଲ୍ଲୀଶ୍ରୀ ମହିଳା ସମିତି ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନ, କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲ, ନେତାଜୀ ମଡେଲ ସ୍କୁଲ ଓ ଅଙ୍କୁର ଶିକ୍ଷା ନିକେତନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶେଷରେ ମୁଖ୍ୟଅତିଥି ସ୍ଥାନୀୟ ଜିଲ୍ଲା କାରାଗାରରେ ଅନ୍ତେବାସୀ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରି ସାଧାରଣତନ୍ତ୍ର ଦିବସର ମାନବିକ ବାର୍ତ୍ତା ପ୍ରଦାନ କରିଥିଲେ।

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ପକ୍ଷରୁ କଜଳାସ୍ଥ ମୁଖ୍ୟ ଶାଖା ପରିସରରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ଗୁରୁପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ଦାଶ, ମହେନ୍ଦ୍ର ପରିଡା, ପ୍ରଫୁଲ୍ଲ ସାହୁ, ବିଧୁଭୂଷଣ ମହାପାତ୍ର, ଜେନେରାଲ ମ୍ୟାନେଜର ରାଜୀବଲୋଚନ ପଣ୍ଡାଙ୍କ ସହ ସୁରେଶ ପରିଡା, ହିମାଂଶୁ ଲେଙ୍କା, ଲଲାଟେନ୍ଦୁ କେଶରୀ ଦାସ, ମିନାକ୍ଷୀ ପାଣି ପ୍ରମୁଖ ଉପସ୍ଥିତ ଥିଲେ।



**ରାଜକନିକା:** ୭୭ତମ ସାଧାରଣତନ୍ତ୍ର ଦିବସ ରାଜକନିକାର ପୁରପଲ୍ଲୀରେ ପାଳିତ ହୋଇଛି। ଉତ୍ସାହର ସହ ତହସିଲ, ବ୍ଲକ, ଥାନା, ଗ୍ରାମ୍ୟ ନିର୍ମାଣ ବିଭାଗ, ଉଠା ଜଳସେଚନ, ତଟବନ୍ଧ ଉପଖଣ୍ଡ, ଏସଏନ କଲେଜ, ଓଳାଭର କଲେଜ, କପିଳେଶ୍ୱର କଲେଜ, ବି.ଆର. ସାଇନ୍ସ କଲେଜ, ହାଇସ୍କୁଲ, ସମସ୍ତ ପ୍ରାଥମିକ ବିଦ୍ୟାଳୟ, ପାକ୍ସ, ସମସ୍ତ ବ୍ୟାଙ୍କ, ବୀମା କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। ସହିଦ ସ୍ମୃତି ସଂସଦ ପକ୍ଷରୁ ମେଘପୁର ସହିଦ ସରୋବର ତଟରେ ଅବସ୍ଥିତ ସହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଦେବା ପରେ ପ୍ରତିଷ୍ଠାତା ସଭାପତି ଦାମୋଦର ଧଳ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ସୁକାନ୍ତ ଦାଶ, ବିବେକାନନ୍ଦ ବେହେରା, ଗୋପୀନାଥ ବିଶ୍ୱାଳ, ପ୍ରହ୍ଲାଦ ସାହୁ, ହରେକୃଷ୍ଣ ନାୟକ, ବିବେକାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ପଙ୍କଜ କୁମାର ଦାସ, ଖରସ୍ରୋତା ସଂଗ୍ରାମ ସମିତି ପକ୍ଷରୁ ସଭାପତି ଦୁର୍ଯ୍ୟୋଧନ ମହାନ୍ତି ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।



**ରାଜନଗର:** ରାଜନଗର ବ୍ଲକରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ରପ୍ରତ୍ୟୁଷରୁ ଜୟଦୁର୍ଗା ବଣିକ ସଙ୍ଘ ପକ୍ଷରୁ ରାମଧୂନ୍ ରାଜନଗର ଗାଁ ଓ ବଜାର ପରିକ୍ରମା କରିଥିଲା। ବ୍ଲକର ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର ପତାକା ଉତ୍ତୋଳନ କରିଥିଲେ। ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ , ବିଡ଼ିଓ ତିଲୋତ୍ତମା ପୃଷ୍ଟି, ତହସିଲଦାର ଯୀଶୁକୃଷ୍ଣ ଦାସ ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ ସୈନିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତହସିଲରେ ତହସିଲଦାର ଯୀଶୁକୃଷ୍ଣ ଦାସ, ଥାନାରେ ଆଇଆଇସି ନରେଶ ସାହୁ, ତାଲଚୁଆ ମେରାଇନ ଥାନାରେ ଆଇଆଇସି ସନ୍ଧ୍ୟାରାଣୀ ଜେନା ପତାକା ଉତ୍ତୋଳନ କରିଥିଲେ। ବ୍ଲକ ବିଜେଡି କାର୍ଯ୍ୟାଳୟରେ ସଭାପତି ନିରଞ୍ଜନ ରାଉତ ପତାକା ଉତ୍ତୋଳନ କରିଥିଲେ। ପ୍ରଥମେ ବିଜୁବାବୁ ଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଦଳର ନେତା ବିଜୟ ନାୟକ, ଆର୍ତ୍ତବନ୍ଧୁ ମହାନ୍ତି, ବିଜ୍ଞାନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଂଗ୍ରେସ ବିଧାୟକ ଦଳର ପ୍ରାର୍ଥୀ ଅଶୋକ ପ୍ରତିହାରୀ ତାରାଦେଇପୁର, ବିଜେପି କାର୍ଯ୍ୟାଳୟରେ ଦଳର ନେତା ଲଳିତ ବେହେରା ପତାକା ଉତ୍ତୋଳନ କରିଥିଲେ।



**ମାର୍ଶାଘାଇ:** ମାର୍ଶାଘାଇ ବ୍ଲକ ସଦର ମହକୁମା ସମେତ ସମସ୍ତ ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ଗରଜଙ୍ଗା ସରକାରୀ ବିଦ୍ୟାଳୟରେ ମୁଖ୍ୟଅତିଥି ଭାବେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ଜାତୀୟପତାକା ଉତ୍ତୋଳନ କରିଥିଲେ। ବ୍ଲକ୍ ମୁଖ୍ୟାଳୟରେ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ତହସିଲ କାର୍ଯ୍ୟାଳୟରେ ଶ୍ରୀକାନ୍ତ ପରିଜା, ମାର୍ଶାଘାଇ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଫେସର ଡ. ଶଶୀକାନ୍ତ ନାୟକ, ଦି ରୟାଲ ଗାଇଡରେ ଅଧ୍ୟାପକ ସୁକାନ୍ତ ପ୍ରଧାନ, ତାରିଣୀ +୨ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଚେୟାରମ୍ୟାନ ଜ୍ଞାନରଞ୍ଜନ କୁଣ୍ଡ, ଜନଶକ୍ତି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିରଞ୍ଜନ ମହାରଣା ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଗୋବିନ୍ଦପୁର:** ଆଳି ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ବିଭିନ୍ନ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। କୃଷି ସେବା ସମବାୟ ସମିତିରେ ସଭାପତି ଧନରଞ୍ଜନ ବୋଷ, ଗାନ୍ଧୀ ମେମୋରିଆଲ କଲେଜରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ, ଜୁଆଣିଆ ପଞ୍ଚାୟତ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକ ଶ୍ରୀନାଥ ସାହୁ, ଦେସାହି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ମୋନାଲିସା ଦାସ ପତାକା ଉତ୍ତୋଳନ କରିଥିଲେ। ଏଥିସହ ବିଭିନ୍ନ ଅନୁଷ୍ଠାନ ଓ କ୍ଲବ୍‌ରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି।

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡ଼ା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସାଧାରଣତନ୍ତ୍ର ପାଳିତ ହୋଇଛି। ବରିଷ୍ଠ ନାଗରିକ ମୁରଲୀଧର ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଇଂ ତ୍ରିଲୋଚନ ସୂତାର, ଗୋପାଳ ବିଶ୍ୱାଳ, ବିଜୟ ମହାନ୍ତି, ସର୍ବେଶ୍ୱର ଜେନା, ସୁବାସ ମହାନ୍ତି, ଶୈଳେନ୍ଦ୍ର ମହାନ୍ତି, ସୁରଥ ଭୂୟାଁ, ଭାବଗ୍ରାହୀ ବାରିକ, ବିଷ୍ଣୁପ୍ରସାଦ ଚୌଧୁରୀ ଓ ବିଜୟ ରାଉତ ପ୍ରମୁଖ ଯୋଗ ଦେଇଥିଲେ।



## 'ବିକାଶ ଓ ସବଡିଭିଜନ ପାଇଁ ସଂଗ୍ରାମ ଜାରି ରହିଛି'

ପଟ୍ଟାମୁଣ୍ଡାଇ,୨୭।୧(ସମିସ): ପଟ୍ଟାମୁଣ୍ଡାଇ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକଙ୍କ ପୌରୋହିତ୍ୟରେ ସ୍ଥାନୀୟ ପ୍ୟାରେଡ ପଡିଆରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡ ରେ ଅଭିବାଦନ ଗ୍ରହଣ କରିବା ସହିତ ପଟ୍ଟାମୁଣ୍ଡାଇର ସାର୍ବିକ ବିକାଶ ଓ ସବଡ଼ିଭିଜନ ପାଇଁ ସଂଗ୍ରାମ ଜାରି ରହିଛି ବୋଲି ବୋଲି ପ୍ରକାଶ କରିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏମଏନ ହାଇସ୍କୁଲ ଏନଏନସି ଶିକ୍ଷକ ସରୋଜ ସ୍ୱାଇଁ ପ୍ୟାରେଡ ପରିଚାଳନା କରିଥିଲେ। ବିଭିନ୍ନ ସ୍କୁଲ କଲେଜ ଛାତ୍ରଛାତ୍ରୀ ଚିତ୍ତାକର୍ଷକ ପ୍ୟାରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ଏସଡିପିଓ ସୁକାନ୍ତ ପାତ୍ର, ଆଇଆଇସି ବନ୍ଦନା ପାତ୍ର, ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପଟ୍ଟାମୁଣ୍ଡାଇ ନଗର ବିଜେଡି ସଭାପତି ବୁଢା ଲେଙ୍କା, ନଗର ଯୁବବିଜେଡି ସଭାପତି ଅଶୋକ ଧଳ, କାଉନସିଲର ଗୋପୀବଲ୍ଲଭ ନାୟକ, ସାମ୍ବାଦିକ ଅନୀଲ ଚୌଧୁରୀ, ଅକ୍ଷୟ ସାହୁ, ପତିତପାବନ ଭଦ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଶିକ୍ଷାବିତ ବିଜୟ ସାହୁ ବିବରଣୀ ପାଠ କରିଥିବାବେଳେ ଗୋପୀନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ବାଲ୍ୟ ବିବାହ ମୁକ୍ତ ଭାରତ ପାଇଁ ସଚେତନତା

ଆଳି,୨୭।୧(ସମିସ): ଆଳି ଜେଏମଏଫସି ଅଧୀନ ତାଲୁକ ଆଇନ ସେବା ସମିତି ପକ୍ଷରୁ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ପାଇଁ ଆଳି ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସାଇକଲ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଆଳି କୋର୍ଟର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦେବାନ ସତ୍ୟଦର୍ଶୀ ନନ୍ଦଙ୍କ ମାର୍ଗଦର୍ଶନରେ ଆଳି ବାର ଆସୋସିଏସନର ସମସ୍ତ ସଦସ୍ୟ, କୋର୍ଟ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

## ଷଣ୍ଢ ଆକ୍ରମଣରେ କାର୍ ଡ୍ରାଇଭର ଆହତ

ପଟ୍ଟାମୁଣ୍ଡାଇ, ୨୭।୧(ସମିସ): ଆଜି ପୂର୍ବାହ୍ନରେ ଷଣ୍ଢ ଆକ୍ରମଣରେ ସୁକାନ୍ତ ସାମଲ ନାମକ ଜଣେ କାର୍ ଡ୍ରାଇଭର ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ସୀତାରାମ ବେଲତଳରେ କାର୍ ଧୋଉଥିବା ସମୟରେ ଷଣ୍ଢ ଆକ୍ରମଣ କରିଥିଲା।

## ଅରଡପଲ୍ଲୀରେ ହିନ୍ଦୁ ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୨୭।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକର ଅରଡ଼ପଲ୍ଲୀ ମଣ୍ଡଳ ପକ୍ଷରୁ ଅରଡ଼ପଲ୍ଲୀ ଖେଳ ପଡିଆରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ହିନ୍ଦୁ ସମ୍ମିଳନୀରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କଟକ ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡା, କଟକ ବିଭାଗ ଧର୍ମ ଜାଗରଣ ପ୍ରମୁଖ ଗୋଲକ ବେହେରା, ଶ୍ରୀପାଦ ଭକ୍ତିବେଦାନ୍ତ ସନ୍ୟାସୀ ମହାରାଜ, ବାବା ଅମୃତାନନ୍ଦ ଦାସଜୀ ମହାରାଜ, ସନ୍ଥ କୃଷ୍ଣ ଦାସ, ସଂଯୋଜକ ବିଜ୍ଞାନ ଭୂଷଣ ପ୍ରଧାନ ପ୍ରମୁଖ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମଗ୍ର ହିନ୍ଦୁ ସମାଜ ଅଂଶଗ୍ରହଣ କରିଥିଲେ। ଜିଲ୍ଲା କାର୍ଯ୍ୟବାହ ବିନୋଦ ଦାସ, ବିଜେପି ନେତା ସୁନାକର ବେହେରା, ପ୍ରଶାନ୍ତ ମହାନ୍ତି, ରାଜକିଶୋର ସାହୁ, ସଞ୍ଜୟ ପୃଷ୍ଟି, ସଂଜୀବ ତରାଇ,ଦେବାଶିଷ ମାନ୍ଧାତା, ପ୍ରକାଶ ଜେନା, ପ୍ରଭାତ ସେନାପତି, ନକୁଳ ସୂତାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମେ ସୂର୍ଯ୍ୟ ପୂଜା, କନ୍ୟା ପୂଜା, ହୋମଯଜ୍ଞ ସହିତ ସଂକୀର୍ତ୍ତନ ମଣ୍ଡଳୀ ଗ୍ରାମ ପରିକ୍ରମା କରିଥିଲେ।

## ଅଗ୍ନିକାଣ୍ଡରେ ଜଣେ ଗୁରୁତର ଆହତ

କେନ୍ଦ୍ରାପଡ଼ା,୨୭।୧(ସମିସ): ବୀରସ୍ୱତୀ ଗ୍ରାମରେ ସୋମବାର ରାତିରେ ଅଗ୍ନିକାଣ୍ଡରେ ଜଣେ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଛନ୍ତି। ରାତି ପ୍ରାୟ ୧୦ଟା ୩୦ ମିନିଟ ସମୟରେ ବୀରସ୍ୱତୀ ଗ୍ରାମର ସଙ୍କଟମୋଚନ ମନ୍ଦିର ନିକଟରେ ଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ଘରେ ନିଆଁ ଲାଗିଯାଇଥିଲା। ଘରେ ଶୋଇଥିବା ଧରମା ପ୍ରଧାନ ନିଆଁରେ ଫସିଯାଇ ଗଭୀର ଭାବେ ଆହତ ହୋଇଥିଲେ। ତାଙ୍କ ହାତ ଓ ଗୋଡ଼ ଗୁରୁତର ଭାବେ ପୋଡ଼ିଯାଇଛି। ଧରମା ପ୍ରଧାନଙ୍କ ପୁଅ ତାଙ୍କୁ ଉଦ୍ଧାର କରିଥିଲେ। ପରେ ସ୍ଥାନୀୟ ଲୋକେ ପହଞ୍ଚି ଗୁହାଳରେ ଥିବା ଗୋରୁଙ୍କୁ ଉଦ୍ଧାର କରିଥିଲେ। ଏହି ଅଗ୍ନିକାଣ୍ଡରେ ଧରମା ପ୍ରଧାନଙ୍କ ଘରର ସମସ୍ତ ଟଙ୍କାପଇସା, ଆସବାବପତ୍ର ଓ ଜରୁରୀ କାଗଜପତ୍ର ଜଳି ନଷ୍ଟ ହୋଇଯାଇଛି।

## ଟ୍ରଲର ଜବତ; ୯ ଜଣ ମତ୍ସ୍ୟଜୀବୀ ଗିରଫ

ରାଜନଗର,୨୭।୧(ସମିସ): ଗହିରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ନିକଟରେ ବେଆଇନ ଭାବେ ମାଛ ଧରୁଥିବାବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ଦୟାମୟୀ ମନସା ନାମକ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏସିଏଫ ମାନସ ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ ମଲ୍ଲିକ ଓ ବନ ବିଭାଗର କର୍ମଚାରୀ ଟ୍ରଲରକୁ ଜବତ କରିଥିଲେ। ସେଥିରୁ ୧ଟି ଜିପିଏସ, ୧ଟି ଭିଏଚଏଫ, ୧୪ଟି ଟ୍ରଲିଂ ନେଟ ଓ ୯ କ୍ୱିଣ୍ଟାଲ ମାଛ ଜବତ ହୋଇଛି।

## କ୍ରିକେଟ୍ ଖେଳକୁ ନେଇ ଉତ୍ତେଜନା

ମହାକାଳପଡ଼ା,୨୭।୧(ସମିସ): ମହାକାଳପଡ଼ା ବ୍ଲକ ବାରଡାଙ୍ଗ ପଞ୍ଚାୟତ ନନ୍ତାର ଚାନ୍ଦିନୀ ଖେଳ ପଡ଼ିଆରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଉଦଘାଟନୀ ମ୍ୟାଚ୍ ଥିବାବେଳେ ସେହି ଗ୍ରାମର ୧୩ ଜଣ ବ୍ୟକ୍ତି ଖେଳ କରାଇ ନ ଦେବାକୁ ଆୟୋଜକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଯଦି ଖେଳ କରନ୍ତି ତେବେ ମାରିଦେବାକୁ ଧମକ ଦେଇଥିବା ଆୟୋଜକଙ୍କ ପକ୍ଷରୁ ଚିତ୍ତରଞ୍ଜନ ମଲ୍ଲିକ ମହାକାଳପଡ଼ା ଥାନାରେ ଏତଲା ଦେଇଛନ୍ତି। ପୁଲିସ ଏତଲା ଆଧାରରେ ତଦନ୍ତ ଚଲାଇଥିବା ଜଣାପଡ଼ିଛି।

## ଜନଶକ୍ତି ପାର୍ଟିର ବାଲି ଚୋରାଚାଲାଣ ବନ୍ଦ ଦାବି

ଡେରାବିଶ,୨୭।୧(ସମିସ): ରାଜ୍ୟରେ ଲଘୁ ଖଣିଜ ସମ୍ପଦ ଆଇନ ପରିବର୍ତ୍ତନ କରି ରାଜସ୍ୱ ବିଭାଗ ନିକଟରୁ ଖଣି ବିଭାଗକୁ ହସ୍ତାନ୍ତର ଯୋଗୁ ବାଲି ଚୋରା ଚାଲାଣ ବନ୍ଦ ହେବା ପରିବର୍ତ୍ତେ ବଢ଼ିଚାଲିଛି। ଏହା ଉପରେ ରୋକ ଲଗାଇବାକୁ ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ ଏକ ପ୍ରେସ୍ ବିବୃତ୍ତିରେ ଦାବି କରିଛନ୍ତି। ଲୁଣା ଓ ବିରୂପା ନଦୀ ବାଲିଘାଟକୁ ଖଣି ବିଭାଗକୁ ହସ୍ତାନ୍ତରେ ପରେ ବର୍ଷାଧିକ କାଳ ହେବ ନିଲାମ କରା ନ ଯିବା ଫଳରେ ବାଲି ମାଫିଆ ଦିନ ଦ୍ୱିପ୍ରହରରେ ବାଲି ଲୁଟ କରିବାରେ ଲାଗିଛନ୍ତି। ମାଫିଆ ବାଲି ଦର ବୃଦ୍ଧି କରିବା ଦ୍ୱାରା ଗରିବ ଆବାସ ହିତାଧିକାରୀଙ୍କ ପାଇଁ ବେଢ଼ି ଉପରେ କୋରଡ଼ା ସଦୃଶ ହୋଇଛି। ଚୋରା ବାଲି ଚାଲାଣ ପାଇଁ ସରକାର ବିପୁଳ ରାଜସ୍ୱ ହରାଉଛନ୍ତି। ଆବାସ ହିତାଧିକାରୀଙ୍କୁ ବିନା ରୟାଲିଟିରେ ବାଲି ଯୋଗାଇ ଦେବାକୁ ଶ୍ରୀ ଦାଶଙ୍କ ସମେତ ପାର୍ଟିର ସାଧାରଣ ସମ୍ପାଦକ ଇଂ ସମରେନ୍ଦ୍ର ଜେନା ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ନୂତନ ଆଇଆଇସିଙ୍କୁ ସମ୍ବର୍ଦ୍ଧନା

ରାଜନଗର,୨୭।୧(ସମିସ): ତାଲଚୁଆ ସାମୁଦ୍ରିକ ଥାନାରେ ନୂତନ ଭାରପ୍ରାପ୍ତ ଥାନା ଅଧିକାରିଣୀ ଭାବେ ଶ୍ରୀମତୀ ସନ୍ଧ୍ୟାରାଣୀ ଜେନା ଯୋଗଦେଇଛନ୍ତି। ତାଙ୍କୁ ବିଜୁ ଜନତା ଦଳର ଡାଙ୍ଗମାଳ ପଞ୍ଚାୟତର ନେତୃବୃନ୍ଦ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଡାଙ୍ଗମାଳ ସମିତି ସଭ୍ୟ ଶ୍ରୀଚରଣ ଦାସ, ପୂର୍ବତନ ସରପଞ୍ଚ ରମେଶ ବେହେରା, ନାଏବ ସରପଞ୍ଚ କାର୍ତ୍ତିକ ବେହେରା, ଯୁବ ନେତା ପ୍ରଭାତ ବେହେରା, ରବିନ୍ଦ୍ର ସିଂହ, ବିଶ୍ୱମ୍ବର ବେହେରା, ଛାତ୍ର ନେତା ସୁଶାନ୍ତ ବେହେରା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



## ଆୟୁଷ୍ମାନ କାର୍ଡ ନ ଥିବାରୁ ଅଟକିଛି ଅପରେସନ

କେନ୍ଦ୍ରାପଡ଼ା,୨୭।୧(ସମିସ): ଗରିବ ଲୋକଙ୍କ ପାଇଁ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା କି ସତରେ ସଙ୍କଟ ସମୟରେ ସହାୟ ହେଉଛି, ଏ ପ୍ରଶ୍ନ ଆଜି ଗରଦପୁର ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ପନ୍ଦିଆ ଗ୍ରାମର ଜୟଶ୍ରୀ ଦାଶଙ୍କ ଘଟଣା ପରେ ଜୋରଦାର ଭାବେ ଉଠିଛି। ପନ୍ଦିଆ ଗ୍ରାମର ସୁକାନ୍ତ ଦାଶଙ୍କ ଝିଅ ଜୟଶ୍ରୀ ଦାଶ ଗତ କିଛିଦିନ ପୂର୍ବେ ଟ୍ରକ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ସେ ବର୍ତ୍ତମାନ ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ଡାକ୍ତର ତୁରନ୍ତ ଅପରେସନ ଆବଶ୍ୟକ ବୋଲି ମତ ଦେଇଥିଲେ ମଧ୍ୟ ଅର୍ଥାଭାବରୁ ଚିକିତ୍ସା ଅଟକି ରହିଛି। ପେଶାରେ ଜଣେ ଘରୋଇ ପୂଜକ ଥିବା ସୁକାନ୍ତ ଦାଶଙ୍କ ପରିବାରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୟନୀୟ। ଦିନକୁ ଦିନ ଜୟଶ୍ରୀ ଭୟଙ୍କର ଯନ୍ତ୍ରଣାରେ ରହୁଥିବାବେଳେ ଲକ୍ଷାଧିକ ଟଙ୍କାର ଅପରେସନ ଖର୍ଚ୍ଚ ପରିବାର ପାଇଁ ଅସମ୍ଭବ ହୋଇପଡ଼ିଛି। ପରିବାର ପାଖରେ ରାସନ କାର୍ଡ ଥିଲେ ମଧ୍ୟ ଆୟୁଷ୍ମାନ ଭାରତ କାର୍ଡ ମିଳି ନ ଥିବା ଏହି ସମସ୍ୟାକୁ ଗୁରୁତର କରିଛି। ରାସନ କାର୍ଡ ନୂଆ ହୋଇଥିବାରୁ ଏକ ମାସ ପରେ ଆୟୁଷ୍ମାନ କାର୍ଡ ମିଳିବ ବୋଲି କୁହାଯାଉଥିବା ନିୟମକୁ ନେଇ ପରିବାର ସହ ଅଞ୍ଚଳବାସୀ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ଗରିବ ଲୋକ ସହଜରେ ମାଗଣା ଚିକିତ୍ସା ସୁବିଧା ପାଉଥିଲେ। ବର୍ତ୍ତମାନର ନିୟମ ଓ ପ୍ରକ୍ରିୟାର ଜଟିଳତା ଗରିବ ଓ ନିଷ୍ପେସିତ ପରିବାରଙ୍କୁ ଗଭୀର ସଙ୍କଟରେ ପକାଉଛି। ଜୟଶ୍ରୀଙ୍କ ଅପରେସନ ପାଇଁ ସହାୟତା ଓ ବ୍ୟବସ୍ଥା କରିବାକୁ ଦାବି ହେଉଛି।



## ବରକନ୍ଧା ପ୍ରିମିୟର ଲିଗ୍ ଉଦ୍‌ଯାପିତ




ମହାକାଳପଡ଼ା,୨୭।୧(ସମିସ): ବରକନ୍ଧା ପ୍ରିମିୟର ଲିଗର ପଞ୍ଚମ ସଂସ୍କରଣ ଉଦଯାପିତ ହୋଇଯାଇଛି। ଏହି ଉଦଯାପନ ଦିବସରେ ମୁଖ୍ୟଅତିଥି ଭାବେ ଗୋଗୁଆ ପଞ୍ଚାୟତ ସମିତି ସଭ୍ୟ ପ୍ରତାପ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ମଙ୍ଗଳପୁର ସମିତି ସଭ୍ୟ ରଞ୍ଜନ ଚୌଧୁରୀ ଓ ସମ୍ମାନିତ ଅତିଥି ଭାବେ ହରିଶ ଲେଙ୍କା, ରଶ୍ମିରଞ୍ଜନ ସ୍ୱାଇଁ, ମଞ୍ଜୁଲତା ସାମନ୍ତରାୟ, ସୁକାନ୍ତ ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍ ଦୀପକ୍ ଟାଇଟନ୍ସ ଓ ସାଗର ଇଣ୍ଡିଆନ୍ସ ମଧ୍ୟରେ ଖେଳାଯାଇଥିଲା। ସାଗର ଇଣ୍ଡିଆନ୍ସ ୮ ୱିକେଟରେ ୧୬୦ ରନ୍ କରିଥିବାବେଳେ ଦୀପକ ଟାଇଟନ୍ସ ୩ ୱିକେଟ ବିନିମୟରେ ୧୬୧ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳକୁ ଟ୍ରଫି ସହ ୩୫,୦୦୦ ଟଙ୍କା ଉପବିଜେତା ଦଳକୁ ଟ୍ରଫି ସହ ୩୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଓ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ବିବେକ ବସନ୍ତିଆ, ପ୍ରୀତିରଞ୍ଜନ ରାଉତ, ତାପସ ରାଉତ, ମାନସ ରାଉତ, ପ୍ରକାଶ ରାଉତ, ସୁଦାମ ରାଉତ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ବେଣୀପୁରରେ ସ୍ୱାସ୍ଥ୍ୟ ଶିବିର



ପଞ୍ଚୁପାଣ୍ଡବ,୨୭।୧(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବେଣୀପୁର ଗ୍ରାମର ଡାଇମଣ୍ଡ କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସଭାପତି ଚିନ୍ମୟ ସାହୁଙ୍କ ନେତୃତ୍ୱରେ ଡାକ୍ତର ସବ୍ୟସାଚୀ ଦାସ, ସେକ ସବୀର ହୋସେନ୍, ସତ୍ୟବ୍ରତ ବରାଳ, ବିପିନ ପଣ୍ଡା, ଚକ୍ଷୁ ଚିକିତ୍ସା ଅଧିକାରୀ କୈଳାସ ପୃଷ୍ଟି ପ୍ରାୟ ଚାରି ଶହ ବିଭିନ୍ନ ପ୍ରକାରର ରୋଗୀଙ୍କ ଚିକିତ୍ସା କରିଥିଲେ। ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ପରିଦର୍ଶକ ରାଧାବଲ୍ଲଭ ପୃଷ୍ଟି ଉପସ୍ଥିତ ଥିଲେ। ସରସ୍ୱତୀ ପୂଜା ଉପଲକ୍ଷେ ଏହି ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଶିବିରକୁ ସମ୍ପାଦକ ପ୍ରବୋଧ ସାହୁ, ଉପଦେଷ୍ଟା ଅଜୟ ଦାସ, ଅମେୟ ମଣ୍ଡଳ, ପ୍ରଶାନ୍ତ ଦେ, ଅନୁଭବ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା/ମାର୍ଶାଘାଇ,୨୭।୧(ସମିସ):ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଶିବିରରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ମାର୍ଶାଘାଇ ବିଡ଼ିଓ, ତହସିଲଦାର ଓ ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।



### ସ୍ତ୍ରୀକୁ ହାଣି ସ୍ୱାମୀର ଆତ୍ମହତ୍ୟା ଉଦ୍ୟମ

# ଉଭୟ ସ୍ୱାମୀସ୍ତ୍ରୀ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି

ମାଳିପୁର,୨୭।୧(ସମିସ)

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମାଳିପୁର ଗ୍ରାମରେ ପାରିବାରିକ କଳହରୁ ସ୍ତ୍ରୀକୁ କଟୁରୀରେ ହାଣି ସ୍ୱାମୀ ବିଷପାନ କରି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା ଭଳି ଅଭାବନୀୟ ଘଟଣା ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଉଭୟ ସ୍ୱାମୀସ୍ତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ମାଳିପୁର ଗ୍ରାମର ପ୍ରତାପ ମଲିକ ( ୫୫) କୌଣସି କାରଣରୁ ନିଜ ସ୍ତ୍ରୀ ଭାରତୀ ମଲିକ ( ୪୫)ଙ୍କୁ ଏକ କଟୁରୀରେ ମରଣାନ୍ତକ ଆକ୍ରମଣ କରିଥିଲେ। ଭାରତୀଙ୍କ ମୁଣ୍ଡ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଜଣାପଡିଛି। ବାପାର ହିଂସ୍ର ରୂପ ଦେଖି ଘରେ ଶୋଇଥିବା ସାନପୁଅ ଭୟରେ ଘରୁ ବାହାରକୁ ଦୌଡ଼ି ପଳାଇଥିଲା। ଅନ୍ୟ ଗ୍ରାମରେ ସମ୍ପର୍କୀୟଙ୍କ ଘରେ ରହୁଥିବା ବଡ଼ ଭଉଣୀକୁ ଫୋନ କରି ଘଟଣା ବିଷୟରେ ଜଣାଇଥିଲା। ବଡ଼ ଭଉଣୀ ଘରେ ପହଞ୍ଚି ମାଆକୁ ପଟ୍ଟାମୁଣ୍ଡାଇ ମେଡିକାଲରେ ଭର୍ତ୍ତି କରାଇଥିଲେ। ଭାରତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଉଦବେଗଜନକ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ପରେ ପ୍ରତାପ ଫେରାର ହୋଇଯାଇଥିଲେ। କିନ୍ତୁ ସକାଳୁ ଗ୍ରାମ ନିକଟ ବନ୍ଧ ରାସ୍ତା କଡରେ ପ୍ରତାପଙ୍କୁ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଗ୍ରାମବାସୀ ଦେଖିଥିଲେ। ପାଖରେ ବିଷ ବୋତଲ ଓ ରକ୍ତ ଲଗା କଟୁରୀ ପଡ଼ିଥିଲା। ଗ୍ରାମବାସୀ ପ୍ରତାପଙ୍କୁ ପଟ୍ଟାମୁଣ୍ଡାଇ ମେଡିକାଲକୁ ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରତାପଙ୍କୁ ମଧ୍ୟ କଟକ ସ୍ଥାନାନ୍ତର କରାଯାଇଥିଲା। ଘଟଣା ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିଲେ ବି ଗ୍ରାମାଞ୍ଚଳ ଥାନା ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ଜଳିଗଲା ୨ ବଖରା

ଡେରାବିଶ,୨୭।୧(ସମିସ): ତେହେଡ଼ା ଗ୍ରାମର ନକୁଳ ରାଉତଙ୍କ ୨ ବଖରା ଘର ଅଗ୍ନିକାଣ୍ଡରେ ପୋଡ଼ିଯାଇଛି। ଗତକାଲି ମଧ୍ୟାହ୍ନରେ ରୋଷେଇ ନିଆଁରୁ ଅଗ୍ନିକାଣ୍ଡ ଘଟି ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ପାଟକୁରାରୁ ଅଗ୍ନିଶମ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସ୍ଥାନୀୟ ସରପଞ୍ଚ ଶଙ୍କର୍ଷଣ ପରିଡ଼ା ପହଞ୍ଚି ସହାୟତା ପ୍ରଦାନ କରିଥିଲେ। ଆଜି ଯଆଁରାବାରିମୂଳ ରାଜସ୍ୱ ନିରୀକ୍ଷକ ଇପସିତା ପରିଜା କ୍ଷୟକ୍ଷତି ଆକଳନ କରିଛନ୍ତି।

## ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

# ସବୁଠି ଉଡ଼ିଲା ତ୍ରିରଙ୍ଗା ପତାକା










ଜଗତସିଂହପୁର,୨୭।୧(ସମିସ): ଜଗତସିଂହପୁର ଜିଲ୍ଲା ସଦର ମହକୁମାର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ଠାରେ ୭୭ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଜେ. ସୋନାଲ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମିଳିତ ପରେଡରେ ରିଜର୍ଭ ଇନ୍‌ସପେକ୍ଟର ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ୨୫ଟି ଦଳ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୟୁନିଫର୍ମରେ ଏସ୍‌କେ ଏକାଡେମୀ ଏୟାର ୱିଙ୍ଗସ୍, ସିନିୟର ସିଭିଲିଆନରେ ଡ୍ରିମ୍ ଇଣ୍ଡିଆ ସ୍କୁଲ, ଜଗତସିଂହପୁର ଓ ଜୁନିଅର ସିଭିଲିଆନରେ ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖେରସ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଜିଲ୍ଲାସ୍ତରୀୟ ଓଡ଼ିଆ ଓ ଇଂରାଜୀ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ ଜଣା ଅଜଣା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଓ ବୈଷୟିକ ଶିକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ସରକାରୀ ଶିଳ୍ପ ତାଲିମ କେନ୍ଦ୍ର, ପାରାଦୀପର ଛାତ୍ରୀ ସୁଶ୍ରୀ ରାଜନନ୍ଦିନୀଙ୍କୁ ମୁଖ୍ୟଅତିଥି ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏତଦ୍ ବ୍ୟତୀତ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡ଼ା ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ଜଗତସିଂହପୁର ଜିଲ୍ଲାର ୨ ଦିବ୍ୟାଙ୍ଗ କ୍ରୀଡ଼ାବିତ୍ ଲୋମା ସ୍ୱାଇଁ, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ ଏବଂ ଶୁଭ୍ରଜିତ୍ ଜେନାଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ପରେପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶିତ ହେବାକୁ ଆସିଥିବା ପ୍ରଜ୍ଞାପନ ମେଢ଼ ମାନଙ୍କ ମଧ୍ୟରୁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଆଧାରରେ ଜଗତସିଂହପୁର









ପୌର ପରିଷଦର ପ୍ରଜ୍ଞାପନ ମେଢ଼କୁ ଶ୍ରେଷ୍ଠ ବିବେଚିତ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପାଇଁ ସ୍ୱତନ୍ତ୍ର ଫଟୋଚିତ୍ର ଷ୍ଟଲ୍‌ରେ ମୁଖ୍ୟଅତିଥି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆତ୍ମନିର୍ଭର ସ୍ୱଦେଶୀ ଥିମ୍ ସେଲ୍‌ଫି ଜୋନରେ ଫଟୋ ଉଠାଇଥିଲେ। ପରେଡ୍ ପରେ ମୁଖ୍ୟଅତିଥି ଷ୍ଟାଡିୟମ ପରିସରରେ ବୃକ୍ଷରୋପଣ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଓ ଆଲିପିଙ୍ଗଳ ଜେଲର ଅନ୍ତେବାସୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ। ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ସହରରେ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଆଦି କବି ସାରଳା ଦାସ ସଂସ୍କୃତି ଭବନ ଠାରେ ବିଭିନ୍ନ କଳା ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା।

**ଶ୍ରୀକୃଷ୍ଣ ଏକାଡେମୀ:** ଜଗତସିଂହପୁର ଜିଲ୍ଲାର ପ୍ରତିଷ୍ଠିତ ବିଦ୍ୟାଳୟ ଶ୍ରୀକୃଷ୍ଣ ଏକାଡେମୀରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାଶ, ବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀକୃଷ୍ଣ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଇଚରଣ ତ୍ରିପାଠୀ, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର, ସମରଶିକ୍ଷାର୍ଥୀ ବାହିନୀ ଏବଂ ସ୍କାଉଟ ଛାତ୍ର ଯୋଗଦେଇଥିଲେ।

**ଜିଲ୍ଲା ବିଜେପି:** ଜଗତସିଂହପୁର ସହରର ଚାତ୍ରା ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋଇ, ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ସାଂସଦଙ୍କ ପ୍ରତିନିଧି ସମୀର ନାୟକ, ଚିତ୍ତରଞ୍ଜନ ପଣ୍ଡା, ମହିଳା ମୋର୍ଚ୍ଚା ସମ୍ପାଦିକା ସବିତା ସ୍ୱାଇଁ, ମଣ୍ଡଳ ସଭାପତି ତ୍ରୈଲୋକନାଥ ପଣ୍ଡା, ବରିଷ୍ଠ ଶିକ୍ଷକ କ୍ଷେତ୍ର ମୋହନ ସ୍ୱାଇଁ, ହେମନ୍ତ ପଳାଉରୀ, ଦିବାକର ସେଠୀ, ରାଜନାରାୟଣ ସାହୁ, ପ୍ରଦୀପ ଦାସ, ସମ୍ବିତ ଷଡ଼ଙ୍ଗୀ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

**ପାରାଦୀପ:** ପାରାଦୀପରେ ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଓଡିଶା ସାମ୍ବାଦିକ ସଙ୍ଘ ଓ ପାରାଦୀପ ପ୍ରେସ ମିଡିଆ ପକ୍ଷରୁ ନୂଆବଜାରସ୍ଥିତ ସଙ୍ଘ କାର୍ଯ୍ୟାଳୟରେ ଓଡିଶା ସାମ୍ବାଦିକ ସଂଘ ପାରାଦୀପ ଶାଖାର ସଭାପତି କର୍ମେଶ୍ୱର ସ୍ୱାଇଁ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ସମୀର କୁମାର ମହାନ୍ତି, ମନୋଜ କୁମାର ଦାସ, ପ୍ରଶାନ୍ତ ଦାସ, ବିରଜା ସେଠୀ, ପୁରୁଷୋତ୍ତମ ଶତପଥୀ, ଶୁଭ୍ରାଂଶୁ ପୃଷ୍ଟି, ସୁଶୀଲ ପଟ୍ଟନାୟକ ଓ ବାପି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ନୂଆବଜାର ସ୍ଥିତ ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ସାମ୍ବାଦିକ ଭାଗୀରଥି ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପତକା ଉତ୍ତୋଳନ କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ଅରୁଣ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ପରାମର୍ଶଦାତା ଗଗନ ବିହାରୀ ସାହୁ, ଆଇନ ପରାମର୍ଶଦାତା କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ପ୍ରଶାନ୍ତ କୁମାର ରାଉତ, ଉପାଧ୍ୟକ୍ଷ ହରିଶ୍ଚନ୍ଦ୍ର ଲେଙ୍କା, ସହ ସମ୍ପାଦକ ଜଗନ୍ନାଥ ଶତପଥୀ, କୋଷାଧ୍ୟକ୍ଷ ସିଦ୍ଧେଶ୍ୱର ସ୍ୱାଇଁ, ସଙ୍ଗଠନ ସମ୍ପାଦକ ଜଗବନ୍ଧୁ ସ୍ୱାଇଁ, ଟ୍ରଷ୍ଟି ପ୍ରଶାନ୍ତ ରାଉତ, ସୁଦର୍ଶନ ବିଶ୍ୱାଳ, ସୁଶାନ୍ତ ସାମଲ, ସଞ୍ଜୟ ମିଶ୍ର, ପ୍ରଭାସ କୁମାର ଦାସ ପ୍ରମୁଖ ବହୁ ସାମ୍ବାଦିକ ଯୋଗ ଦେଇ ଆଲୋଚନାଚକ୍ରରେ ଭାଗ ନେଇଥିଲେ।

ସେହିପରି ପାରାଦୀପ ନଗର କଂଗ୍ରେସ୍ କାର୍ଯ୍ୟାଳୟରେ ନଗର ସଭାପତି କେଦାର ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବଡପଡିଆଠାରେ ବାଲିକୁଦା-ଏରସମା କଂଗ୍ରେସ ନେତା ଇଂ. ନଳିନୀ ରଞ୍ଜନ ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ପାରାଦୀପ ସହର ବହୁ ଛାମୁଆ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ।

**ପାରାଦୀପ ରିଫାଇନାରୀ:** ପାରାଦୀପ ରିଫାଇନାରୀ ପରିସରରେ ସାଧାରଣତନ୍ତ୍ର ଦିବସ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ରିଫାଇନାରୀ ଟାଉନସିପ୍ ପରିସରରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରିଥିଲେ କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନାରୀ ପ୍ରମୁଖ କୌଶିକ ବସୁ। ଏହି ଅବସରରେ ୨୦ଗୋଟି ପରିବେଶ ଅନୁକୂଳ ପରିବହନ ପାଇଁ ଇ-ରିକ୍ସା ପ୍ରଦାନ କରାଯାଇ ଥିଲା। ପ୍ରାଥମିକ ସ୍ୱାସ୍ଥ୍ୟସେବା ନିମନ୍ତେ ଇଣ୍ଡିଆନ୍ ଅଏଲ୍ ଆରୋଗ୍ୟମ୍ ଯୋଜନା ଅଧୀନରେ ଚାରିଗୋଟି ମୋବାଇଲ୍ ମେଡିକାଲ୍ ୟୁନିଟ୍ର ଶୁଭାରମ୍ଭ ହୋଇଥିଲା। ଡିପିଏସ୍ ପାରାଦୀପର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।



**ପାରାଦୀପ ବନ୍ଦର ପ୍ରଶାସନ:** ଦେଶରେ ପଣ୍ୟ କାରବାର କ୍ଷେତ୍ରରେ ଏକ ନମ୍ବର ସ୍ଥାନ ଅଧିକାର କରିଥିବା ପାରାଦୀପ ବନ୍ଦର ପକ୍ଷରୁ ନୂଆବଜାରସ୍ଥିତ ଗୋପବନ୍ଧୁ ଷ୍ଟାଡିୟମ୍ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ। ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀ ଓ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ବ୍ୟକ୍ତିବିଶେଷଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ପ୍ରତିଯୋଗିତା ଓ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଜୟଦେବ ସଦନରେ ଦେଶାତ୍ମବୋଧକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

**ଇଫକୋ ପାରାଦୀପ ୟୁନିଟ୍ :** ଇଫକୋ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସମାରୋହରେ ଇଫ୍‌କୋର ପରିଚାଳନା ନିର୍ଦ୍ଦେଶକ କେଜେ ପଟେଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏସଆଇଏସ୍, ଡିଏଭି ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଫକୋର ପ୍ରଥମ ମହିଳା ମମତା ପଟେଲଙ୍କ ସମେତ ଇଫକୋ ଅଧିକାରୀ ସଂଘ ସଭାପତି ସୁଶାନ୍ତ କୁମାର ଜେନା, ସାଧାରଣ ସମ୍ପାଦକ ସତ୍ୟଜିତ ଖୁଣ୍ଟିଆ, ଇଫକୋ କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, ତୃପ୍ତି ରଂଜନ ପୁହାଣ ଉପସ୍ଥିତ ଥିଲେ। ଇଫକୋ ଟାଉନସିପ୍ର ଅନ୍ତେବାସୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଡେପୁଟି ମ୍ୟାନେଜର ବିକେ ପରିଡା।

**ଡିଏଭି ସ୍କୁଲ :** ଡିଏଭି ପବ୍ଲିକ୍ ସ୍କୁଲ, ପାରାଦୀପ ପୋର୍ଟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି ପିଲାମାନଙ୍କୁ ପ୍ରେରଣାଦାୟୀ ଶବ୍ଦରେ ଦେଶଭକ୍ତି ଆଡ଼କୁ ଅଭିପ୍ରେରିତ କରିଥିଲେ। ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଡିଏଭି ପିପିଟିର ଛାତ୍ରଛାତ୍ରୀମାନେ ଗୋପବନ୍ଧୁ ଷ୍ଟାଡିୟମକୁ ଯାଇ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ ଏକ ସାଧାରଣ ଆନ୍ତଃ ବିଦ୍ୟାଳୟ ପରେଡ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ୟାରେଡ୍ ଏବଂ ହାଉସ୍ ବୋର୍ଡ ସାଜସଜ୍ଜା ବିଜେତା ସହିତ ବିଭିନ୍ନ ସିସିଏ ଇଭେଣ୍ଟଗୁଡିକର ବିଜେତାମାନଙ୍କୁ ପ୍ରମାଣପତ୍ର ଏବଂ ସ୍ମୃତିଚାରଣ ସହିତ ସମ୍ମାନିତ କରାଯାଇଥିଲା। ଶୁଭସ୍ମିତା ପଣ୍ଡା ଶେଷରେ ଧନ୍ୟବାଦ ଦେଇଥିଲେ।

**ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ:** ପାରାଦୀପ ସ୍ଥିତ ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟ ପରିସରରେ ସାଧାରତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜେଏସଡବ୍ଲୁ ଗ୍ରୁପର ବରିଷ୍ଠ ଅଧିକାରୀ କିନଶୁକ ରୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଉତ୍ସବରେ ପ୍ରୋଜେକ୍ଟ ହେଡ ରାକେଶ କୁମାର ଓଝା, ଏଚଆର ଆଣ୍ଡ ଆଡମିନ ହେଡ ହେମ ପାଣ୍ଡେଙ୍କ ସମେତ ସ୍ଥାନୀୟ କାର୍ଯ୍ୟାଳୟର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ସମସ୍ତ ଅଧିକାରୀ, କର୍ମଚାରୀ ମାନେ ଉପସ୍ଥିତ ଥିଲେ।

**ନଗର ବିଜେଡି:** ପାରାଦୀପ ନଗର ବିଜେଡି ପକ୍ଷରୁ ନୂଆବଜାରସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ଏଥିରେ ପାରାଦୀପ ନଗର ସଭାପତି କୁମର ବର ନାୟକ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେଡି ପୂର୍ବତନ ରାଜ୍ୟ ସମ୍ପାଦକ ତଥା ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ, ନାରୀନେତ୍ରୀ ମୋନିଦିପା ସର୍ଖେଲ, ସବିତା ମହାପାତ୍ର, ଜ୍ୟୋତିକାନ୍ତ ପରିଡା, ରଶ୍ମିରଞ୍ଜନ ପରିଡା, ଲପନ ପରିଡା, ଚିନ୍ମୟ ପରିଡା, ପ୍ରଦୀପ୍ତ ସାମଲ, ସୁଶୀଲ ମହାପାତ୍ର, ଅନୁପ ସହାଣୀ, ରମାକାନ୍ତ ସ୍ୱାଇଁ, ନିର୍ମଳ ମହାପାତ୍ର, ଅଶୋକ ସାହୁ, ଦୀପକ ଜେନାଙ୍କ ସମେତ ବହୁ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

**ବାଲିକୁଦା:** ବାଲିକୁଦା ବ୍ଲକର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବାଲିକୁଦା ବ୍ଲକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ବାଲିକୁଦା ଥାନାରେ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ, ବାଲିକୁଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଡ. ସାଫଲ୍ୟ ଜେନା, ବାଲିକୁଦା ତହସିଲ୍ କାର୍ଯ୍ୟାଳୟ ଏବଂ ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଂକୁଳ ପ୍ରମୁଖ ଶିଶିର କୁମାର କାନୁନଗୋ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ବିକାଶ ରଞ୍ଜନ, ବାଲିକୁଦା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରାଜକିଶୋର ସାହୁ, ଜାଭିୟର ସ୍କୁଲରେ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦାସ, ବାଲିକୁଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ସରପଞ୍ଚ ରାଜକିଶୋର ସାହୁ, ଜଳସମ୍ପଦ କାର୍ଯ୍ୟାଳୟରେ ଯନ୍ତ୍ରୀ ସୁଚିଶ୍ମିତା ଷଡ଼ଙ୍ଗୀ, ବଡଙ୍ଗା ପଞ୍ଚାୟତ କାର୍ଯ୍ୟଳୟରେ ସରପଞ୍ଚ ଟୁନିଲତା ବେହେରା, ଅଗ୍ନିଶମ କାର୍ଯ୍ୟଳୟରେ ଅଧିକାରୀ ଅଲେଖ ଚନ୍ଦ୍ର ସେଠୀ, ଜଗନ୍ନାଥ ଫିଲିଂ ଷ୍ଟେସନରେ ଅଧ୍ୟକ୍ଷ ଭାଗିରଥି ସାହୁ, ଭାରତ ଫାଇନାନ୍ସ କମ୍ପାନୀରେ ମ୍ୟାନେଜର ପ୍ରଭାତ କୁମାର ନାୟକ, ବରିଷ୍ଠ ନାଗରିକ ସଙ୍ଘ କାର୍ଯ୍ୟଳୟରେ ସଭାପତି ବିଜୟ କୁମାର ଜେନା ପତାକା ଉତ୍ତୋଳନ କରିଥିବା ବେଳେ ସଦସ୍ୟ ଧର୍ମାନନ୍ଦ ସେଠୀ, ସୁକାନ୍ତ ବାରିକ, ପ୍ରେମାଲତା ନାୟକ, ସଚ୍ଚିଦାନନ୍ଦ ନାୟକ, ଅନିରୁଦ୍ଧ ନାୟକଙ୍କ ସହ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ. ସେହିପରି ବାଲିକୁଦା ପ୍ରେସ କ୍ଲବରେ ସଭପତି ମନୋଜ ଦାଶ, ବାଲିକୁଦା ମହାବିଦ୍ୟାଳୟରେ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାନ୍ତି, ବାଳିକା ମହାବିଦ୍ୟାଳୟରେ ଅଧ୍ୟକ୍ଷା ତନୁଜା ବାଳା କାନୁନଗୋ, ସାଧୁ ଫିଲିଙ୍ଗ ଷ୍ଟେସନରେ ଅଧ୍ୟକ୍ଷ ଅମିୟ କୁମାର ସାହୁ, ବାଲିକୁଦା ଗାନ୍ଧୀ ଉଦେଗ୍ୟ ମନ୍ଦିରରେ ସଭାପତି ଶିବବ୍ରତ ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ରଘୁନାଥପୁର:** ରଘୁନାଥପୁର ବ୍ଲକ ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ରଘୁନାଥପୁର ପଞ୍ଚାୟତସମିତି କାର୍ଯ୍ୟାଳୟରେ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କ ପରିଚାଳନାରେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀଙ୍କ ସହ ସମସ୍ତ ବ୍ଲକ କର୍ମଚାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ। ଗ୍ରାମ୍ୟ ନ୍ୟାୟାଳୟରେ ନ୍ୟାୟପତି ସସ୍ମିତା ସେଠୀ ପତାକା ଉତ୍ତୋଳନ କରିଥିଲେ। ତହସିଲରେ ତହସିଲଦାର ରାଜଲକ୍ଷ୍ମୀ ନାୟକ, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଡା ସୁକାନ୍ତ କୁମାର ଦଳାଇ, ସବରେଜିଷ୍ଟ୍ରାର ଦିଗବିଜୟ ଦଳାଇ, ଆରଡବ୍ଲୁଏସଏସ କାର୍ଯ୍ୟାଳୟରେ ନିର୍ବାହୀ ଯନ୍ତ୍ରୀ ରବିନ୍ଦ୍ର କୁମାର ସେଠୀ ଓ ଅନ୍ୟାନ୍ୟ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା। ସେହିପରି ରଘୁନାଥପୁର ପଞ୍ଚାୟତରେ ସରପଞ୍ଚ ସୁଚିତ୍ରା ପଣ୍ଡା,ତାରପୁରରେ ସରପଞ୍ଚ ସୁଷମା ମଲ୍ଲିକ, ସମିତିସଭ୍ୟା ପୂଜାଲତା ଦାସ,ରେଢୁଆରେ ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ତଅଁରାରେ ସରପଞ୍ଚ ବଟକୃଷ୍ଣ ନାୟକ,ବରାଗଳରେ ସରପଞ୍ଚ ଜୟନ୍ତୀ ଦାସ ଓ ବିଦ୍ୟାଧରପୁର ରେ ସରପଞ୍ଚ ସାହେଦା ତବସୁମ ଓ ଧରାଧରପୁରରେ ନଳିନୀପ୍ରଭା ମୁଦୁଲି ପତାକା ଉତ୍ତୋଳନ କରି ଦେଶମାତୃକାକୁ ସମ୍ମାନ ଜଣାଇଥିଲେ। ଏହାଛଡା ବ୍ଲକ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ, ଅଫିସ, ଥାନା, ବ୍ୟାଙ୍କ୍,ସ୍କୁଲ କଲେଜ, କ୍ଲବ ଓ ପାଠାଗାର ପକ୍ଷରୁ ପତାକା ଉତ୍ତୋଳନ କରାଯାଇ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା।

## 'ସକାଳ'ପ୍ରତିନିଧି ସମ୍ବର୍ଦ୍ଧିତ



ଜଗତସିଂହପୁର,୨୭।୧(ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଜୟବଡ଼ ସ୍ଥିତ ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମଞ୍ଚର ସଭାପତି ଡା.ରଘୁନାଥ ଜେନା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଏକ ସଭାର ଆୟୋଜକ କରାଯାଇଥିଲା। ଏଥିରେ ଉପସଭାପତି ପ୍ରେମାନନ୍ଦ ପଢ଼ିଆରୀ, ବିଜୟ କୁମାର ରଥ, ଶରତ ଚନ୍ଦ୍ର ପାତ୍ର ଏବଂ କୈଳାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହିଅବସରରେ ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡାଙ୍କୁ ଉତ୍ତରୀୟ ଏବଂ ମାନପତ୍ର ପ୍ରଦାନ ପୂର୍ବକ ମଞ୍ଚ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ନାଥ ସାହୁ, ବିଜୟ କୁମାର ବିଶ୍ୱାଳ, ତିତ୍ତୋଲମା ଦାଶ, ସାରଦା ଆଚାର୍ଯ୍ୟ, ନିତ୍ୟାନନ୍ଦ ପଢ଼ିଆରୀ, ସୁଧାକର ମହାପାତ୍ର, ପ୍ରଦୀପ୍ତ ପଟ୍ଟନାୟକ ଏବଂ ଗୌରୀ ନାୟକ ପ୍ରମୁଖ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର




ଜଗତସିଂହପୁର, ୨୭।୧ (ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପରିସ୍ଥ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୪୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୧ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୨ଟି ଅଭିଯୋଗ ରହିଥିବା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୧ଟି, ଆବାସ ପାଇଁ ୧ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୯ଟି, ଭତ୍ତା ପାଇବା ପାଇଁ ୬ଟି, ପୁଲିସ ସହାୟତା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରବି ନାରାୟଣ ଜେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରିଡ଼ି ଆୟୁଷୀ ପତି, ତହସିଲଦାର ବିରିଡ଼ି ପ୍ରୀଙ୍କିଲ ପରିଡ଼ା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଏବଂ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ସାଇକଲ ଚାଳକଙ୍କ ଉପରେ ମାଡ଼ିଗଲା ଟ୍ରକ୍

ପାରାଦୀପ, ୨୭।୧ (ସମିସ) : ପାରାଦୀପ ଲକ୍ ଥାନା ଅଧୀନ କୋଲଡିଆ ଛକରେ ସନ୍ଧ୍ୟା ୭ଟା ସମୟରେ ଜଣେ ସାଇକଲ ଆରୋହୀଙ୍କ ଉପରେ ଏକ କୋଇଲା ବୋଝେଇ ଟ୍ରକ୍ ମାଡି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ସାଇକଲ ଆରୋହୀ ହେଲେ ବିଶ୍ୱାଳି ଗ୍ରାମର ମଳୟ ମାଝୀ। ଦୁର୍ଘଟଣା ଘଟାଇ ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଟ୍ରକ ଛାଡି ପଳାଇ ଯାଇଛି। ମୃତକ ମଳୟ ରିଫାଇନାରୀ ଅଧୀନରେ କାର୍ଯ୍ୟ କରୁଥିବା ଏକ ଠିକା କମ୍ପାନୀରୁ ଡ୍ୟୁଟି ସାରି ସାଇକଲରେ ଘରକୁ ଫେରୁଥିବା ବେଳେ ଟ୍ରକ୍‌ଟି କୋଇଲା ବୋଝେଇ କରି ପାରାଦୀପରୁ ଚଣ୍ଡିଖୋଲ ଆଡକୁ ଯାଇଥିଲା ବେଳେ ଏଭଳି ଦୁର୍ଘଟଣା ଘଟିଥିଲା। ଖବର ପାଇ ବିଶ୍ୱାଳି ଓ ଆଖପାଖ ଗ୍ରାମର ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଟାୟାର ଜାଳି ରାସ୍ତା ଅବରୋଧ କରିବା ସହ ରାସ୍ତାରୋକ କରିଥିଲେ। ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଇଥିଲା। ତେବେ ଖବର ପାଇ ପାରାଦୀପ ଏଡିଏମ ନିରଞ୍ଜନ ବେହେରା, ଆଡିସିନାଲ ଏସ୍‌ପି ସ୍ମୃତି ରଞ୍ଜନ କର, କୁଜଙ୍ଗ ତହସିଲଦାର ଓ ଲକ୍ ଥାନା ଅଧିକାରୀ, ଲକ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଲକ ପୋଲିସ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିଲେ।

## ଗୁହାଳ ପୋଡ଼ି; ୪ ଗୋରୁ ଜୀବନ୍ତ ଦଗ୍ଧ

ବାଲିକୁଦା,୨୭।୧(ସମିସ): ବାଲିକୁଦା ତହସିଲ ଅନ୍ତର୍ଗତ ନହରଣା ଗ୍ରାମର ଉଲ୍ଲାସଙ୍କ ଗୁହାଳ ଘରେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଗୁହାଳ ପୋଡ଼ି ପାଉଁଶ ହେବା ସହ ଗୁହାଳ ମଧ୍ୟରେ ଥିବା ୩ ଗାଇ ଓ ଗୋଟିଏ ବାଛୁରି ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଅନ୍ୟ ଏକ ଗାଈ ଗୁରୁତର ଭାବେ ପୋଡ଼ି ଚିକିତ୍ସିତ ହେଉଛି। ଆରଆଇ ଦିପ୍ତୀରଞ୍ଜନ ମହାରଣା ପହଞ୍ଚି ତଦନ୍ତ କରିବା ସହ ଏହାର ରିପୋର୍ଟ ପ୍ରସ୍ତୁତ କରିଥିଲେ।

## ସାମାଜିକ ଗଣମାଧ୍ୟମରେ କଥା କଟାକଟିକୁ ନେଇ ଉତ୍ତେଜନା

ନାଉଗାଁ,୨୭।୧(ସମିସ): ସାମାଜିକ ଗଣମାଧ୍ୟମରେ କଥା କଟାକଟି ଆଉ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଘୋଡ଼ାଂଶ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ପରିସ୍ଥିତି ଏଭଳି ହେଲାଯେ ଦୁଇ ପ୍ଲାଟୁନ ପୁଲିସ ମୁତୟନ କରିବାକୁ ପଡିଲା। ଅଧା ଡର୍ଜନରୁ ଅଧିକ ପୁଲିସ ଅଧିକାରୀ ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ମହଜୁଦ ରହିଥିଲେ। ଦେଶର ଆଇନ୍ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ବିରୋଧରେ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ତପି ମିଶ୍ରଙ୍କ ବିରୋଧରେ କିଛିଦିନ ତଳେ ଅଭିଯୋଗ ଆଣିଥିଲେ ବହୁଜନ ଛାତ୍ର ଓ ଯୁବ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ଅନିଲ ମଲ୍ଲିକ। ଉଭୟଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମରେ ଆରମ୍ଭ ହୋଇଥିଲା ଆରୋପ ପ୍ରତ୍ୟାରୋପ। ଅନିଲଙ୍କ ବିରୋଧରେ ମନୁ ସଂହିତା ପୋଡ଼ି ଅଭିଯୋଗ କରିଥିଲେ ମଧ୍ୟ କିଛି ଯୁବକ। ପରିସ୍ଥିତି ଏଭଳି ହୋଇଥିଲା ଯେ ଆଜି ତପି



ମିଶ୍ର ଓ ତାଙ୍କର କିଛି ସମର୍ଥକ ଅନିଲଙ୍କ ଘୋଡ଼ାଂଶ ଗ୍ରାମରେ ଆସି ପହଞ୍ଚି ଆଜି ହୋହାଲ୍ଲା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତପି ମିଶ୍ର ଓ ତାଙ୍କ ସମର୍ଥକ ମାନଙ୍କୁ ଅଟକାଇ ଅନିଲଙ୍କ ବାସଭବନ ପର୍ଯ୍ୟନ୍ତ ଛାଡିନଥିଲା। ଅନିଲ ମଧ୍ୟ ନିଜ ସମର୍ଥକ ମାନଙ୍କ ସହ ନିଜ ବାସଭବନରେ ପ୍ରସ୍ତୁତ ଥିଲେ ତପି ମିଶ୍ରଙ୍କୁ ବିରୋଧ କରିବା ପାଇଁ। ସାମାଜିକ ଗଣମାଧ୍ୟମରେ ଯୁଦ୍ଧ ଶେଷରେ ଆସି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଘୋଡ଼ାଂଶ ଗ୍ରାମରେ ପହଞ୍ଚି ଏଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି କରିଛି। ପୁଲିସ ଉଭୟ ଗୋଷ୍ଠୀର ଯୁବକଙ୍କ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେଇଥିବା ବେଳେ ଗ୍ରାମକୁ ଜଗିରହିଛି।

**ମୁଦ୍ରା ବିନିମୟ ମୂଲ୍ୟ**
ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୧.୯୬ ● ପାଉଣ୍ଡ ୧୨୫.୬୭
- ୟୁରୋ ୧୦୯.୬୧ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**
୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୮,୪୫୦ (ଭୁବନେଶ୍ୱର)
- ରୁପା : ୩,୮୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**
ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୮୫୭.୦୦
- ନିଫ୍ଟି ୨୫,୧୭୫.୦୦

**ପେଟ୍ରୋଲ-ଡିଜେଲ୍**
ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

ଭାରତ-ଇୟୁ ଏଫ୍‌ଟିଏ

# ଭାରତୀୟ ବାଣିଜ୍ୟ ପାଇଁ ସୁବର୍ଣ୍ଣ ସୁଯୋଗ

**ନୂଆଦିଲ୍ଲୀ,୨୭ା୧(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ୟୁରୋପୀୟ କମିଶନର ଅଧ୍ୟକ୍ଷ ମାନ୍ୟବର ଉର୍ସୁଲା ଭନ୍ ଡେର୍ ଲେୟେନ୍‌ଙ୍କ ଭାରତ ଗସ୍ତ ଅବସରରେ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଭାରତ–ଇୟୁ ଆର୍ଥିକ ସମ୍ପର୍କକୁ ନୂଆ ଦିଗ ଦେବା ସହ ବିଶ୍ୱସ୍ତରୀୟ ଅଂଶୀଦାରମାନଙ୍କ ସହ ବାଣିଜ୍ୟ ଓ ନିବେଶ ସହଯୋଗକୁ ସୁଦୃଢ଼ କରିବାରେ ଏକ ଐତିହାସିକ ମାଇଲଖୁଣ୍ଟ। ଏହି ଏଫ୍‌ଟିଏ ଚୂଡ଼ାନ୍ତ ହେବା ଭାରତ ଏବଂ ୟୁରୋପୀୟ ସଂଘକୁ ବିଶ୍ୱସ୍ତ ଅଂଶୀଦାର ଭାବେ ପ୍ରତିଷ୍ଠିତ କରିଛି, ଯେଉଁମାନେ ମୁକ୍ତ ବଜାର, ପୂର୍ବାନୁମାନ ଏବଂ ସମାବେଶୀ ଅଭିବୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ। ଆଜି ଏଫ୍‌ଟିଏ ନେଇ ଘୋଷଣା ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ବର୍ଷ ବର୍ଷ ଧରି ଚାଲିଥିବା ନିରନ୍ତର ଆଲୋଚନା ଏବଂ ସହଯୋଗର ପରାକାଷ୍ଠାକୁ ଚିହ୍ନିତ କୁଛି। ଏଠାରେ ସୂଚନାଯୋଗ୍ୟ ଯେ, ୟୁରୋପୀୟ ସଂଘ ହେଉଛି ଭାରତର ଅନ୍ୟତମ ସର୍ବବୃହତ ବାଣିଜ୍ୟିକ ଅଂଶୀଦାର, ଯେଉଁଥିରେ ସାମଗ୍ରୀ ଏବଂ ସେବାରେ ଦ୍ୱିପାକ୍ଷିକ ବାଣିଜ୍ୟ ବର୍ଷ ବର୍ଷ ଧରି କ୍ରମାଗତ ଭାବରେ ବୃଦ୍ଧି ପାଉଛି। ୨୦୨୪-୨୫ରେ ୟୁରୋପୀୟ ସଂଘ ସହିତ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ୧୧.୫ ଲକ୍ଷ କୋଟି ଟଙ୍କା (୧୩୬.୫୪ ବିଲିୟନ ଆମେରିକୀୟ ଡଲାର ) ଥିଲା, ଯାହାର ରପ୍ତାନୀ ମୂଲ୍ୟ ଥିଲା ୬.୪ ଲକ୍ଷ କୋଟି ଟଙ୍କା (୭୫.୮୫ ବିଲିୟନ ଆମେରିକୀୟ ଡଲାର) ଏବଂ ଆମଦାନୀ ପରିମାଣ ଥିଲା ୫.୧ ଲକ୍ଷ କୋଟି ଟଙ୍କା (୬୦.୬୮ ବିଲିୟନ ଆମେରିକୀୟ ଡଲାର)। ସେବା କ୍ଷେତ୍ରରେ ଭାରତ-ୟୁରୋପୀୟ ସଂଘ ବାଣିଜ୍ୟ ୨୦୨୪ ମସିହାରେ ୭.୨ ଲକ୍ଷ କୋଟି ଟଙ୍କା (୮୩.୧୦ ବିଲିୟନ ଆମେରିକୀୟ ଡଲାର)ରେ ପହଞ୍ଚିଥିଲା। ଭାରତ ଏବଂ ୟୁରୋପୀୟ ସଂଘ ହେଉଛି ଚତୁର୍ଥ ଏବଂ ଦ୍ୱିତୀୟ ସର୍ବବୃହତ ଅର୍ଥବ୍ୟବସ୍ଥା, ଯାହା ବିଶ୍ୱ ଜିଡିପିର ୨୫ ପ୍ରତିଶତ ଏବଂ ବିଶ୍ୱ ବାଣିଜ୍ୟର ଏକ ତୃତୀୟାଂଶ। ଦୁଇଟି ବୃହତ ବିବିଧ ଏବଂ ପରିପୂରକ ଅର୍ଥବ୍ୟବସ୍ଥାର ଏକୀକରଣ ଦ୍ୱାରା ଅଭୂତପୂର୍ବ ବାଣିଜ୍ୟ ଏବଂ ନିବେଶ ସୁଯୋଗ ସୃଷ୍ଟି ହେବ।

ସୂଚନାଯୋଗ୍ୟ ଯେ, ଭାରତ ଏବଂ ଇୟୁ ମଧ୍ୟରେ ବାଣିଜ୍ୟ ଆଲୋଚନା ୨୦୦୭ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କ ସମୟରେ ଆରମ୍ଭ ହୋଇଥିଲା। ଶୁଳ୍କ ଏବଂ କଠୋର ନିୟମ ଯୋଗୁଁ ଏହି ଆଲୋଚନା ୨୦୧୩ରେ ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନ ଯେତେବେଳେ ବିଶ୍ୱ ଭୂ-ରାଜନୈତିକ ସ୍ଥିତିରେ ପରିବର୍ତ୍ତନ ହୋଇଛି ଏବଂ ଆମେରିକା ଭଳି ଦେଶଗୁଡ଼ିକ ଅଧିକ ଶୁଳ୍କ ଲାଗୁ କରୁଛନ୍ତି, ସେତେବେଳେ ଭାରତ ଏବଂ ୟୁରୋପ ଏକାଠି ହୋଇଛନ୍ତି। ଭାରତ ଏବଂ ଇୟୁ ମଧ୍ୟରେ ଏହି ମେଗା-ଚୁକ୍ତିର ଏକ ଅତ୍ୟନ୍ତ ଆକର୍ଷଣୀୟ ଅଂଶ ହେଉଛି ଭୌଗୋଳିକ ସୂଚକାଙ୍କ (ଜିଆଇ) ଟ୍ୟାଗ୍। ଏହା କେବଳ ଏକ ସରକାରୀ ଲେବଲ୍ ନୁହେଁ, ବରଂ ଆମ ଦେଶର ମାଟି, ଐତିହ୍ୟ ଏବଂ ଶତାବ୍ଦୀ ପୁରୁଣା କଳାକୁ ଆନ୍ତର୍ଜାତୀୟ ବଜାରରେ 'ପ୍ରିମିୟମ୍ ବ୍ରାଣ୍ଡ' କରିବା ପାଇଁ ଏକ ଉପକରଣ। ଚୁକ୍ତି ପରେ ଅନେକ ଜିଆଇ -ଟ୍ୟାଗ୍ ହୋଇଥିବା ଉତ୍ପାଦର ଭାଗ୍ୟ ଚମକିବାକୁ ଯାଉଛି।

## ଜିଆଇ ଟ୍ୟାଗ୍ ଉତ୍ପାଦର ଭାଗ୍ୟ ଚମକିବ
## ନକଲି ଉତ୍ପାଦ ବିରୋଧରେ ଦେବ ସୁରକ୍ଷା



**ବଢ଼ିବା ରପ୍ତାନି**
- ବୟନ-ପୋଷାକପତ୍ର
- ଚମଡ଼ା-ଫୁଟ୍‌ୱେର
- ସାମୁଦ୍ରିକ ଉତ୍ପାଦ
- ରତ୍ନପଥର ଓ ଅଳଙ୍କାର
- ରାସାୟନିକ ସାମଗ୍ରୀ
- ଡାକ୍ତରୀ ଉପକରଣ
- କାଠ ହସ୍ତଶିଳ୍ପ ସାମଗ୍ରୀ

**ଶସ୍ତା ହେବ**
- ଦାମୀ ବିଦେଶୀ ମଦ
- ଇଲେକ୍ଟ୍ରିକ୍ ସାମଗ୍ରୀ
- ମେଡିକାଲ୍ ଡିଭାଇସ୍
- ବିଳାସପୂର୍ଣ୍ଣ କାର୍
- ଅଟୋ ଯନ୍ତ୍ରାଂଶ

## ଭାରତୀୟ ଉତ୍ପାଦକୁ ମିଳିବ ଜିଆଇପି ମାନ୍ୟତା

**ଦାର୍ଜିଲିଂ ଚା ଏବଂ କାଙ୍ଗଡ଼ା ଚା'**

ୟୁରୋପ ପୂର୍ବରୁ ସେମାନଙ୍କର ସୁଗନ୍ଧ ଏବଂ ସ୍ୱାଦରେ ଆକର୍ଷିତ। ଏବେ, ସେଗୁଡ଼ିକୁ ସାମ୍ପେନ୍ ସହିତ ସମାନ ମାନ୍ୟତା ମିଳିବ।

**ବନାରସୀ ଶାଢ଼ି ଏବଂ କାଞ୍ଜିଭରମ୍ ସିଲ୍କ**

ଭାରତୀୟ ବୁଣାକାରଙ୍କ କଳା ଏବେ ପ୍ୟାରିସ୍ ଏବଂ ମିଲାନ୍‌ର ଫ୍ୟାଶନ୍ ହାଉସ୍‌ରେ ସେମାନଙ୍କର ପ୍ରାମାଣିକ ପରିଚୟ ସହିତ ବନାରସୀ ଶାଢ଼ି ଏବଂ କାଞ୍ଜିଭରମ୍ ସିଲ୍କ ବିକ୍ରି କରିପାରିବେ।

**ବାସମତୀ ଚାଉଳ**

ଚୁକ୍ତିରେ ଏହା ଏକ ପ୍ରମୁଖ ପ୍ରସଙ୍ଗ ହୋଇଛି। ଚୁକ୍ତି ପରେ, ଭାରତୀୟ ବାସମତୀ ୟୁରୋପରେ ବିଶେଷ ସୁରକ୍ଷା ପାଇବ, ଯାହା ଏହାକୁ ପାକିସ୍ତାନ କିମ୍ବା ଅନ୍ୟ ଦେଶର ଚାଉଳ ଅପେକ୍ଷା ସ୍ୱତନ୍ତ୍ର ଏବଂ ଅଧିକ ମୂଲ୍ୟବାନ କରିବ।

**ଆଲଫୋନ୍ସୋ ଆମ୍ବ (ହାପୁସ୍)**

ଗ୍ରୀଷ୍ମ ଋତୁରେ ଯେତେବେଳେ ଭାରତୀୟ ହାପୁସ୍ ୟୁରୋପରେ ପହଞ୍ଚିବ, ସେଠାକାର ସୁପରମାର୍କେଟ୍‌ଗୁଡ଼ିକରେ ସେଗୁଡ଼ିକୁ 'ସୁରକ୍ଷିତ ବ୍ରାଣ୍ଡ' ଭାବରେ ପ୍ରଦର୍ଶିତ କରାଯିବ।

**କୋଲ୍‌ହାପୁରୀ ଚପଲ, କାଶ୍ମୀର ପଶ୍ମିନା ଶାଲ୍**

ଏହି ହସ୍ତଶିଳ୍ପ ଉତ୍ପାଦଗୁଡ଼ିକ ଅନ୍ତର୍ଜାତୀୟ ସ୍ତରରେ ନୂତନ ସ୍ୱୀକୃତି ଏବଂ ଉଚ୍ଚ ମୂଲ୍ୟ ହାସଲ କରିବ।

## ଭାରତରେ ଉପଲବ୍ଧ ହେବ ୟୁରୋପର 'ପ୍ରସିଦ୍ଧ' ଉତ୍ପାଦ

ଚୁକ୍ତିରେ ଯେପରି ଭାରତ ଏହାର ନିଜସ୍ୱ ଉତ୍ପାଦଗୁଡ଼ିକୁ ସୁରକ୍ଷା ଦେଉଛୁ, ସେହିପରି ୟୁରୋପ ମଧ୍ୟ ଭାରତରେ ଏହାର ସ୍ୱାକ୍ଷର ଉତ୍ପାଦଗୁଡ଼ିକୁ ସୁରକ୍ଷା ଦେବ ଯେପରିକି ସାମ୍ପାଗେନ୍ (ଫ୍ରାନ୍ସ), ପ୍ରୋସିଉଟୋ (ଇଟାଲୀର ମାଂସ), ଏବଂ ଫେଟା ପନିର (ଗ୍ରୀସ୍)। ଏହାର ଅର୍ଥ ହେଉଛି ଏହି ଉତ୍ପାଦଗୁଡ଼ିକ ଏବେ ଭାରତରେ ପ୍ରକୃତ ଭାବରେ ଉପଲବ୍ଧ ହେବ ଏବଂ କୌଣସି ସ୍ଥାନୀୟ କମ୍ପାନୀ ସେମାନଙ୍କର ନିମ୍ନମାନର ଉତ୍ପାଦ ପାଇଁ ଏହି ନାମଗୁଡ଼ିକୁ ବ୍ୟବହାର କରିପାରିବ ନାହିଁ।

# ବକ୍ସାଇଟ୍ ଖଣି ଖୋଲିବା ଆର୍ଥିକ ଓ ରଣନୈତିକ କ୍ଷେତ୍ର ପାଇଁ ଜରୁରୀ

**ଭୁବନେଶ୍ୱର, ୨୭ା୧(ସମିସ):** ଭାରତରେ ପ୍ରାୟ ୩.୯ ବିଲିୟନ ଟନ୍ ବକ୍ସାଇଟ୍ ସମ୍ପଦ ରହିଛି, ଏବଂ କେବଳ ଓଡ଼ିଶା ଏହି ମୋଟର ୫୦ ପ୍ରତିଶତରୁ ଅଧିକ। ରାଜ୍ୟର ଖଣିଜ ସମୃଦ୍ଧ ଜିଲ୍ଲା - କଳାହାଣ୍ଡି, କୋରାପୁଟ, ସୁନ୍ଦରଗଡ଼, ବଲାଙ୍ଗୀର ଏବଂ ସମ୍ବଲପୁର ସମେତ - ଦେଶର କିଛି ସର୍ବୋଚ୍ଚ ଗୁଣବତା ଗଚ୍ଛିତ ସ୍ଥାନ ରହିଛି। ହେଲେ ଆମଦାନୀ ହେଉଥିବା ବକ୍ସାଇଟ୍ ଉପରେ ଭାରତର ନିର୍ଭରତା ବୃଦ୍ଧି ପାଇବାରେ ଲାଗିଛି। ଆର୍ଥିକବର୍ଷ ୨୦୨୩ରେ ଦେଶ ପ୍ରାୟ ୩.୬ ନିୟୁତ ଟନ୍ ବକ୍ସାଇଟ୍ ଆମଦାନୀ କରିଥିଲା। ଆଲୁମିନିୟମ୍ ଉତ୍ପାଦକମାନେ ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ କ୍ଷମତା ବୃଦ୍ଧି କରିବା ସହିତ ଆର୍ଥିକବର୍ଷ ୨୦୨୪ ରେ ଏହି ସଂଖ୍ୟା ପ୍ରାୟ ୪.୫ ନିୟୁତ ଟନ୍‌ରେ ପହଞ୍ଚିଛି। ବାଣିଜ୍ୟ ତଥ୍ୟ ଦର୍ଶାଉଛି ଯେ ଭାରତ ଗିନି ଏବଂ ଚୀନ୍ ସମେତ ବିଭିନ୍ନ ଦେଶରୁ ବକ୍ସାଇଟ୍ ସଂଗ୍ରହ କରୁଛି, ଯାହା ଘରୋଇ ଭାବରେ ଯଥେଷ୍ଟ ପରିମାଣରେ ଉପଲବ୍ଧ ଖଣିଜ ପଦାର୍ଥ ପାଇଁ ବାହ୍ୟ ଯୋଗାଣ ଶୃଙ୍ଖଳ ଉପରେ ଗଭୀର ନିର୍ଭରଶୀଳତାକୁ ପ୍ରତିଫଳିତ କରେ। ଗତ ୫ବର୍ଷ ମଧ୍ୟରେ ଆଲୁମିନିୟମ୍ ଆମଦାନୀର ମୂଲ୍ୟ ଦ୍ରୁତ ଭାବରେ ବୃଦ୍ଧି ପାଇଛି, ଆକଳନ ଅନୁଯାୟୀ ଆମଦାନୀ ବିଲ୍ ୨୦୨୬ ଆର୍ଥିକବର୍ଷରେ ୩୦,୦୦୦ କୋଟି ଟଙ୍କା ନିକଟତର ହୋଇଛି। ଆଗାମୀ ବର୍ଷଗୁଡ଼ିକରେ ଆଲୁମିନିୟମ୍ ଚାହିଦା ଉପରେ ଚାପ ଆହୁରି ତୀବ୍ର ହେବ। ତେଣୁ ଭାରତର ବକ୍ସାଇଟ୍ ଆମଦାନି ନିର୍ଭରଶୀଳତା ସମ୍ବଳ ଅଭାବର ପରିଣାମ ନୁହେଁ ବରଂ ସାଂରଚନିକ ଏବଂ ନିୟାମକ ବାଧା। ୨୦୨୩ରେ ଘରୋଇ ବକ୍ସାଇଟ୍ ଉତ୍ପାଦନ ୨୩ ନିୟୁତ ଟନ୍ ଅତିକ୍ରମ କରିଥିଲା, ତଥାପି ଖଣିଜ-ବହନକାରୀ ଅଞ୍ଚଳଗୁଡ଼ିକରେ ଜମି ଅଧିଗ୍ରହଣ, ନିୟାମକ ଅନୁମୋଦନ ଏବଂ ଭିତ୍ତିଭୂମି ବିକାଶରେ ବିଳମ୍ବ ଯୋଗୁଁ ନୂତନ ଖଣି ବିକାଶ ପଛରେ ପଡ଼ିଛି। ୧ଏମଟି ଆଲୁମିନିୟମ ଉତ୍ପାଦନ ପାଇଁ ୬ଏମଟି ବକ୍ସାଇଟ୍ ଆବଶ୍ୟକ। ତେଣୁ, ଚାହିଦାରେ ଆଶା କରାଯାଇଥିବା ବୃଦ୍ଧି ପୂରଣ କରିବା ପାଇଁ ବକ୍ସାଇଟ୍ ଉତ୍ପାଦନ ବୃଦ୍ଧି କରିବା ଆବଶ୍ୟକ। ଦେଶର ଶିଳ୍ପ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ସ୍ୱଚ୍ଛ, ବୈଜ୍ଞାନିକ ଭାବରେ ପରିଚାଳିତ ଏବଂ ସାମାଜିକ ଭାବରେ ଦାୟୀ ଖଣି ମାଧ୍ୟମରେ ଓଡ଼ିଶାର ବକ୍ସାଇଟ୍ ସମ୍ପଦଗୁଡ଼ିକୁ ଅନଲକ୍ କରିବା ଅତ୍ୟନ୍ତ ଜରୁରୀ।

# ଭାରତ-ଇୟୁ ଚୁକ୍ତି ନେଇ ଆମେରିକା କ୍ଷୁବ୍ଧ କାହିଁକି?

**ୱାସିଂଟନ, ୨୭ା୧:** ଭାରତ ଓ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବହୁପ୍ରତୀକ୍ଷିତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଦୀର୍ଘ ୧୮ ବର୍ଷ ଧରି ଏହା ଉପରେ ବିସ୍ତୃତ ଆଲୋଚନା ପରେ ଏହା ସମ୍ଭବ ହୋଇପାରିଛି। 'ମଦର୍ସ ଅଫ୍ ଅଲ୍ ଡିଲ୍' କୁହାଯାଉଥିବା ଏହି ଚୁକ୍ତିକୁ ନେଇ ଆମେରିକା କିନ୍ତୁ ଭୀଷଣ କ୍ଷୁବ୍ଧ। ଆମେରିକା କହିଛି ଯେ ଏଭଳି ଚୁକ୍ତି କରି ୟୁରୋପୀୟ ରାଷ୍ଟ୍ର ନିଜ ପାଇଁ ବିପଦ ଟାଣି ଆଣିଛନ୍ତି। ସେମାନେ ନିଜ ବିରୋଧରେ ଯୁଦ୍ଧ ପାଇଁ ପରୋକ୍ଷରେ ପାଣ୍ଠି ଯୋଗାଇବାକୁ ଯାଉଛନ୍ତି।

ଏହି ଚୁକ୍ତିକୁ ନେଇ ଆମେରିକା ରାଗିବା ପଛରେ ଅନେକ କାରଣ ରହିଥିଲେ ମଧ୍ୟ ମୁଖ୍ୟ କାରଣ ହେଉଛି ଭାରତ ଓ ୟୁରୋପୀୟ ରାଷ୍ଟ୍ରଙ୍କୁ ବାଣିଜ୍ୟ ପାଇଁ ଆମେରିକା ବଜାର ଉପରେ ଆଉ ଅତ୍ୟଧିକ ନିର୍ଭର କରିବାକୁ ପଡ଼ିବ ନାହିଁ। ଏପରିକି ଚୀନ ବଜାର ଉପରେ ମଧ୍ୟ ସେମାନଙ୍କର ନିର୍ଭରଶୀଳତା ଯଥେଷ୍ଟ ପରିମାଣରେ ହ୍ରାସ ପାଇବ।

ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଅତ୍ୟଧିକ ଶୁଳ୍କ ଯୋଗୁଁ ଉଭୟ ଭାରତ ଓ ୟୁରୋପୀୟ ରାଷ୍ଟ୍ର ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ଏଥିରେ ଅତିଷ୍ଠ ହୋଇ ଭାରତ ଓ ୟୁରୋପୀୟ ସଂଘ ଗତବର୍ଷ ଠାରୁ ଦ୍ୱିପାକ୍ଷିକ ଆଲୋଚନାକୁ ତ୍ୱରାନ୍ୱିତ କରିଥିଲେ। ଏହି ଚୁକ୍ତି କାର୍ଯ୍ୟକାରୀ ହେଲେ ଉଭୟ ପକ୍ଷର ବଜାର ପରସ୍ପର ପାଇଁ କେବଳ ଯେ ଖୋଲିବ ତାହା ନୁହେଁ, ଶୁଳ୍କ ହ୍ରାସ ଯୋଗୁଁ କାରବାର ଯଥେଷ୍ଟ ବୃଦ୍ଧି ପାଇବ। ଆମେରିକାର କଟକଣା ଯୋଗୁଁ ସେମାନେ ଯେଉଁ କ୍ଷତି ସହୁଥିଲେ ତାହାର ଏହାଦ୍ୱାରା ଭରଣ ହୋଇଯିବ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଏହି ଚୁକ୍ତିକୁ ତୀବ୍ର ସମାଲୋଚନା କରିଛି ଟ୍ରମ୍ପ ପ୍ରଶାସନ। ଆମେରିକାର ଅର୍ଥ ମନ୍ତ୍ରୀ ସ୍କଟ୍ ବେସେଣ୍ଟ କହିଛନ୍ତି ଯେ ଏହି ଚୁକ୍ତି କରି ୟୁରୋପୀୟ ଦେଶ ନିଜ ପାଇଁ ବିପଦ ଟାଣି ଆଣିଛନ୍ତି। ସେମାନେ ଏହି ଚୁକ୍ତି ଜରିଆରେ ରୁଷ-ୟୁକ୍ରେନ ଯୁଦ୍ଧ ପାଇଁ ପାଣ୍ଠି ଯୋଗାଇବାକୁ ଯାଉଛନ୍ତି। ଏହାର ଉଦାହରଣ ଦେବାକୁ ଯାଇ ସେ କହିଛନ୍ତି ଯେ ରୁଷ ଠାରୁ ଭାରତ ଅଶୋଧିତ ତେଲ କିଣୁଛି। ଏହାର ପ୍ରକ୍ରିୟାକରଣ କରି ଭାରତ ଏବେ ୟୁରୋପକୁ ବିକିବ। ୟୁରୋପ ଏହି ତେଲ କିଣି ପରୋକ୍ଷରେ ରୁଷିଆକୁ ସହାୟତା ଦେବାକୁ ଯାଉଛନ୍ତି। କାରଣ ରୁଷ ତେଲ ଭାରତ ଦେଇ ୟୁରୋପରେ ପହଞ୍ଚିବ। ରୁଷ-ୟୁକ୍ରେନ ଯୁଦ୍ଧ ଜାରି ରହିଲେ ୟୁରୋପୀୟ ରାଷ୍ଟ୍ର ବି ବିପଦରେ ପଡ଼ିବେ ବୋଲି ସେ କହିଛନ୍ତି। ରୁଷ ତେଲ ପାଇଁ ଭାରତ ଉପରେ ଆମେରିକାର ୫୦ ପ୍ରତିଶତ ଅତିରିକ୍ତ ଟିକସକୁ ସେ ଯଥାର୍ଥ ବୋଲି ଦର୍ଶାଇଛନ୍ତି।

### ୨୧ ହଜାର କୋଟି ଟଙ୍କାରେ ସ୍ମେଲ୍‌ଟର ସମ୍ପ୍ରସାରଣ ଘୋଷଣା କଲା ହିଣ୍ଡାଲ୍‌କୋ

# ଓଡ଼ିଶାରେ ଏଫ୍‌ଆରପି ଓ ବ୍ୟାଟେରୀ ଫଏଲ୍ ୟୁନିଟ୍ କାର୍ଯ୍ୟକ୍ଷମ

**ସମ୍ବଲପୁର, ୨୭ା୧ (ସମିସ):** ଓଡ଼ିଶା ସହିତ ଏହାର ଗଭୀର ଏବଂ ସ୍ଥାୟୀ ଅଂଶୀଦାର ବ୍ୟବସ୍ଥାକୁ ପୁନଃସୁଦୃଢ଼ କରି ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଧାତୁ କ୍ଷେତ୍ରରେ ଅଗ୍ରଣୀ କମ୍ପାନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ରାଜ୍ୟରେ ଏହାର ଆଲୁମିନିୟମ ବ୍ୟବସାୟ ପରିଚାଳନାରେ ଏକ ବଡ଼ଧରଣର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିଛି। ଏଥିରେ ସ୍ଥାନୀୟ ନିଯୁକ୍ତି, ଗୋଷ୍ଠୀ ବିକାଶ ଏବଂ ମୂଲ୍ୟଯୁକ୍ତ ବିନିର୍ମାଣ ଉପରେ ମଜଭୁତ ଦୃଷ୍ଟିନିବଦ୍ଧ କରାଯାଇଛି। କମ୍ପାନୀ ୨୧,୦୦୦ କୋଟି ଟଙ୍କା ବିନିଯୋଗରେ ବାର୍ଷିକ ୩.୬ ଲକ୍ଷ ଟନ୍ କ୍ଷମତାର ସ୍ମେଲଟର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିବା ସହ ୪୫୦୦ କୋଟି ଟଙ୍କା ବିନିଯୋଗରେ ବାର୍ଷିକ ୧.୭ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଫ୍ଲାଟ୍ ରୋଲ୍‌ଡ ପ୍ରଡକ୍ଟସ୍ (ଏଫଆରପି) ଏବଂ ବ୍ୟାଟେରୀ-ଗ୍ରେଡ ଆଲୁମିନିୟମ ଫଏଲ ଉତ୍ପାଦନ କାରଖାନାକୁ କାର୍ଯ୍ୟକ୍ଷମ କରିଛି।

ଏହି ପ୍ରକଳ୍ପଗୁଡ଼ିକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସମ୍ବଲପୁରସ୍ଥିତ ଆଦିତ୍ୟ ଆଲୁମିନିୟମ କମ୍ପ୍ଲେକ୍ସଠାରେ ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ସୁଦର୍ଶନ ହରିପାଲ, ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ହିଣ୍ଡାଲକୋ ଏମଡି ସତୀଶ ପାଇ ପ୍ରମୁଖ ମଞ୍ଚାସୀନ ଥିଲେ।




ନୂଆକରି କାର୍ଯ୍ୟକ୍ଷମ ହୋଇଥିବା ଏଫଆରପି ଏବଂ ବ୍ୟାଟେରୀ-ଗ୍ରେଡ ଆଲୁମିନିୟମ ଫଏଲ୍ କାରଖାନା ଭାରତର ଏହି ଧରଣର ପ୍ରଥମ ହୋଇଛି ଏବଂ ଏହା ଲିଥିୟମ-ଆୟନ ବ୍ୟାଟେରୀଗୁଡିକ ପାଇଁ କଞ୍ଚାମାଲ ସ୍ୱଦେଶୀକରଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଯାହା ୧୦୦ ଜିଡବ୍ଲ୍ୟୁଏଚ୍ ପର୍ଯ୍ୟନ୍ତ ସେଲ୍ ଉତ୍ପାଦନ କ୍ଷମତାକୁ ସମର୍ଥନ କରିବ। ଏହି ପ୍ରକଳ୍ପଗୁଡିକ ହିଣ୍ଡାଲ୍‌କୋର ପ୍ରଶସ୍ତ ଅଭିବୃଦ୍ଧି ମୂଳଧନ ବ୍ୟୟ କାର୍ଯ୍ୟକ୍ରମର ଅଂଶ ବିଶେଷ ହୋଇଛି ଏବଂ ଓଡ଼ିଶା ନିମନ୍ତେ ସମସ୍ତ ଅପଷ୍ଟ୍ରିମ୍ ଓ ଡାଉନଷ୍ଟ୍ରିମ୍ ଆଲୁମିନିୟମ ବ୍ୟବସାୟ ପରିଚାଳନା କ୍ଷେତ୍ରରେ ପ୍ରାୟ ୩୭,୦୦୦ କୋଟି ଟଙ୍କା ବିନିଯୋଗ ଯୋଜନା ରହିଛି। ସମଗ୍ର ଭାରତରେ କମ୍ପାନୀର ମୋଟ ଅଭିବୃଦ୍ଧି କାପେକ୍ସ ୫୫,୦୦୦ କୋଟି ଟଙ୍କା ମଧ୍ୟରୁ ଓଡ଼ିଶାରେ ନିବେଶ ଏକ ଉଲ୍ଲେଖନୀୟ ଅଂଶ ହୋଇଛି।

ଏହି ଅବସରରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଚେୟାରମ୍ୟାନ କୁମାର ମଙ୍ଗଳମ୍ ବିର୍ଲା କହିଛନ୍ତି, ଆମ ଶିଳ୍ପ ଯାତ୍ରାରେ ଓଡ଼ିଶା ଅବିଚ୍ଛେଦ୍ୟ ହୋଇ ରହି ଆସିଛି। ହିଣ୍ଡାଲ୍‌କୋ ଜରିଆରେ ଆମେ ପରିମାଣ, ମୂଲ୍ୟଯୁକ୍ତ କରିବା ଏବଂ ଦୀର୍ଘସ୍ଥାୟିତାର ସମ୍ମିଶ୍ରଣ କରୁଥିବା ଏକ ମଜଭୁତ ଆଲୁମିନିୟମ ପରିବ୍ୟବସ୍ଥା ନିର୍ମାଣ କରୁଛୁ ଏବଂ ରାଜ୍ୟ ପାଇଁ ଦୀର୍ଘସୂତ୍ରୀ ଅର୍ଥନୈତିକ ଓ ସାମାଜିକ ମୂଲ୍ୟ ସୃଷ୍ଟି କରୁଛୁ। ସତୀଶ ପାଇ, ମ୍ୟାନେଜିଂ ଡାଇରେକ୍ଟର, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ କହିଥିଲେ, ସମ୍ବଲପୁରରେ ଏଫ୍‌ଆରପି ସମ୍ପ୍ରସାରଣ ଏବଂ ସ୍ମେଲଟର ଅଭିବୃଦ୍ଧି ପ୍ରାଥମିକ ଧାତୁରୁ ନେଇ ବ୍ୟାଟେରୀ ପଦାର୍ଥ ଭଳି ଉନ୍ନତ ପ୍ରୟୋଗ ପର୍ଯ୍ୟନ୍ତ ସମୁଦାୟ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳରେ ଓଡ଼ିଶାର ଭୂମିକାକୁ ଗଭୀର କରୁଛି। ଏହି ସମନ୍ୱିନ୍‌ୱିତ ପରିବ୍ୟବସ୍ଥା ରାଜ୍ୟ ଭିତରେ ମୂଲ୍ୟ ଯୁକ୍ତ କରିବା, ନିଯୁକ୍ତି ଏବଂ ଶିଳ୍ପଗତ ଗଭୀରତାକୁ ଆଗେଇ ନେଉଛି।

# ପୁଞ୍ଜି ବ୍ୟୟ ୧୨ ଲକ୍ଷ କୋଟି ଟପିପାରେ

**ନୂଆଦିଲ୍ଲୀ,୨୭ା୧(ଏଜେନ୍ସି):** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବ୍ରୁଆରୀ ୧ରେ ସଂସଦରେ ଆଗାମୀ ବଜେଟ୍ ଉପସ୍ଥାପନ କରିବେ । ଏହି ବଜେଟ ବିକଶିତ ଭାରତ ଗଠନ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବଜେଟରେ ସରକାରଙ୍କ ଗୁରୁତ୍ୱ ଭିତ୍ତିଭୂମି ବିକାଶ ଉପରେ ଅଧିକ ରହିପାରେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ସଦ୍ୟତମ ଇକୋରାପ୍ ରିପୋର୍ଟ ଆନୁସାରେ, ଆର୍ଥିକବର୍ଷ ୨୦୨୬-୨୭ରେ କେନ୍ଦ୍ର ସରକାରଙ୍କ ପୁଞ୍ଜି ବ୍ୟୟ ୧୨ ଲକ୍ଷ କୋଟି ଟଙ୍କା ଟପିପାରେ।




ଏସବିଆଇ ରିପୋର୍ଟ ଅନୁସାରେ ସରକାରଙ୍କ ଦ୍ୱାରା ଭିତ୍ତିଭୂମି ନିର୍ମାଣ ଓ ଆର୍ଥିକ ବିକାଶକୁ ଗତି ଦେବା ପାଇଁ ରଣନୀତି ଜାରି ରହିବ। ରିପୋର୍ଟ ଅନୁସାରେ ଆର୍ଥିକବର୍ଷ ୨୦୨୬-୨୭ରେ ସରକାରୀ ପୁଞ୍ଜି ବ୍ୟୟରେ ବାର୍ଷିକ ଆଧାରରେ ପ୍ରାୟ ୧୦ ପ୍ରତିଶତ ବୃଦ୍ଧି ହୋଇପାରେ। ଏହି ସଂଖ୍ୟା ଏଥିପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ ବୈଶ୍ୱିକ ଅନିଶ୍ଚିତତା ମଧ୍ୟରେ ଭାରତ ସରକାର ନିଜର ପୁଞ୍ଜିଗତ ବ୍ୟୟ କମ୍ କରିବା ମୁଡ୍‌ରେ ନାହାନ୍ତି।

**ଗତ ଦଶନ୍ଧିରେ ଚାରି ଗୁଣ ବଢ଼ିଛି ପୁଞ୍ଜି ବ୍ୟୟ**

ରିପୋର୍ଟରେ ଦିଆଯାଇଥିବା ପରିସଂଖ୍ୟାନରୁ ସ୍ପଷ୍ଟ ହେଉଛି ଯେ ଗତ କିଛି ବର୍ଷରେ ବଜେଟ୍ ଜରିଆରେ ପୁଞ୍ଜି ବ୍ୟୟରେ ବଡ଼ ବୃଦ୍ଧି ହୋଇଛି। ଆର୍ଥିକବର୍ଷ ୨୦୨୬ରେ ଏହା ମାତ୍ର ୨.୫ ଲକ୍ଷ କୋଟି ଟଙ୍କା ଥିଲା, ଯାହା ବଜେଟ୍ ଅନୁମାନ ଅନୁସାରେ ଆର୍ଥିକ ବର୍ଷ ୨୦୨୬ରେ ବଢ଼ି ୧୧.୨ ଲକ୍ଷ କୋଟି ଟଙ୍କା ହୋଇଛି। ସରକାରଙ୍କ ଦ୍ୱାରା ବିଭିନ୍ନ ସ୍ତରରେ ସମ୍ପତ୍ତି ନିର୍ମାଣ ପାଇଁ ଦିଆଯାଇଥିବା ଅନୁଦାନରେ ମଧ୍ୟ ବୃଦ୍ଧି ଘଟିଛି। ଆର୍ଥିକ ବର୍ଷ ୨୦୧୬ରେ ଏହା ୧.୩ ଲକ୍ଷ କୋଟି ଟଙ୍କାରୁ ବଢ଼ି ଆର୍ଥିକ ବର୍ଷ ୨୦୨୬ରେ ୪.୩ ଲକ୍ଷ କୋଟି ଟଙ୍କା ହୋଇଛି। ଆଗାମୀ ବଜେଟରେ ଋଣ ସଂଖ୍ୟା ଉପରେ ମଧ୍ୟ ବଜାରର ନଜର ରହିବ। ଏସ୍‌ବିଆଇ ରିପୋର୍ଟ ଅନୁସାରେ ଆର୍ଥିକ ବର୍ଷ ୨୦୨୭ ପାଇଁ କେନ୍ଦ୍ର ସରକାରଙ୍କ ନେଟ୍ ବୋରୋ ପ୍ରାୟ ୧୧.୭ ଟ୍ରିଲିୟନ ଟଙ୍କା ହୋଇପାରେ, ଯାହା ରାଜକୋଷୀୟ ନିଅଣ୍ଟର ପ୍ରାୟ ୭୦ ପ୍ରତିଶତ।

ବ୍ୟାଙ୍କ ଧର୍ମଘଟ

# ନଗଦ ଜମାଠାରୁ ଚେକ୍ କ୍ଲିୟରାନ୍ସରେ ସମସ୍ୟା

**ଭୁବନେଶ୍ୱର,୨୭ା୧(ଏଜେନ୍ସି):** ରାଷ୍ଟ୍ରାୟତ୍ତ ବ୍ୟାଙ୍କ କର୍ମଚାରୀମାନେ ମଙ୍ଗଳବାର ଦେଶବ୍ୟାପୀ ଧର୍ମଘଟ କରିଛନ୍ତି। ବ୍ୟାଙ୍କରେ ସପ୍ତାହରେ ୫ ଦିନିଆ କାର୍ଯ୍ୟ ଦିବସ ଦାବି କରି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଅଧିକାରୀ ଏବଂ କର୍ମଚାରୀଙ୍କୁ ପ୍ରତିନିଧିତ୍ୱ କରୁଥିବା ୯ଟି ବ୍ୟାଙ୍କ ୟୁନିଅନର ମିଳିତ ମଞ୍ଚ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫ୍‌ବିୟୁ) ପକ୍ଷରୁ ଏହି ଧର୍ମଘଟ ଡାକରା ଦିଆଯାଇଥିଲା। ଚଳିତମାସ ୨୪(ଶନିବାର)ଠାରୁ ୩ ଦିନ ଧରି ବ୍ୟାଙ୍କ ବନ୍ଦ ରହିବା ପରେ ଆଜି କର୍ମଚାରୀମାନେ କରିଥିବା ଏହି ଧର୍ମଘଟ ଯୋଗୁ ସାରା ଦେଶରେ ବ୍ୟାଙ୍କ ସେବା ପ୍ରଭାବିତ ହୋଇଛି। ଏଥିଯୋଗୁ ବ୍ୟାଙ୍କଗୁଡିକରେ ନଗଦ ଜମା ଏବଂ ଉଠାଣଠାରୁ ଆରମ୍ଭ କରି ଚେକ୍ କ୍ଲିୟରାନ୍ସ ପର୍ଯ୍ୟନ୍ତ ଦୈନନ୍ଦିନ ବ୍ୟାଙ୍କ କାର୍ଯ୍ୟ ସବୁଥିରେ ସମସ୍ୟା ଉପୁଜିଥିଲା।



ଜାନୁଆରୀ ୨୩ରେ ମୁଖ୍ୟ ଶ୍ରମ କମିଶନରଙ୍କ ସହ ହୋଇଥିବା ବୈଠକରେ କୌଣସି ସମାଧାନ ନ ହେବାରୁ ଧର୍ମଘଟ ଏହି ନିଷ୍ପତ୍ତି ନିଆଯାଇଛି। ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଆସୋସିଏସନ୍ (ଏଆଇବିଓଏ)ର ଜାତୀୟ ସମ୍ପାଦକ ଡି.ଏନ୍. ତ୍ରିବେଦୀ କହିଛନ୍ତି ଯେ ସପ୍ତାହରେ ୫ ଦିନିଆ କାର୍ଯ୍ୟ ଦିବସ ପାଳନ ପାଇଁ ଦାବି ଦୀର୍ଘ ଦିନ ଧରି ବିଚାରାଧୀନ ଏବଂ ଯଥାର୍ଥ। ଭାରତୀୟ ରିଜର୍ଭ ବ୍ୟାଙ୍କ, ଭାରତୀୟ ଜୀବନ ବୀମା ନିଗମ ଏବଂ ସାଧାରଣ ବୀମା ନିଗମ ଭଳି ପ୍ରମୁଖ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ପୂର୍ବରୁ ସପ୍ତାହରେ ୫ ଦିନିଆ କାର୍ଯ୍ୟ ଦିବସ ରହିଛି। ବିଦେଶୀ ମୁଦ୍ରା ଏବଂ ଷ୍ଟକ୍ ବଜାର ସମେତ ପ୍ରମୁଖ ଆର୍ଥିକ ବଜାର, କେନ୍ଦ୍ର ଓ ରାଜ୍ୟ ସରକାରୀ କାର୍ଯ୍ୟାଳୟଗୁଡ଼ିକ ଶନିବାର ଦିନ ବନ୍ଦ ରହିଥାଏ। ରାଜଧାନୀ ଭୁବନେଶ୍ୱରସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟଠାରେ ବ୍ୟାଙ୍କ କର୍ମଚାରୀମାନେ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇ ପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରଭୁ ମହାଦେବଙ୍କ ଆରାଧନା କରନ୍ତୁ।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିପାରେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ସୃଜନଶୀଳତା ବୃଦ୍ଧି ପାଇବ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟା ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୮୬୫- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ ରାୟଙ୍କ ଜନ୍ମ।
- ୧୯୩୨- ସଂଘାଇ ଉପରେ ଜାପାନୀ ସେନାର ଆକ୍ରମଣ।
- ୧୯୪୮ -ଆକାଶବାଣୀ କଟକ କେନ୍ଦ୍ରର ସ୍ଥାପନା।
- ୧୯୬୫- ବ୍ରିଟିଶ୍ ଟେଲିଭିଜନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରଥମ କାର୍ଯ୍ୟକ୍ରମ।



## ମହିଳାଙ୍କ ଅଜବ ସଉକ
# ନାକରେ ଖାଦ୍ୟଗ୍ରହଣ

ଅନେକେ ସେମାନଙ୍କ ନିଆରା ଖାଦ୍ୟରୁଚି ପାଇଁ ଚର୍ଚ୍ଚାରେ ଥାଆନ୍ତି। ଏହି କ୍ରମରେ ଆମେରିକାର ଭର୍ଜିନିଆ ବାସିନ୍ଦା କ୍ୟାଥରିନ୍ ପାଟି ବଦଳରେ ନାକରେ ଖାଦ୍ୟ ଗ୍ରହଣ କରନ୍ତି। ସେ ପାଟିରେ ଖାଦ୍ୟକୁ ଚୋବାଇ ଖାଇବା ପରିବର୍ତ୍ତେ, ତାକୁ ବ୍ଲେଣ୍ଡ କରି ନାକ ସାହାଯ୍ୟରେ ଶରୀରକୁ ନେଇଥାନ୍ତି। ଆମେରିକୀୟ ଟିଭି ଚ୍ୟାନେଲ୍ 'ମାଇ ଷ୍ଟ୍ରେଞ୍ଜ୍ ଆଡିକ୍ସନ'ରେ କ୍ୟାଥରିନ୍ଙ୍କ ଏଭଳି ଅଭ୍ୟାସ କଥା ସାମ୍ନାକୁ ଆସିଛି। ଏହି ଶୋ'ରେ କ୍ୟାଥରିନ୍ କହିଥିଲେ, "ପ୍ରଥମେ ତାଙ୍କ ଖାଦ୍ୟ ଖାଇବା ପ୍ରକ୍ରିୟା ସାଧାରଣ ଥିଲା। କମ୍ୟୁନିଟି କଲେଜରେ ପଢ଼ିବା ପରେ ତାଙ୍କର ଏହି ଅଭ୍ୟାସ ହୋଇଯାଇଥିଲା। ଥରେ ସେ ସାଙ୍ଗମାନଙ୍କ ସହ ଚ୍ୟାଲେଞ୍ଜ କରି ଫଳରସକୁ ନାକରେ ନେବାକୁ ଚେଷ୍ଟା କରିଥିଲେ। ଏଥିରେ ତାଙ୍କର ମୁଣ୍ଡ ହାଲୁକା ବୁଲାଇବା ସହ ଏକ ନିଆରା ଅନୁଭୂତି ମିଳିଥିଲା। ଏହା ପରଠୁ ସେ ଏହି ପ୍ରକ୍ରିୟାକୁ ସବୁଦିନ ପାଇଁ ଆପଣାଇବାକୁ ଇଚ୍ଛା କରିଥିଲେ। ସେ ବିଗତ ପାଞ୍ଚବର୍ଷ ହେଲାଣି ନାକ ମାଧ୍ୟମରେ ଖାଦ୍ୟ ଖାଇ ଆସୁଛନ୍ତି। ଆମଲେଟ୍, ପାଳଙ୍ଗ, ଛତୁ ଆଦିକୁ ବାଟି ଦେଇ ତରଳ ମିଶ୍ରଣ ଭାବେ ନାକ ବାଟେ ସେବନ କରନ୍ତି। ଏପରିକି କଫି ମଧ୍ୟ ସେ ନାକବାଟେ ସେବନ କରନ୍ତି।" କ୍ୟାଥରିନ୍ଙ୍କ କହିବାନୁସାରେ, ତାଙ୍କୁ ସାଧାରଣ ଖାଦ୍ୟ ଖାଇବା ପ୍ରକ୍ରିୟା ଅସହଜ ମନେ ହୋଇଥାଏ। ନାକରେ ଖାଦ୍ୟ ଗ୍ରହଣ କରିବା ତାଙ୍କୁ ବେଶ୍ ସହଜ ମନେ ହୋଇଥାଏ। ଏପରି ଅଭ୍ୟାସ ଦ୍ୱାରା ତାଙ୍କର ଗଳାରେ ଖାଦ୍ୟ ଅଟକିବା ସମସ୍ୟା ମଧ୍ୟ ନ ଥାଏ। ଅବଶ୍ୟ ତାଙ୍କର ଏହି ଅଭ୍ୟାସ ଯୋଗୁ ପରିବାର ଲୋକ ସାଙ୍ଗସାଥୀ ଅସହଜ ଅନୁଭବ କରିଥାନ୍ତି। ସେହିପରି ତାଙ୍କର ଏହି ଅଭ୍ୟାସ ତାଙ୍କ ବ୍ୟକ୍ତିଗତ ସମ୍ପର୍କ ଉପରେ ମଧ୍ୟ ପ୍ରଭାବ ପକାଉଛି ବୋଲି କ୍ୟାଥରିନ୍ କୁହନ୍ତି। ତାଙ୍କ ସାଥୀ ଜଷ୍ଟିନ୍ କ୍ୟାଥରିନଙ୍କୁ ଏପରି ଖାଦ୍ୟ ଖାଉଥିବାର ଦେଖି ବେଶ୍ ଅସହଜ ମନେ କରନ୍ତି। ଡାକ୍ତର ମଧ୍ୟ କ୍ୟାଥରିନ୍ଙ୍କୁ ନାକରେ ଖାଦ୍ୟ ନେବା ଦ୍ୱାରା ହେଉଥିବା ସମସ୍ୟା ବାବଦରେ ମଧ୍ୟ ଅବଗତ କରାଇଛନ୍ତି। ଡାକ୍ତରଙ୍କ କହିବାନୁଯାୟୀ, ତରଳ କିମ୍ବା ଗ୍ରାଇଣ୍ଡିଂ ହୋଇଥିବା ଖାଦ୍ୟ ମଧ୍ୟ ଶ୍ୱାସନଳୀରେ ଅଟକି ଯାଇ ଏଥିରେ ମୃତ୍ୟୁ ହେବା ଆଶଙ୍କା ଥାଏ। ରାଗ ଜିନିଷ ନାକ ଏବଂ ଗଳାର ପତଳା ଝିଲ୍ଲୀର ପୋଡ଼ାଜଳା ଏବଂ ରକ୍ତସ୍ରାବର କାରଣ ଥାଏ। ସେହିପରି ତରଳ ଖାଦ୍ୟ ଫୁସ୍‌ଫୁସ୍‌ରେ ପହଞ୍ଚି ସଂକ୍ରମଣ କରିବା ସହ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଉପୁଯାଇବା ଆଶଙ୍କା ଥାଏ।



# ରାଣୀଙ୍କ ପ୍ରଶଂସାରେ ଅନୁଷ୍କା



ବଲିଉଡ୍ ଅଭିନେତ୍ରୀ ରାଣୀ ମୁଖାର୍ଜୀ ଏବେ ତାଙ୍କ ଆଗାମୀ ଫିଲ୍ମ 'ମର୍ଦ୍ଦାନୀ ୩'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ନିକଟରେ ଏହାର ଟ୍ରେଲର୍ ରିଲିଜ୍ ହୋଇଛି। ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏହାର ଟ୍ରେଲର୍‌କୁ ଅନେକ ସେଲିବ୍ରିଟି ମଧ୍ୟ ପ୍ରଶଂସା କରିଛନ୍ତି। ଅଭିନେତ୍ରୀ ଅନୁଷ୍କା ଶର୍ମା ଫିଲ୍ମର ଟ୍ରେଲର୍‌କୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ଲେଖିଛନ୍ତି- "ରାନୀ ଶୁଭେଚ୍ଛା ଆପଣଙ୍କୁ। ଆପଣଙ୍କ କାମକୁ ମୁଁ ସବୁବେଳେ ପ୍ରଶଂସା କରିଛି। ଆପଣ ଆଗକୁ ଯାହା କରିଛନ୍ତି ତାକୁ ଦେଖିବାକୁ ମୁଁ ଉତ୍ସାହିତ ଅଛି।" 'ମର୍ଦ୍ଦାନୀ ୩' ଜରିଆରେ ରାନୀ ପୁଣିଥରେ ପୁଲିସ୍ ଅଫିସର ଶିବାନୀ ଶିବାଜୀ ରୟ ଭୂମିକାରେ ନଜର ଆସିବେ। ଏହି ଫିଲ୍ମରେ ଚାଇଲ୍ଡ ଟ୍ରାଫିକିଂ ଗ୍ୟାଙ୍ଗ ବିରୋଧୀ ମିଶନରେ ଶିବାନୀଙ୍କୁ ଦର୍ଶକେ ଦେଖିବାକୁ ପାଇବେ। 'ମର୍ଦ୍ଦାନୀ' ସିରିଜ୍‌ର ପୂର୍ବ ଦୁଇଟି ଫିଲ୍ମକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। 'ମର୍ଦ୍ଦାନୀ ୨' ରିଲିଜ୍ ହେବାର ସାତ ବର୍ଷ ପରେ ଏହାର ତୃତୀୟ ଫିଲ୍ମ ରିଲିଜ୍ ହେବ। ଏହାର ପ୍ରଯୋଜନା ଦାୟିତ୍ୱରେ ଆଦିତ୍ୟ ଚୋପ୍ରାଙ୍କ ଯଶରାଜ ବ୍ୟାନର୍ ରହିଛି। ଅଭିରାଜ ମୀନାୱାଲା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଆସନ୍ତା ୩୦ ତାରିଖରେ ଏହା ପରଦାକୁ ଆସିବ। ଏହାର ବଜେଟ୍ ରହିଛି ୭୫ କୋଟି।

# ୨୫ ଲକ୍ଷର ବିବାହ କାର୍ଡ

ଆଜିକାଲିର ଯୁବକଯୁବତୀମାନେ ନିଜ ବିବାହକୁ ସ୍ୱତନ୍ତ୍ର ଏବଂ ସ୍ମରଣୀୟ କରିବା ପାଇଁ ବେଶ୍ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରୁଛନ୍ତି। ଏହି କ୍ରମରେ ରାଜସ୍ଥାନ ଜୟପୁରର ବ୍ୟବସାୟୀ ଶିବ ଜୋହରି ତାଙ୍କ ଝିଅର ବାହାଘର ପାଇଁ ଏକ ଦାମୀ ନିମନ୍ତ୍ରଣ କାର୍ଡ ଛାପି ଚର୍ଚ୍ଚାରେ ଅଛନ୍ତି। ଝିଅକୁ ପାରମ୍ପରିକ ଭାବେ ବିଦା ଦେବା ବଦଳରେ ଏହାକୁ ସେ ବିଶ୍ୱାସ, ପରମ୍ପରା ଏବଂ ଭାବନାର ଉତ୍ସବରେ ପରିଣତ କରିବାକୁ ନିଷ୍ପତ୍ତି ନେଇ ଶୁଦ୍ଧ ରୂପାର ଏକ ବକ୍ସ ଆକାରର ବିବାହ ନିମନ୍ତ୍ରଣ କାର୍ଡ ତିଆରି କରିଛନ୍ତି। ଏହି କାର୍ଡର ଓଜନ ପାଖାପାଖି ତିନି କେଜି ହୋଇଥିବାବେଳେ ଏହାର ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ସମ୍ପୂର୍ଣ୍ଣ ରୂପାରେ ନିର୍ମିତ ଏହି ବିବାହ ନିମନ୍ତ୍ରଣ କାର୍ଡର ଆକାର ୮x୬.୫ ଇଞ୍ଚ ଏବଂ ୩ ଇଞ୍ଚ ଗଭୀର। କାର୍ଡରେ ୬୫ ଦେବଦେବୀଙ୍କ ଚିତ୍ର ଅଙ୍କା ଯାଇଛି। କାର୍ଡର ସବୁଠୁ ଉପରେ ଶ୍ରୀଗଣେଶ, ଗୋଟିଏ ପାର୍ଶ୍ୱରେ ଦେବୀ ପାର୍ବତୀ ଏବଂ ଅନ୍ୟପାର୍ଶ୍ୱରେ ଭଗବାନ ଶିବ ବିରାଜିତ। ତାଙ୍କ ତଳକୁ ଦେବୀ ଲକ୍ଷ୍ମୀ ଏବଂ ବିଷ୍ଣୁ, ତିରୁପତି ବାଲାଜିଙ୍କ ଦୁଇଟି ରୂପ ଏବଂ ତାଙ୍କ ଦ୍ୱାରପାଳ ରହିଛନ୍ତି। ଦୀପ ସାଙ୍ଗକୁ ଶଙ୍ଖ ଢୋଲ ବଜାଉଥିବା ଅନ୍ୟ ଦେବଦେବୀଙ୍କ ଚିତ୍ର ମଧ୍ୟ ଅଙ୍କିତ ହୋଇଛି। କାର୍ଡ ମଝିରେ ବରକନିଆ ଶ୍ରୁତି ଜୋହରି ଏବଂ ହର୍ଷ ସୋନିଙ୍କ ନାଁ କାବ୍ୟିକ ଶୈଳୀରେ ଲେଖାଯାଇଛି। ଏହି କାର୍ଡର ସ୍ୱତନ୍ତ୍ରତା ହେଉଛି, ଭଗବାନ କୃଷ୍ଣଙ୍କ ଜନ୍ମଠୁ ନେଇ ବାଲ୍ୟଜୀବନ ବେଶ୍ ନିଆରା ଶୈଳୀରେ ଚିତ୍ରିତ କରାଯାଇଛି। କାର୍ଡଧାରରେ ଭଗବାନ ବିଷ୍ଣୁଙ୍କ ଦଶ ଅବତାରକୁ ଦର୍ଶାଯାଇଛି। ରୂପାର ୧୨୮ ଖଣ୍ଡକୁ ଯୋଡ଼ି ଏହି କାର୍ଡ ତିଆରି କରାଯାଇଛି। ଏହାକୁ ପ୍ରସ୍ତୁତ କରିବାକୁ ତାଙ୍କୁ ପାଖାପାଖି ଏକ ବର୍ଷ ଲାଗିଯାଇଥିଲା। ଏହି କାର୍ଡଟିକୁ ସେ ଝିଅର ଭାବି ଶାଶୂଙ୍କୁ ଦେଇଛନ୍ତି। ତେବେ ସାମାଜିକ ଗଣମାଧ୍ୟମରେ ଏହି ବିବାହ ନିମନ୍ତ୍ରଣ କାର୍ଡକୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଛି।



# ଦକ୍ଷତା ବୃଦ୍ଧି ପାଇଁ ସଂକ୍ଷିପ୍ତ ପାଠ୍ୟକ୍ରମ

**ଆଜିକାଲି ଯୁବକଯୁବତୀମାନେ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର କୋର୍ସ କରୁଥିବାର ଦେଖିବାକୁ ମିଳୁଛି। ତେବେ ସେମାନେ ସ୍ୱଳ୍ପ ସମୟ ମଧ୍ୟରେ କିଛି ସଂକ୍ଷିପ୍ତ କୋର୍ସ କରି ନିଜର ଦକ୍ଷତା ବୃଦ୍ଧି କରିପାରିବେ।**



**ଲାଙ୍ଗୁଏଜ୍ କୋର୍ସ:** କୌଣସି ନୂଆ ଭାଷା ଶିଖିବା ଦ୍ୱାରା ଦକ୍ଷତା ବୃଦ୍ଧି ପାଏ। ଇଂରାଜୀରେ ଦୁର୍ବଳ ଥିଲେ ସ୍ପୋକନ ଇଂଲିଶ୍ କୋର୍ସ କରିପାରିବେ। ଏହାବାଦ୍ ଅନ୍ୟ ଭାଷାର କୋର୍ସ ମଧ୍ୟ କରିପାରିବେ।

**ଭଏସ୍ ମଡ୍ୟୁଲେସନ୍:** ଆର୍‌ଜେ କିମ୍ବା ଡବିଂରେ କ୍ୟାରିୟର କରିବାକୁ ଚାହୁଁଥିଲେ, ଏ ପ୍ରକାର କୋର୍ସ କରିବା ଭଲ। ଏହି କୋର୍ସ କରିବା ଦ୍ୱାରା ରେଡିଓ, ଫିଲ୍ମ, ଷ୍ଟୁଡିଓ ଆଦିରେ କାମ କରିବାର ସୁଯୋଗ ମିଳେ।

**ଫେଶନ ଡିଜାଇନିଂ:** ଯଦିଓ ଏ ଲାଗି ଡିପ୍ଲୋମା କୋର୍ସ କରିବାର ଆବଶ୍ୟକତା ଅଛି, ଜଣେ ଚାହିଁଲେ ଏଥିରେ ତିନିମାସର ଏକ ଛୋଟ କୋର୍ସ ମଧ୍ୟ କରିପାରିବେ।

**ଗ୍ରାଫିକ୍ ଡିଜାଇନିଂ:** ଏବେ ଗ୍ରାଫିକ୍ ଡିଜାଇନର୍‌ଙ୍କ ଚାହିଦା ଅଧିକ। ଏଣୁ ଗ୍ରାଫିକ୍ ଡିଜାଇନିଂ କୋର୍ସ କରି ଉତ୍ତମ କ୍ୟାରିୟର ଗଢ଼ିପାରିବେ।

**ସ୍କ୍ରିପ୍ଟ ରାଇଟିଂ:** ଲେଖାଲେଖିରେ ରୁଚି ଥିଲେ, ସ୍କ୍ରିପ୍ଟ ରାଇଟିଂର କୋର୍ସ କରିପାରିବେ। ଏହାଦ୍ୱାରା ସୃଜନଶୀଳତା ବୃଦ୍ଧି ପାଏ।

**ଫଟୋଗ୍ରାଫି:** ସେହିପରି ଫଟୋ ତଥା ଭିଡିଓ ଗ୍ରାଫିରେ ସଉକ ଥିଲେ, ଏହି କୋର୍ସରେ ନିଜକୁ ସାମିଲ କରନ୍ତୁ।

## ସମ୍ଭାବନା



# କୋଚିଂ କ୍ଲାସ୍ ପ୍ରତି ବଢ଼ୁଛି ଆଗ୍ରହ

ବର୍ତ୍ତମାନ କୋଚିଂ କ୍ଲାସ୍‌ରେ ପଢ଼ିବାକୁ ପିଲାମାନେ ବେଶି ଆଗ୍ରହ ପ୍ରକାଶ କରୁଛନ୍ତି। କୋଚିଂ କ୍ଲାସ୍ କେତେ ଗୁରୁତ୍ୱପୂର୍ଣ୍ଣ ଓ ଏହା ପ୍ରତି କାହିଁକି ଆଗ୍ରହ ବଢ଼ୁଛି, ନିମ୍ନ ପ୍ରଦତ୍ତ ଟିପ୍ସରୁ ଜାଣନ୍ତୁ।



- କୋଚିଂ କ୍ଲାସ୍‌ରେ ପିଲାଙ୍କୁ ପଢ଼ାଇବା ପାଇଁ ଶିକ୍ଷକଶିକ୍ଷୟିତ୍ରୀମାନେ ନୂଆ ତଥା ମଜାଦାର ତରିକା ଖୋଜନ୍ତି। ଯେଉଁଥିପାଇଁ ଛାତ୍ରଛାତ୍ରୀ କୋଚିଂ କ୍ଲାସ୍ ଯିବାକୁ ଆଗ୍ରହ ପ୍ରକାଶ କରନ୍ତି।
- ପରୀକ୍ଷା ପୂର୍ବରୁ ଅନେକ ରିଭିଜନ କ୍ଲାସ୍ କରାଯାଏ। ଯଦ୍ୱାରା ପିଲାଙ୍କୁ ପରୀକ୍ଷାରେ ଭଲ ମାର୍କ ରଖିବାରେ ସାହାଯ୍ୟ କରେ।
- କୋଚିଂ କ୍ଲାସ୍‌ରୁ ଅତିରିକ୍ତ ନୋଟ୍ ମିଳିଥାଏ।
- ସ୍କୁଲ ତୁଳନାରେ କୋଚିଂ କ୍ଲାସରେ ପିଲାଙ୍କ ଉପରେ ଅଧିକ ଧ୍ୟାନ ଦିଆଯାଏ।
- ଏଠାରେ ଏକାଧିକ ପିଲା ପଢ଼ୁଥିବାରୁ ଅନ୍ୟମାନଙ୍କ ତୁଳନାରେ ପିଲାଟି କେଉଁ ବିଷୟରେ ଦୁର୍ବଳ ଅଛି ତାହା ଜାଣିପାରି ସେଥିରେ ସୁଧାର ଆଣେ।

# ହ୍ୱାଟ୍ସଆପ୍‌ର ନୂଆ ଫିଚର୍

ହ୍ୱାଟ୍ସଆପ୍ ଗ୍ରୁପ୍ ଚାଟ୍‌କୁ ଅଧିକ ଉପଯୋଗୀ କରିବା ଲାଗି ଏକ ନୂଆ ଫିଚର୍ ଉପରେ ପରୀକ୍ଷା କରୁଛି। ଏହାର ନାଁ 'ରିସେଣ୍ଟ ହିଷ୍ଟ୍ରି ସେୟାରିଂ'। ଏହାଦ୍ୱାରା ଗ୍ରୁପ୍‌ରେ ଥିବା ସଦସ୍ୟ ନୂଆ ସଦସ୍ୟଙ୍କ ସହିତ ପୁରୁଣା ଚାଟ୍‌ର ଅଂଶକୁ ସେୟାର୍ କରିପାରିବେ। ଏହା ମାଧ୍ୟମରେ ୧୪ ଦିନ ମଧ୍ୟରେ ପଠାଯାଇଥିବା ୧୦୦ଟି ମେସେଜକୁ ବ୍ୟବହାରକାରୀ ସେୟାର୍ କରିପାରିବେ। ଏହି ମେସେଜ ଅଲଗା ରଙ୍ଗରେ ପ୍ରତିଫଳିତ ହେବ। ଫଳରେ ନୂଆ ଓ ପୁରୁଣା ମେସେଜ ସହଜରେ ଜଣାପଡ଼ିବ। ସେହିପରି ଏହି ଫିଚର ନୂଆ ସଦସ୍ୟଙ୍କୁ ଗ୍ରୁପ୍‌ର ଉଦ୍ଦେଶ୍ୟ ଏବଂ ପୁରୁଣା କଥାର ସନ୍ଦର୍ଭକୁ ବୁଝାଇବାରେ ସାହାଯ୍ୟ କରିବ। ଅନ୍ୟପଟେ ଉକ୍ତ ଫିଚର୍ ସମ୍ପୂର୍ଣ୍ଣ ଭାବେ ଅଟୋମେଟିକ୍ ହେବ ନାହିଁ, ବରଂ ବ୍ୟବହାରକାରୀଙ୍କ ନିୟନ୍ତ୍ରଣରେ ରହିବ। ସେହିପରି ବର୍ତ୍ତମାନ ଏହି ଫିଚର୍ ଆଇଫୋନ ବ୍ୟବହାରକାରୀଙ୍କ ଲାଗି ଟେଷ୍ଟଫ୍ଲାଇଟ୍ ବିଟା କାର୍ଯ୍ୟକ୍ରମ ମାଧ୍ୟମରେ ଉପଲବ୍ଧ। ଅବଶ୍ୟ ଏହା ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି। ତେଣୁ ସାଧାରଣ ବ୍ୟବହାରକାରୀଙ୍କ ଲାଗି ଏହାକୁ କେବେ ଜାରି କରାଯିବ, ସେ ସମ୍ପର୍କରେ କିଛି କୁହାଯାଇ ନାହିଁ।




# ସଫଳ ହେବା ପାଇଁ ବିଫଳତାରୁ ଶିକ୍ଷା



ସମସ୍ତେ ଜୀବନରେ ସଫଳତାର ସହ ନିରନ୍ତର ଭାବେ ଆଗକୁ ବଢ଼ିବାକୁ ଚାହାନ୍ତି। ତେବେ ଏହି ଯାତ୍ରା ସେତେଟା ସହଜ ନୁହେଁ। ସଫଳତା ଓ ବିଫଳତା ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ। ସଫଳତା ପାଇବା ପାଇଁ ବିଫଳ ହେବା ବି ଜରୁରି। ଜୀବନରେ ସେହି ମଣିଷ ସଫଳ ହୁଏ, ଯିଏ ବିଫଳତାକୁ ଭୟ କରି ନ ଥାଏ। ବରଂ ବିଫଳତାକୁ ସାମ୍ନା କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପ୍ରଚେଷ୍ଟା ଜାରି ରଖେ। ବିଫଳତାରେ ନିରାଶ ହେବା ପରିବର୍ତ୍ତେ ନିଜ ଭୁଲ୍‌ରୁ ଶିକ୍ଷା ଲାଭ କରିବା ଉଚିତ। ତା'ସହ ସେହି ବିଫଳତାକୁ ସଫଳତାରେ ପରିଣତ କରିବାକୁ ଚେଷ୍ଟା କରିବା ଦରକାର। ଅବଶ୍ୟ ଏଥିପାଇଁ ଆବଶ୍ୟକ ସକାରାତ୍ମକ ଚିନ୍ତାଧାରା। ସକାରାତ୍ମକ ଚିନ୍ତାଧାରାରୁ ଦିନଚର୍ଯ୍ୟା ଆରମ୍ଭ କରିବା ଆବଶ୍ୟକ। ସେହିପରି ସଫଳ ହେବା ପାଇଁ ନିଜକୁ ଅନ୍ୟ ସହ ତୁଳନା କରିବାରୁ ଦୂରେଇ ରୁହନ୍ତୁ। ଅନ୍ୟସହ ନିଜକୁ ତୁଳନା ନ କରି ନିଜ ଦକ୍ଷତା ଉପରେ ବିଶ୍ୱାସ ରଖନ୍ତୁ। ତା'ସହ ବିଫଳତାକୁ ନେଇ ଯେଉଁମାନେ ତାଚ୍ଛଲ୍ୟ କରନ୍ତି, ସେମାନଙ୍କଠାରୁ ଦୂରେଇ ରୁହନ୍ତୁ। ଅନ୍ୟପଟେ ଜୀବନରେ ସଫଳତା ପାଇବା ପାଇଁ ଜ୍ଞାନୀ, ଗୁଣୀ ଲୋକଙ୍କ ସଂସ୍ପର୍ଶରେ ଆସିବା ସହ ସୁସ୍ଥ ଜୀବନଶୈଳୀ ଉପରେ ଗୁରୁତ୍ୱ ଦିଅନ୍ତୁ।

## ହକି ଇଣ୍ଡିଆ ଲିଗ୍: ଅମନଦୀପ୍ ଶ୍ରେଷ୍ଠ ଖେଳାଳି

# ରୟାଲ୍ସକୁ ହରାଇ ‘କଳିଙ୍ଗ’ରେ ଲାନ୍ସର୍ସ ଚାମ୍ପିଅନ୍



**ଭୁବନେଶ୍ୱର, ୨୭ ।୧ (ସମିସ):** ଦୀର୍ଘ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି । ଘରୋଇ ପରିବେଶରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦ୍ୱିତୀୟଥର ଲାଗି ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍) ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛି । ସାଧାରଣତନ୍ତ୍ର ଦିବସ ଅବସରରେ ସୋମବାର ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଗ୍ରାଣ୍ଡଫାଇନାଲରେ ଘରୋଇ କଳିଙ୍ଗ ଲାନ୍ସର୍ସ ୩-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲା । ଆଲେକ୍ସଜାଣ୍ଡର ହେଣ୍ଡ୍ରିକ୍ସ ଡବଲ୍ ଗୋଲ୍ସ୍କୋର କରି ଦଳର ବିଜୟରେ ନାୟକ ସାଜିଥିଲେ । କଳିଙ୍ଗ ଲାନ୍ସର୍ସ ଏଥିପୂର୍ବରୁ ୨୦୧୭ ସଂସ୍କରଣରେ ପ୍ରଥମଥର ଏହି ସମ୍ମାନଜନକ ଫ୍ରାଞ୍ଚାଇଜଭିତ୍ତିକ ହକି ଟୁର୍ଣ୍ଣାମେଣ୍ଟରେ ଟାଇଟଲ୍ ଜିତିଥିଲା । ସେହିଭଳି ଗତ ସଂସ୍କରଣରେ ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା ।

ସାଧାରଣତନ୍ତ୍ର ଦିବସରେ ଘରୋଇ ପରିବେଶରେ କଳିଙ୍ଗ ଲାନ୍ସର୍ସ ଫାଇନାଲ ଖେଳୁଥିବା କଳିଙ୍ଗ ଷ୍ଟାଡିୟମ ପୁରା ଖଚାଖଚ୍ ଭିଡ ରହିଥିଲା । ଘରୋଇ ଦର୍ଶକଙ୍କୁ ନିରାଶ ନ କରି ବେଲ୍ଜିୟମ ତାରକା ହେଣ୍ଡ୍ରିକ୍ସ ୪ର୍ଥ ମିନିଟ୍‌ରେ ଲାନ୍ସର୍ସର ଗୋଲ୍‌ଖାତା ଖୋଲିଥିଲେ । ଲାନ୍ସର୍ସକୁ ମିଳିଥିବା ପେନାଲ୍ଟି କର୍ଣ୍ଣର (ପିସି)ର ଭରପୁର ଫାଇଦା ଉଠାଇ ହେଣ୍ଡ୍ରିକ୍ସ ବଲ୍‌କୁ ରାଞ୍ଚି ରୟାଲ୍ସର ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ । ତେବେ କଳିଙ୍ଗର ଏହି ଖୁସି ବେଶି ସମୟ ରହି ନ ଥିଲା । ମାତ୍ର ୫ ମିନିଟ୍ ପରେ ଅରଜିତ୍ ସିଂହ ହୁଣ୍ଡାଲଙ୍କ ଦମ୍‌ଦାର ଫିଲ୍ଡ ଗୋଲ୍ ବଳରେ ରାଞ୍ଚି ମ୍ୟାଚକୁ ୧-୧’ର ବରାବରସ୍ତରକୁ ଆଣିଥିଲା । ପ୍ରଥମ କ୍ୱାର୍ଟରରେ ଏହି ସ୍ଥିତି ବଲବତ୍ତର ରହିଥିଲା । କିନ୍ତୁ ଲାନ୍ସର୍ସ ଦ୍ୱିତୀୟ କ୍ୱାର୍ଟରରେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଖେଳିଥିଲା । ଦୁଇ ମିନିଟ୍ ବ୍ୟବଧାନରେ ୨ଟି ଗୋଲ୍ ଦେଇ ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇଥିଲା ଘରୋଇ କଳିଙ୍ଗ ଲାନ୍ସର୍ସ । ୨୫ତମ ମିନିଟ୍‌ରେ ମିଳିଥିବା ଏକ ପେନାଲ୍ଟି କର୍ଣ୍ଣରକୁ କୌଣସି ତ୍ରୁଟି ନ କରି ଦିଲପ୍ରୀତ୍ ସିଂହ କଳିଙ୍ଗର ଅଗ୍ରଣୀକୁ ୨-୧କୁ ବୃଦ୍ଧି କରିଥିଲେ । ଏହାର ଗୋଟିଏ ମିନିଟ୍ ପରେ କଳିଙ୍ଗକୁ ଆଉ ଏକ ପିସି ମିଳିଥିଲା । ଏଥର ପୁଣିଥରେ ହେଣ୍ଡ୍ରିକ୍ସ ତାଙ୍କ ଷ୍ଟିକ୍‌ର ଯାଦୁ ଦେଖାଇ ବଲ୍‌କୁ ପ୍ରତିପକ୍ଷ ନେଟ୍ସ ମଧ୍ୟକୁ ପଠାଇ ଦେଇଥିଲେ । ଫଳରେ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା କଳିଙ୍ଗ ଲାନ୍ସର୍ସ ୩-୧ ଗୋଲ୍‌ରେ ଆଗୁଆ ରହି ରାଞ୍ଚିକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା ।

### ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଲ୍

ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ରାଞ୍ଚି ମ୍ୟାଚକୁ ଫେରିବାକୁ ଆପ୍ରାଣ ଉଦ୍ୟମ କରିଥିଲା । କିନ୍ତୁ ଲାନ୍ସର୍ସର ଡିଫେଣ୍ଡର ରାଞ୍ଚିର କୌଣସି ପ୍ରୟାସକୁ ସଫଳ ହେବାକୁ ଦେଇ ନ ଥିଲେ । ଫଳରେ ଏହି କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା । ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଆହୁରି ରୋମାଞ୍ଚ ରହିଥିଲା । ଅଗ୍ରଣୀ ରହିଥିବା ଲାନ୍ସର୍ସ ପ୍ରତିପକ୍ଷ ରାଞ୍ଚିକୁ ଗୋଲ ଶୁଝାଇବାକୁ କୌଣସି ସୁଯୋଗ ଦେଇ ନ ଥିଲା । ତେବେ ମ୍ୟାଚ ଶେଷ ହେବାକୁ ଗୋଟିଏ ମିନିଟ୍ ବାକି ରହିଥିବାବେଳେ ରାଞ୍ଚିର ତାରକା ଖେଳାଳି ଟମ୍ ବୁନ ଗୋଟିଏ ଗୋଲ୍ ଶୁଝାଇ ଦେଇଥିଲେ । ଫଳରେ ମ୍ୟାଚ ୩-୨ ସ୍ଥିତିକୁ ଆସିଯାଇଥିଲା । ଟମ୍‌ଙ୍କ ଏହି ଗୋଲ୍ କିନ୍ତୁ ଫଳାଫଳ ଉପରେ କୌଣସି ପ୍ରଭାବ ପକାଇ ନ ଥିଲା । ଶେଷରେ କଳିଙ୍ଗ ଲାନ୍ସର୍ସ ୩-୨ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା । ଘରୋଇ ପରିବେଶରେ ଟାଇଟଲ୍ ଜିତିବା ପରେ ଲାନ୍ସର୍ସର ଖେଳାଳିଙ୍କ ସମେତ ଦର୍ଶକ ବିଜୟ ଉତ୍ସବ ମନାଇ ପରିବେଶକୁ ଆହୁରି ରୋମାଞ୍ଚକ କରିଦେଇଥିଲେ ।


ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚାମ୍ପିଅନ୍ କଳିଙ୍ଗ ଲାନ୍ସର୍ସ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।

### ତୁଫାନ୍ସକୁ କାଂସ୍ୟ ପଦକ

ଅପରପକ୍ଷରେ ୩ୟ ଓ ୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ହାଇଦରାବାଦ୍ ତୁଫାନ୍ସ ବାଜିମାତ୍ କରିନେଇଛି । ସୋମବାର ଅପରାହ୍ଣରେ ଅନୁଷ୍ଠିତ ଏହି କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ତୁଫାନ୍ସ ୪-୩ ଗୋଲରେ ଏଚ୍ଆଇଏଲ୍ ଗଭର୍ଣ୍ଣିଂ କାଉନସିଲ (ଜିସି) ଦଳକୁ ପରାସ୍ତ କରିଛି । ତୁଫାନ୍ସର ଓଡ଼ିଆ ଖେଳାଳି ଅମନଦୀପ୍ ଲାକ୍ରା ୨ଟି ଗୋଲ୍ ଦେଇ ଦଳକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

### ପୁରସ୍କାର

ଚାମ୍ପିଅନ: କଳିଙ୍ଗ ଲାନ୍ସର୍ସ- ୩ କୋଟି
ରନର୍ସଅପ୍: ରାଞ୍ଚି ରୟାଲ୍ସ- ୨ କୋଟି
ତୃତୀୟ ସ୍ଥାନ: ହାଇଦରାବାଦ୍- ୧ କୋଟି
ଫେୟାର ପ୍ଲେ ଆୱାର୍ଡ- ଏଚ୍ଆଇଏଲ୍ ଜିସି
ଶ୍ରେଷ୍ଠ ଗୋଲ୍‌କିପର: ପ୍ରିନ୍ସଦୀପ୍ ସିଂହ- ୧୦ ଲକ୍ଷ
ଉଦୀୟମାନ ଖେଳାଳି: ତାଲେମା ପ୍ରିୟବ୍ରତ- ୧୦ ଲକ୍ଷ
ଟପ୍ ସ୍କୋରର: ଟମ୍ ବୁନ (୧୯ ଗୋଲ୍) - ୧୦ ଲକ୍ଷ
ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି: ଅମନଦୀପ୍ ଲାକ୍ରା- ୨୦ ଲକ୍ଷ


ଅମନଦୀପ୍ ଲାକ୍ରା

## ବ୍ରାଡ୍‌ମ୍ୟାନଙ୍କ କ୍ୟାପ୍ ୪.୨୧ କୋଟିରେ ନିଲାମ

**ସିଡନୀ, ୨୭ ।୧ (ଏଜେନ୍ସି):** କିମ୍ବଦନ୍ତୀ ଅଷ୍ଟ୍ରେଲୀୟ ବ୍ୟାଟର୍ ଡନ୍ ବ୍ରାଡ୍‌ମ୍ୟାନଙ୍କ ପ୍ରସିଦ୍ଧ ‘ବ୍ୟାଗୀ ଗ୍ରୀନ’ କ୍ୟାପ୍ ନିଲାମୀରେ ୪୬୦,୦୦୦ ଡଲାରରେ ବିକ୍ରି ହୋଇଛି । ଯାହାକି ଭାରତୀୟ ମୁଦ୍ରାରେ ୪.୨୧ କୋଟି ଟଙ୍କା ହେବ । ବ୍ରାଡ୍‌ମ୍ୟାନ ୧୯୪୭-୪୮ ସିଜନରେ ଭାରତ ବିପକ୍ଷ ସିରିଜରେ ଏହି ଟୋପିକୁ ପରିଧାନ କରି ଖେଳିଥିଲେ । ଏହାପରେ ବ୍ରାଡ୍‌ମ୍ୟାନ ଏହି ଟୋପିକୁ ଭାରତୀୟ କ୍ରିକେଟର୍ ରଙ୍ଗା ସୋହନିଙ୍କୁ ଉପହାର ଆକାରରେ ଦେଇଥିଲେ । ବିଗତ ୭୫ ବର୍ଷ ଧରି ରଙ୍ଗାଙ୍କ ପରିବାର ଏହାକୁ ସୁରକ୍ଷିତ ରଖିଥିଲେ । ବର୍ତ୍ତମାନ ଏହି ଟୋପି ବର୍ତ୍ତମାନ ଅଷ୍ଟ୍ରେଲିଆ ମ୍ୟୁଜିୟମରେ ରଖାଯାଇ ସର୍ବସାଧାରଣଙ୍କ ଲାଗି ପ୍ରଦର୍ଶିତ କରାଯିବ ବୋଲି ଜଣାପଡ଼ିଛି । ପ୍ରକାଶଯୋଗ୍ୟ ୯୨ ବର୍ଷରେ ପ୍ରାଣ ହରାଇଥିବା ବ୍ରାଡ୍‌ମ୍ୟାନ ଅଷ୍ଟ୍ରେଲିଆ ପାଇଁ ୫୨ଟି ଟେଷ୍ଟ ଖେଳିଥିଲେ । ଟେଷ୍ଟରେ ତାଙ୍କ ଆଭରେଜ ୯୯.୯୪ ରହିଥିଲା ।

### ରଣଜୀ ଟ୍ରଫି ପ୍ଲେଟ୍ ଫାଇନାଲ

## ମଣିପୁରକୁ ୫୬୮ ରନରେ ହରାଇ ବିହାର ଚାମ୍ପିଅନ

**ପାଟନା, ୨୭ ।୧ (ଏଜେନ୍ସି):** ରଣଜୀ ଟ୍ରଫିର ପ୍ଲେଟ୍ ଡିଭିଜନରେ ବିହାର ଚାମ୍ପିଅନ ହୋଇଛି । ପାଟନାରେ ଅନୁଷ୍ଠିତ ଫାଇନାଲରେ ଶାକିବୁଲ୍ ଗାନିଙ୍କ ନେତୃତ୍ୱାଧୀନ ବିହାର ୫୬୮ ରନର ବିଶାଳ ବ୍ୟବଧାନରେ ମଣିପୁରକୁ ପରାସ୍ତ କରିଛି । ଏଥିସହ ଆସନ୍ତା ରଣଜୀ ସିଜନରୁ ବିହାର ଏଲିଟ୍ ପର୍ଯ୍ୟାୟରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି । ଏହି ମ୍ୟାଚରେ ବିହାର ପ୍ରଥମ ପାଳିରେ ୫୨୨ ରନ କରିଥିବାବେଳେ ମଣିପୁର ୨୬୪ରେ ସୀମିତ ରହିଥିଲା । ଏହାପରେ ଦ୍ୱିତୀୟ ପାଳିରେ ୬ ୱିକେଟରେ ୫୦୫ ରନ କରି ବିହାର ପାଳି ଘୋଷଣା କରିଥିଲା । ଫଳରେ ମଣିପୁର ସାମ୍ନାରେ ୭୬୪ ରନର ଟାର୍ଗେଟ୍ ଧାର୍ଯ୍ୟ ହୋଇଥିଲା । ଏହାକୁ ପିଛା କରି ମଣିପୁର ୪ର୍ଥ ଦିବସରେ ସୋମବାର ଦ୍ୱିତୀୟ ପାଳିରେ ୧୯୫ ରନରେ ସୀମିତ ରହିଥିଲା ।

## ଜାତୀୟ କ୍ରୀଡ଼ା ପ୍ରଶାସନ ଅଧିନିୟମକୁ ଓଓଏର ସ୍ୱାଗତ

**କଟକ,୨୭।୧(ସମିସ):** ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ନୂତନ କ୍ରୀଡା ଆଇନ “ଜାତୀୟ କ୍ରୀଡା ପ୍ରଶାସନ ଅଧିନିୟମ-୨୦୨୫’ କୁ ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ(ଓଓଏ) ପକ୍ଷରୁ ସ୍ୱାଗତ କରାଯାଇଛି । ଆସୋସିଏସନର ସଭାପତି ସମୀର ମହାନ୍ତି, ସମ୍ପାଦକ ଅଭିଜିତ ପାଲ୍ ଏବଂ ସମସ୍ତ ସଦସ୍ୟ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ଏହା ଅନ୍ତର୍ଜାତୀୟ ଖେଳାଳିମାନଙ୍କୁ ସିଧାସଳଖ କ୍ରୀଡା ପ୍ରଶାସନର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି । ନୂତନ ଅଧିନିୟମ ଅନୁଯାୟୀ, କ୍ରୀଡା ସଙ୍ଗଠନଗୁଡ଼ିକରେ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ମୁଖ୍ୟ କର୍ମକର୍ତ୍ତା ଭାବେ ବିବେଚିତ ହେବେ ଏବଂ ଅନ୍ତର୍ଜାତୀୟ ସ୍ତରର ଖେଳାଳିମାନେ ସିଧାସଳଖ ଏହି ପଦବୀ ତଥା କାର୍ଯ୍ୟକାରୀ କମିଟି ପାଇଁ ନିର୍ବାଚନ ଲଢ଼ିପାରିବେ । କାର୍ଯ୍ୟକାରୀ କମିଟିରେ ସଦସ୍ୟ ସଂଖ୍ୟା ସର୍ବାଧିକ ୧୫ ମଧ୍ୟରେ ସୀମିତ ରହିବା ସହ ସେଥିମଧ୍ୟରୁ ୪ ଜଣ ମହିଳା ରହିବା ବାଧ୍ୟତାମୂଳକ କରାଯାଇଛି, ଯାହା କ୍ରୀଡା କ୍ଷେତ୍ରରେ ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବ । ଏଥିସହ କମିଟିରେ ଆନ୍ତର୍ଜାତୀୟ ଖେଳାଳି ଓ ଆଥଲେଟିକ୍ସ କମିଟିରୁ ଜଣେ ଲେଖାଏଁ ମହିଳା ଓ ପୁରୁଷ ସଦସ୍ୟ ରହିବେ । ନିୟମ ଅନୁଯାୟୀ, ଜଣେ ବ୍ୟକ୍ତି ସର୍ବାଧିକ ତିନିଥର ପାଇଁ ପଦବୀରେ ରହିପାରିବେ ଏବଂ ପ୍ରାର୍ଥୀଙ୍କ ବୟସ ସୀମା ୭୦ ବର୍ଷ ଧାର୍ଯ୍ୟ କରାଯାଇଛି । ପୁନଃ ନିର୍ବାଚିତ ହେବା ପାଇଁ ଏକ ପୂର୍ଣ୍ଣାଙ୍ଗ କୁଲିଂ-ଅଫ୍ ପିରିୟଡ୍ ବା ବିରତି ରହିବା ଆବଶ୍ୟକ । ସରକାରଙ୍କ ନିର୍ଦ୍ଦେଶନାମା ମୁତାବକ, ସମସ୍ତ ଜାତୀୟ ଓ ରାଜ୍ୟ କ୍ରୀଡା ସଙ୍ଗଠନଗୁଡ଼ିକୁ ୩୦ ଜୁନ୍ ୨୦୨୬ ମଧ୍ୟରେ ସେମାନଙ୍କ ସମ୍ବିଧାନରେ ସଂଶୋଧନ ଆଣିବାକୁ ପଡ଼ିବ । ଯେଉଁ ସଙ୍ଗଠନଗୁଡ଼ିକର ନିର୍ବାଚନ ବାକି ଅଛି ସେମାନେ ଏହି ନୂତନ ଆଇନ ଅନୁଯାୟୀ ସମ୍ବିଧାନ ସଂଶୋଧନ କରି ୩୧ ଡିସେମ୍ବର ସୁଦ୍ଧା ନିର୍ବାଚନ ଶେଷ କରିବେ ।

## ଭୁବନେଶ୍ୱର ଜିମ୍ନାଷ୍ଟ ଦଳକୁ ୬ ପଦକ

**ଭୁବନେଶ୍ୱର, ୨୭ ।୧ (ସମିସ):** ପୁରୀର ଜଗନ୍ନାଥ ଷ୍ଟାଡିୟମରେ ୪୪ତମ ରାଜ୍ୟ ଜିମ୍ନାଷ୍ଟିକ ଚାମ୍ପିଅନସିପ୍ ଉଦଯାପିତ ହୋଇଯାଇଛି । ଏଥିରେ ଭୁବନେଶ୍ୱର ଜିମ୍ନାଷ୍ଟିକ ଦଳକୁ ୬ଟି ପଦକ ମିଳିଛି । ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ରହିଛି । ଦିବ୍ୟାଞ୍ଜଳୀ ମହନ୍ତ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି । ସେହିଭଳି ସରନ୍ୟା ମିଶ୍ର ୨ଟି, ଜେଏମ ରିତିକା ଦାସ ଓ ଭାସ୍କର ଭବିକ ବେଉରା ଗୋଟିଏ ଲେଖାଏ କାଂସ୍ୟ ପଦକ ହାସଲ କରିଛନ୍ତି । ପଦକ ବିଜେତାଙ୍କୁ ଭୁବନେଶ୍ୱର ସଂଘ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି ।

### ୧୯ ବର୍ଷରୁ କମ୍ ବିଶ୍ୱକପ୍

## ବିହାନଙ୍କ ଶତକରେ ଭାରତ ବିଜୟୀ

**ବୁଲାୱାୟୋ, ୨୭ ।୧ (ଏଜେନ୍ସି):** ଜିମ୍ବାୱେ ଓ ନାମିବ୍ୟାରେ ଚାଲିଥିବା ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍‌ରେ ଭାରତ ସୁପର୍-୬ରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି । ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୨୦୪ ରନର ବିଶାଳ ବ୍ୟବଧାନରେ ଘରୋଇ ଜିମ୍ବାୱେକୁ ମାତ୍ ଦେଇଛି । ଫଳରେ ସୁପର-୬’ରେ ଭାରତ ପଏଣ୍ଟ ଖାତା ଖୋଲିଛି । ଭାରତ ପରବର୍ତ୍ତୀ ମ୍ୟାଚରେ ଫେବୃଆରୀ ୧ରେ ପାକିସ୍ତାନକୁ ଭେଟିବ ।

ସ୍ଥାନୀୟ କୁଇନ୍ସ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ଭାରତ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା । ଓପନର୍ ବୈଭବ ସୂର୍ଯ୍ୟବଂଶୀ ଓ ଆରୋନ ଜର୍ଜ ପ୍ରଥମ ୱିକେଟ୍‌ରେ ୨୫ ବଲରୁ ୪୪ ରନ ସଂଗ୍ରହ କରି ଭଲ ପ୍ରାରମ୍ଭ ଦେଇଥିଲେ । ୧୬ ବଲରେ ୨୩ ରନ କରିଥିବାବେଳେ ଆରୋନ ଆଉଟ୍ ହୋଇଥିଲେ । ଏହାପରେ ବୈଭବ ଓ ଅଧିନାୟକ ଆୟୁଷ ମହାତ୍ରେ ଯୋଡ଼ି ଦଳୀୟ ସ୍କୋରକୁ ୧୦୦ ରନରେ ପହଞ୍ଚାଇଥିଲେ । ତେବେ ୨ଟି ବଲ ବ୍ୟବଧାନରେ ଉଭୟଙ୍କୁ ଆଉଟ୍ କରି ବାମହାତୀ ଦ୍ରୁତ ବୋଲର ତାତେନ୍ଦା ଚିମୁଗୋରୋ ଘରୋଇ ଜିମ୍ବାୱେକୁ ଡବଲ୍ ବ୍ରେକ୍ ଥ୍ରୁ ଦେଇଥିଲେ । ମହାତ୍ରେ ୨୧ ଓ ସୂର୍ଯ୍ୟବଂଶୀ ୩୦ ବଲରେ ୫୨ ରନ କରିଥିଲେ । ଏହି ଅର୍ଦ୍ଧଶତକୀୟ ପାଳିରେ ସେ ୪ଟି ଲେଖାଏ ଚୌକା ଓ ଛକା ମାରିଥିଲେ । ଏହାପରେ ବିହାନ ମାଲହୋତ୍ରାଙ୍କ ସହ ୱିକେଟ୍‌କିପର ଅଭିଜ୍ଞାନ କୁଣ୍ଡୁ ଦମ୍‌ଦାର ବ୍ୟାଟିଂ କରିବାରୁ ଭାରତୀୟ ଯୁବ ଦଳ ୫୦ ଓଭରରେ ୮ ୱିକେଟ୍ ହରାଇ ୩୫୨ ରନର ବିଶାଳ ସ୍କୋର ଠିଆ କରାଇଥିଲା । ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା ବାମହାତୀ ବ୍ୟାଟର୍ ମାଲହୋତ୍ରା ୧୦୭ ବଲରୁ ୧୦୯ ରନ କରିଥିଲେ । ସେହିଭଳି କୁଣ୍ଡୁ ୫ଟି ଚୌକା ଓ ଗୋଟିଏ ଛକା ବଳରେ ୬୨ ବଲରୁ ୬୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଜବାବରେ ଏହି ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଜିମ୍ବାୱେ ୩୭.୪ ଓଭରରେ ୧୪୮ ରନରେ ଅଲ୍‌ଆଉଟ୍ ହୋଇଥିଲା । ଭାରତ ପକ୍ଷରୁ ଉଦ୍ଧବ ମୋହନ ଓ ଆୟୁଷ୍ ମହାତ୍ରେ ୩ଟି ଲେଖାଏଁ ଏବଂ ଆରଏସ୍ ଆମ୍ବ୍ରିସଙ୍କୁ ୨ଟି ୱିକେଟ୍ ମିଳିଥିଲା ।



### ● ଚତୁର୍ଥ ଟି-୨୦ ଆଜି

## ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ

**ବିଶାଖାପାଟନା, ୨୭ ।୧ (ଏଜେନ୍ସି):** ଘରୋଇ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ଟି-୨୦ ସିରିଜର ୪ର୍ଥ ମ୍ୟାଚ ବୁଧବାର ବିଶାଖାପାଟନାରେ ଖେଳାଯିବ । ପୂର୍ବରୁ ପ୍ରଥମ ୩ଟି ମ୍ୟାଚକୁ ଯଥାକ୍ରମେ ୪୮ ରନ, ୭ ୱିକେଟ୍ ଓ ୮ ୱିକେଟରେ ଜିତି ଭାରତ ୩-୦ରେ ଆଗୁଆ ସିରିଜ କବ୍‌ଜା କରିସାରିଛି । ବିଶ୍ୱକପ୍ ପୂର୍ବରୁ ସିରିଜ ବିଜୟୀ ହୋଇସାରିଥିବାରୁ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଖେଳାଳିଙ୍କ ମନୋବଳ ବେଶ୍ ଦୃଢ଼ ରହିଛି । ତେଣୁ ଭାରତ ବିଶ୍ୱକପ୍ ପୂର୍ବରୁ ଏହାର ଶେଷ ଦୁଇଟି ମ୍ୟାଚ୍‌ରେ କମ୍ବିନେସନ ଉପରେ ଗୁରୁତ୍ୱ ଦେବ । ବିଶେଷ କରି ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ବରିଷ୍ଠ ୱିକେଟକିପର ସଞ୍ଜୁ ସାମସନଙ୍କ ଫର୍ମକୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି । ସାମସନ ପ୍ରଥମ ଦୁଇଟି ମ୍ୟାଚରେ ୧୦ ଓ ୬ ରନ କରିଥିବାବେଳେ ଶେଷ ଟି-୨୦ରେ ‘ଗୋଲ୍ଡେନ ଡକ୍’ରେ ଆଉଟ୍ ହୋଇଥିଲେ । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ୱିକେଟ୍‌କିପର ଇଶାନ କିଶାନ ୨ୟ ଟି-୨୦ରେ ୩୨ ବଲରେ ୭୬ ରନର ବିସ୍ଫୋରକ ପାଳି ଖେଳି ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଅପରପକ୍ଷରେ ଚଳିତ ସିରିଜରେ ଦୁଇ ଅଭିଜ୍ଞ ସ୍ପିନର କୁଲଦୀପ୍ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ଶ୍ରେଷ୍ଠ ଫର୍ମକୁ ଫେରିବା ଲାଗି ସଂଘର୍ଷ କରୁଛନ୍ତି । ତେଣୁ ଶେଷ ଦୁଇ ମ୍ୟାଚ ଉଭୟଙ୍କ ଲାଗି ବେଶ୍ ଗୁରୁତ୍ୱବହନ କରୁଛି । ସେହିଭଳି ସିରିଜ ବିଜୟୀ ହୋଇସାରିଥିବାରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟିମ୍ ମ୍ୟାନେଜମେଣ୍ଟ ଶେଷ ଦୁଇ ମ୍ୟାଚରେ ବିଶ୍ରାମ ଦେଇପାରନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି । ଅପରପକ୍ଷରେ ମିଚେଲ ସାଣ୍ଟନରଙ୍କ ନେତୃତ୍ୱାଧୀନ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସିରିଜ ହାରିସାରିଛି । କିନ୍ତୁ ଶେଷ ଦୁଇ ମ୍ୟାଚରେ ବିଜୟୀ ହୋଇ ଦଳ ମନୋବଳ ଦୃଢ଼ ମନୋବଳ ସହ ବିଶ୍ୱକପ୍ ଖେଳିବାକୁ ଲକ୍ଷ୍ୟ ରଖିଛି । ତେବେ ପ୍ରଥମ ୩ଟି ମ୍ୟାଚରେ କିୱି ଦଳର ବୋଲିଂ ବିଭାଗ ଫେଲ୍ ମାରିବା ଦଳ ପାଇଁ ଚିନ୍ତାର କାରଣ ପାଲଟିଛି ।

**ମ୍ୟାଚ୍ ଆରମ୍ଭ: ରାତି ୭ଟା**
**ସ୍ଥାନ: ବିଶାଖାପାଟନା**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ/ ଜିଓ ହଟଷ୍ଟାର**

### ମହିଳା ପ୍ରିମିଅର ଲିଗ୍

## ବ୍ରଣ୍ଟଙ୍କ ଶତକରେ ମୁମ୍ବାଇର ବାଜିମାତ୍

**ଭଦୋଦରା, ୨୭ ।୧ (ଏଜେନ୍ସି):** ଇଂଲଣ୍ଡର ଅଭିଜ୍ଞ ଖେଳାଳି ନାଟାଲୀ ସ୍କିଭର-ବ୍ରଣ୍ଟଙ୍କ ଦମଦାର ଶତକ ବଳରେ ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ମୁମ୍ବାଇ ଇଣ୍ଡିଆନ୍ସ ୩ୟ ବିଜୟ ହାସଲ କରିଛି । ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ ମୁମ୍ବାଇ ୧୫ ରନରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ପରାସ୍ତ କରିଛି । ଫଳରେ କ୍ରମାଗତ ୫ଟି ମ୍ୟାଚ୍ ଜିତିଥିବା ଆର୍‌ସିବି ଲଗାତର ୨ଟି ମ୍ୟାଚ ହାରିଯାଇଛି । ଏହାସତ୍ତ୍ୱେ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଆରସିବି ୭ ମ୍ୟାଚରୁ ୧୦ ପଏଣ୍ଟ ପାଇ ଟେବଲ୍ ଶୀର୍ଷରେ ଦୃଢ଼ ସ୍ଥିତିରେ ରହିଛି । ସପ୍ତମ ମ୍ୟାଚରୁ ୩ୟ ବିଜୟ ହାସଲ କରିଥିବା ମୁମ୍ବାଇ ୬ ପଏଣ୍ଟ ପାଇ ତୃତୀୟ ସ୍ଥାନକୁ ଉଠିଛି ।



ଲିଗର ଏହି ୧୬ତମ ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ନାଟାଲୀ ସ୍କିଭର-ବ୍ରଣ୍ଟଙ୍କ ଶତକ ଓ ଓପନର୍ ଆଲିସେ ହେଲୀଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୪ ୱିକେଟ୍‌ରେ ୧୯୯ ରନର ବିଶାଳ ସ୍କୋର କରିଥିଲା । ବ୍ରଣ୍ଟ ୫୭ ବଲରେ ୧୦୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ । ଏହି ପାଳିରେ ସେ ୧୬ ଚୌକା ଓ ଗୋଟିଏ ଛକା ମାରିଥିଲେ । ସେହିଭଳି ମାଥ୍ୟୁସ ୩୯ ବଲରେ ୫୬ ରନ କରିଥିଲେ । ଦ୍ୱିତୀୟ ୱିକେଟ ଭାଗୀଦାରିରେ ମାଥ୍ୟୁସ ଓ ବ୍ରଣ୍ଟ ଯୋଡ଼ି ୭୩ ବଲକୁ ୧୩୧ ରନ ଉଠାଇଥିଲେ । ଜବାବରେ ୱିକେଟକିପର ରିଚା ଘୋଷଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ଆରସିବି ୯ ୱିକେଟ୍‌ରେ ୧୮୪ ରନ କରିବାକୁ ସମର୍ଥ ହୋଇଥିଲା । ରିଚା ୬ଟି ଛକା ଓ ୧୦ଟି ଚୌକା ସହାୟତାରେ ୫୦ ବଲରେ ୯୦ ରନ କରିଥିଲେ । ବୋଲିଂରେ ମାଥ୍ୟୁସ ୩ଟି ଏବଂ କେର୍ ଓ ସବନିମ ଇସମାଇଲ ୨ଟି ଲେଖାଏ ୱିକେଟ୍ ନେଇଥିଲେ ।


**ଗୁଜରାଟର ୩ୟ ବିଜୟ**

ଅପରପକ୍ଷରେ ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଗୁଜରାଟ ଜାଏଣ୍ଟ୍ସ ରୋମାଞ୍ଚକ ଭାବେ ୩ ରନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇଦେଇଛି । ବେଥ ମୁନୀଙ୍କ ୫୮ ରନ ବଳରେ ଗୁଜରାଟ ୯ ୱିକେଟରେ ୧୭୪ ରନ କରିଥିଲା । ଶ୍ରୀଚରଣିଙ୍କୁ ୪ଟି ୱିକେଟ୍ ମିଳିଥିଲା । ଜବାବରେ ଦିଲ୍ଲୀ ୮ ୱିକେଟରେ ୧୭୧ ରନ କରିବାକୁ ସମର୍ଥ ହୋଇଥିଲା । ସୋଫି ଡିଭାଇନ ୪ଟି ୱିକେଟ ନେଇ ଗୁଜରାଟ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

### ଅଷ୍ଟ୍ରେଲିଆନ ଓପନ୍

## ପ୍ରଥମଥର ପାଇଁ ସେମିରେ ଆଲ୍‌କାରାଜ

**ମେଲବୋର୍ଣ୍ଣ, ୨୭ ।୧ (ଏଜେନ୍ସି):** ଟପ୍ ସିଡ୍ କାର୍ଲୋସ ଆଲ୍‌କାରାଜ ଓ ଆରିନା ସାବାଲେଙ୍କା ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି । ମଙ୍ଗଳବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ଲଢ଼େଇରେ ସ୍ପାନିଶ ତାରକା ଆଲ୍‌କାରାଜ ୭-୫, ୬-୨, ୬-୧ ସେଟ୍‌ରେ ଘରୋଇ ଅଷ୍ଟ୍ରେଲିଆର ୬ଷ୍ଠ ସିଡ୍ ଆଲେକ୍ସ ଡି ମିନାଉରନଙ୍କୁ ପରାସ୍ତ କରିଥିଲେ । ଛଅଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ବିଜୟୀ ହୋଇଥିବା ୨୨ ବର୍ଷୀୟ ଆଲ୍‌କାରାଜ ଏଥିସହ କ୍ୟାରିୟରରେ ପ୍ରଥମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଫଳରେ ଅନ୍ୟ ୩ଟି ଗ୍ରାଣ୍ଡସ୍ଲାମ ଜିତି ସାରିଥିବା ଆଲ୍‌କାରାଜଙ୍କ ନିକଟରେ ପ୍ରଥମ ଅଷ୍ଟ୍ରେଲିଆନ୍ ଓପନ ଟ୍ରଫି ଜିତିବାର ସୁଯୋଗ ସୃଷ୍ଟି ହୋଇଛି । ସେମିଫାଇନାଲରେ ତାଙ୍କର ମୁକାବିଲା ଗତ ସଂସ୍କରଣର ଉପବିଜେତା ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭଙ୍କ ସହ ହେବ । ତୃତୀୟ ସିଡ୍ ଜ୍ୱେରେଭ ଅନ୍ୟ ଏକ କ୍ୱାର୍ଟରରେ ୬-୩, ୬-୭ (୫), ୬-୧, ୭-୬ (୩) ସେଟରେ ଆମେରିକାର ଲିର୍ନର ତିଏନଙ୍କୁ ପରାସ୍ତ କରିଥିଲେ ।





**୩ୟ ଟାଇଟଲ୍ ଅଭିମୁଖେ ସାବାଲେଙ୍କା; ଗଫ୍ ନିରାଶ**

ଅପରପକ୍ଷରେ ମହିଳା ବିଭାଗରେ ବେଲାରୁଷ ତାରକା ଆରିନା ସାବାଲେଙ୍କା ୩ୟ ଅଷ୍ଟ୍ରେଲିଆନ ଓପନ୍ ଜିତିବା ଅଭିମୁଖେ ଅଗ୍ରସର ହୋଇଛନ୍ତି । ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସାବାଲେଙ୍କା ୬-୩, ୬-୦ ସିଧାସଳଖ ସେଟ୍‌ରେ ୨୯ତମ ସିଡ୍ ଇଭା ଜୋଭିକଙ୍କୁ ହରାଇ ସେମିରେ ପହଞ୍ଚିଛନ୍ତି । ସେମିଫାଇନାଲରେ ସାବାଲେଙ୍କାଙ୍କ ମୁକାବିଲା ୧୨ତମ ସିଡ୍ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କ ସହ ହେବ । ଅନ୍ୟ ଏକ କ୍ୱାର୍ଟରରେ ଏଲିନା ୬-୧, ୬-୨ ସେଟ୍‌ରେ ୩ୟ ସିଡ୍ କୋକୋ ଗଫ୍‌ଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଥିଲେ ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS